# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର,ଏପ୍ରିଲ ୧୨/୨୦୧୯ ( ୧୬ ପୃଷ୍ଠା) Dhenkanal, Friday, April 12 / 2019 ★★★★★

୧୫ଶ ଭାଗ ୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






Call 7219821111 or visit : www.bajajauto.com/doubleshagun | For Institutional / Bulk orders, please send an e-mail to corporatesales@bajajauto.co.in | **Offer valid till 30th April 2019.**

#ଏକ୍ସ ଶୋରୁମ୍ ଓଡ଼ିଶା ମୂଲ୍ୟ CT100 KS ସ୍ପୋକ୍ ଓ Platina 100 ES ସକାଶେ । *ସର୍ତ୍ତ ଓ ନିୟମାବଳୀ ଲାଗିବ । ଫ୍ରୀ 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ CT100 ES, CT100 KS ଆଲୟ, Platina 100 ES ଆଉ Platina 110 ସକାଶେ ମିଳୁଛି, କେବଳ ବଛା ବଛା ପ୍ରଦେଶରେ । ଫ୍ରୀ 5 ବର୍ଷର ୱାରେଣ୍ଟୀ ଯାବତୀୟ ବଜାଜ ବାଇକ୍ ସକାଶେ ସବୁ ପ୍ରଦେଶରେ ମିଳୁଛି । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/doubleshagun । ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍‌କୁ ସଂଶୋଧନ କରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ତୃତୀୟ ପକ୍ଷ ବୀମା ଓ ବାଧ୍ୟତାମୂଳକ ପର୍ସନାଲ୍ ଆକ୍ସିଡେଣ୍ଟ କଭର୍ ମାଗଣା ବୀମା ଅଫର୍ ଅନ୍ତର୍ଭୁକ୍ତ ନୁହେଁ । ଇନ୍ସ୍ୟୋରର୍ ମାନଙ୍କ ସୂଚୀ ନିଦର୍ଶକ ଅଟେ, ଯାହା ପ୍ରତି ବିକ୍ରେତା ଡୀଲରଙ୍କ ଠାରେ ଭିନ୍ନ ହୋଇପାରେ । ଉଦ୍ଧୃତ ବୀମା ସଞ୍ଚୟ ରାଶି ବିକ୍ରେତା ଡୀଲର୍ ବା ଇନ୍ସ୍ୟୋରର୍ ମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । **ବଜାଜ ଅଟୋ କୌଣସି ପ୍ରକାରର ବୀମା ପଲିସୀ ବିକ୍ରୀରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ନୁହେଁ ।** ପେଟିଏମ୍ ଅଫର୍ ପେଟିଏମ୍ ତଥା ସମ୍ବନ୍ଧିତ ଡୀଲର୍ ଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ପେଟିଏମ୍ ଅଫର୍ କେବଳ ବଛା ବଛା ଉତ୍ପାଦ ଓ ବଛା ବଛା ଡୀଲରଶିପ୍ ଠାରେ ପ୍ରଯୁଜ୍ୟ । ପେଟିଏମ୍ ଅଫର୍ ମିଳିବା ଡୀଲରଙ୍କ ବିବେଚନା ଉପରେ ନିର୍ଭର କରେ । **ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ପ୍ରୋସେସିଙ୍ଗ ଫୀସ୍ ଅତିରିକ୍ତ ।

**Authorised Dealers for Bajaj Auto Ltd.:** Angul: JAMUNA BAJAJ 7682899351 • Dhenkanal SHIVAM BAJAJ 7873922722 • Keonjhar JR BAJAJ 9439008692 / 06766254999• Rourkela RM BAJAJ 9078083803. **Authorised Service Centre:** Kamakhayanagar 9437079287, Barbil 9437086335, Jashipur 9437443161. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Bhuban 9438570111.



“ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହାର ନୀତି ଓ ଯୋଜନାଗୁଡ଼ିକ ଜରିଆରେ ଗରିବଙ୍କୁ ଆହୁରି ଗରିବ ଏବଂ ଧନୀଙ୍କୁ ଅଧିକ ଧନୀରେ ପରିଣତ କରିଦେଇଛି।

– ମାୟାବତୀ, ବିଏସ୍‌ପି ସୁପ୍ରିମୋ



## ୬ କେନ୍ଦ୍ରମନ୍ତ୍ରୀ



ନୀତିନ ଗଡ଼କରୀ, ନାଗପୁର



କିରେନ୍ ରିଜିଜୁ, ଅରୁଣାଚଳ ୱେଷ୍ଟ




ଭି.କେ. ସିଂ, ଗାଜିଆବାଦ



ମହେଶ ଶର୍ମା, ଗୌତମ ବୁଦ୍ଧ ନଗର



ହଂସରାଜ ଅହିର, ଚନ୍ଦ୍ରପୁର



ସତ୍ୟପାଲ ସିଂ, ବାଗପତ

## ୬ ହେଭିୱେଟ୍



ଅଜିତ ସିଂ, ମୁଜାଫରନଗର



ରେଣୁକା ଚୌଧୁରୀ, ଖାମ୍ମାମ



କେ. କବିଥା, ନିଜାମାବାଦ



ଅସାଦୁଦ୍ଦିନ ଓ୍ୱାଇସି, ହାଇଦ୍ରାବାଦ



ଚିରାଗ ପାଶ୍ୱାନ, ଜାମୁଇ



ଗୌରବ ଗୋଗୋଇ, କାଲିଆବୋର

### ■ ପ୍ରଥମ ପର୍ଯ୍ୟାୟ ନିର୍ବାଚନ:୯୧ ଆସନରେ ମତଦାନ

# ଇଭିଏମ୍‌ରେ ୧,୨୭୯ ପ୍ରାର୍ଥୀଙ୍କ ଭାଗ୍ୟ

ନୂଆଦିଲ୍ଲୀ,୧୧।୪

ଭୋଟ ମହାପର୍ବର ବହୁପ୍ରତୀକ୍ଷିତ ପ୍ରଥମ ପର୍ଯ୍ୟାୟ ମତଦାନ ଗୁରୁବାର ଶେଷ ହୋଇଛି। ୧୮ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ୯୧ ଲୋକ ସଭା ଆସନରେ ଭୋଟଗ୍ରହଣ କରାଯାଇଛି। ମୋଟ ୧୪.୨୧ କୋଟି ମତଦାତାଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହାସହ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ୍ (ଇଭିଏମ୍)ରେ ବନ୍ଦ ହୋଇଯାଇଛି ୧,୨୭୯ ପ୍ରାର୍ଥୀଙ୍କ ଭାଗ୍ୟ, ଯାହା ସମସ୍ତ ୭ଟି ପର୍ଯ୍ୟାୟ ନିର୍ବାଚନ ଶେଷହେବା ପରେ ମେ ୨୩ରେ ଫିଟିବ।

ସମସ୍ତ ପର୍ଯ୍ୟାୟ ନିର୍ବାଚନ ମଧ୍ୟରୁ ତୃତୀୟ ସର୍ବାଧିକ ଲୋକ ସଭା ଆସନରେ ଗୁରୁବାର ଭୋଟଗ୍ରହଣ କରାଯାଇଛି। ସେଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ (୨୫), ଅରୁଣାଚଳ (୨), ଆସାମ (୫), ବିହାର (୪), ଛତିଶଗଡ଼ (୧), ଜମ୍ମୁ ଓ କଶ୍ମୀର (୨), ମହାରାଷ୍ଟ୍ର (୭), ମଣିପୁର (୧), ମେଘାଳୟ (୨), ମିଜୋରାମ (୧), ନାଗାଲାଣ୍ଡ (୧), ଓଡ଼ିଶା (୪), ସିକିମ (୧), ତେଲେଙ୍ଗାନା (୧୭), ତ୍ରିପୁରା (୧), ୟୁପି (୮), ଉତ୍ତରାଖଣ୍ଡ (୫), ପଶ୍ଚିମବଙ୍ଗ (୨), ଆଣ୍ଡାମାନ (୧) ଏବଂ ଲାକ୍ଷାଦ୍ୱୀପର ଗୋଟିଏ ଆସନ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ତେବେ ଆସାମ, ଅରୁଣାଚଳ, ସିକିମ ଓ ତ୍ରିପୁରା ୱେଷ୍ଟରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ମତଦାନ ହୋଇଥିଲା। ସେହିପରି ମଣିପୁର, ନାଗାଲାଣ୍ଡ ଓ ମେଘାଳୟରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଛି। ଏଥିପାଇଁ ୧୪,୨୧, ୬୯,୫୩୭ ଭୋଟରଙ୍କ ଲାଗି ୧,୭୦,୬୬୪ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଥିଲା। ୭,୨୨,୧୭,୭୩୩ ପୁରୁଷ ଓ ୬,୯୮,୫୫,୯୩୧ ମହିଳା ଭୋଟର ଥିବାବେଳେ ୭,୭୬୪ ତୃତୀୟ ଲିଙ୍ଗ ମତଦାତା ଭୋଟ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

ଏହି ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି ୬ କେନ୍ଦ୍ରମନ୍ତ୍ରୀ। ସେମାନେ ହେଲେ ନୀତିନ ଗଡ଼କରୀ (ମହାରାଷ୍ଟ୍ରର ନାଗପୁର), କିରେନ୍ ରିଜିଜୁ (ଅରୁଣାଚଳ ୱେଷ୍ଟ), ଭି.କେ. ସିଂ (ୟୁପିର ଗାଜିଆବାଦ), ମହେଶ ଶର୍ମା (ୟୁପିର ଗୌତମ ବୁଦ୍ଧ ନଗର), ହଂସରାଜ ଅହିର (ମହାରାଷ୍ଟ୍ରର ଚନ୍ଦ୍ରପୁର) ଓ ସତ୍ୟପାଲ ସିଂ (ୟୁପିର ବାଗ୍‌ପତ)। ମୋଦି କ୍ୟାବିନେଟର ସବୁଠୁ କାମିକା ମନ୍ତ୍ରୀ ଗଡ଼କରୀଙ୍କ ବିରୋଧରେ ଭାଜପାର ବିଦ୍ରୋହୀ ନେତା ନାନା ପାଟୋଲଙ୍କୁ କଂଗ୍ରେସ ଟିକେଟ ଦେଇଛି। ସେହିପରି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ରିଜିଜୁଙ୍କ ବିରୋଧରେ ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ନବାମ୍ ତୁକି ଏବଂ ନ୍ୟାଶନାଲ ପିପୁଲ୍ସ ପାର୍ଟିର ଖ୍ୟୋଦା ଅପିକ୍ ପ୍ରାର୍ଥୀ ହୋଇଛନ୍ତି। ପଶ୍ଚିମ ୟୁପିର ଗାଜିଆବାଦରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂଙ୍କ ବିରୋଧରେ କଂଗ୍ରେସ ଡୋଲି ଶର୍ମାଙ୍କୁ ମଇଦାନକୁ ଓହ୍ଲାଇଥିବାବେଳେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମହାମେଣ୍ଟ ପକ୍ଷରୁ ସୁରେଶ ବଂଶଲଙ୍କୁ ପ୍ରାର୍ଥୀ କରାଯାଇଛି। ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କ ବିରୋଧରେ ବିଏସ୍‌ପିର ସତବୀର ନାଗର ଓ କଂଗ୍ରେସର ଅରବିନ୍ଦ ସିଂଙ୍କ ସମେତ ଅନ୍ୟ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଛନ୍ତି। ୟୁପିର ମୁଜାଫରନଗର ଆସନରେ ଆର୍‌ଏଲ୍‌ଡି ଅଧ୍ୟକ୍ଷ ଅଜିତ୍ ସିଂ ବିରୋଧୀ ମହାମେଣ୍ଟ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଞ୍ଜୀବ ବାଲ୍ୟାନଙ୍କୁ ଭାଜପା ମଇଦାନକୁ ଓହ୍ଲାଇଛି। ପଶ୍ଚିମ ୟୁପିର ବାଗ୍‌ପତରେ କେନ୍ଦ୍ରମନ୍ତ୍ରୀ ସତ୍ୟପାଲ ସିଂଙ୍କ ବିରୋଧରେ ଆର୍‌ଏଲ୍‌ଡିର ଜୟନ୍ତ ଚୌଧୁରୀ ଲଢ଼ୁଛନ୍ତି। ୨୦୧୪ରେ ଏହି ଆସନରେ ଜୟନ୍ତଙ୍କ ବାପା ଅଜିତ ସିଂଙ୍କୁ ସତ୍ୟପାଲ ହରାଇଥିଲେ। ଅଭିନେତାରୁ ରାଜନେତା ପାଲଟିଥିବା ଏଲ୍‌ଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପୁଅ ଚିରାଗ ପାଶ୍ୱାନ ବିହାରର ଜାମୁଇରୁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଭାଜପାର ଅନେକ ଷ୍ଟାର କ୍ୟାମ୍ପେନର ତାଙ୍କ ପାଇଁ ପ୍ରଚାର କରିଛନ୍ତି। ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ପୁଅ ଗୌରବ ଗୋଗୋଇ କାଲିଆବୋର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ଅସମ୍ ଗଣ ପରିଷଦର ମୋନି ମାଧବ ମହନ୍ତ ନିର୍ବାଚନ ଲଢ଼ିଛନ୍ତି। ସେହିପରି କଂଗ୍ରେସ ନେତା ରେଣୁକା ଚୌଧୁରୀ ତେଲେଙ୍ଗାନାର ଖମ୍ମାମ୍‌ରୁ ନିର୍ବାଚନ ଲଢ଼ୁଛନ୍ତି। ତାଙ୍କ ବିରୋଧରେ ପୂର୍ବତନ ମନ୍ତ୍ରୀ ଦେବକୀ ବସୁଦେବ ରାଓଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ୍ ଓ୍ୱାଇସି (ହାଇଦ୍ରାବାଦ), ତେଲେଙ୍ଗାନା କଂଗ୍ରେସ ସଭାପତି ଏନ୍. ଉତ୍ତମ କୁମାର ରେଡ୍ଡୀ (ନାଲଗୋଣ୍ଡା) ଏବଂ ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିଥା (ନିଜାମାବାଦ) ହେଉଛନ୍ତି ଅନ୍ୟ ପ୍ରମୁଖ ପ୍ରାର୍ଥୀ।



### ତ୍ରିପୁରାରେ ସର୍ବାଧିକ ୮୧.୮%

ନୂଆଦିଲ୍ଲୀରେ ବରିଷ୍ଠ ନିର୍ବାଚନ ଉପାୟୁକ୍ତ ଉମେଶ ସିହ୍ନା କହିଛନ୍ତି, ତ୍ରିପୁରାରେ ସର୍ବାଧିକ ୮୧.୮% ମତଦାନ ହୋଇଛି। ଏହା ତଳକୁ ରହିଛି ପଶ୍ଚିମବଙ୍ଗ ୮୧% ଓ ମଣିପୁର ୭୮.୨%। ସେହିପରି ନାଗାଲାଣ୍ଡରେ ୭୮%, ଆନ୍ଧ୍ରପ୍ରଦେଶରେ ୭୪%, ଆସାମ ଏବଂ ଓଡ଼ିଶାରେ ୬୮% ଲେଖାଏ ମତଦାନ ହୋଇଛି। ସିକିମରେ ୬୯%, ଜମ୍ମୁରେ ୭୨%, ୟୁପିରେ ୬୩%, ମହାରାଷ୍ଟ୍ରରେ ୫୬%, ବିହାରରେ ୫୩%, ଉତ୍ତରାଖଣ୍ଡରେ ୫୮%, ଛତିଶଗଡ଼ରେ ୫୬%, ତେଲେଙ୍ଗାନାରେ ୬୦%, ମେଘାଳୟରେ ୬୨% ଓ ନିକୋବରରେ ପ୍ରାୟ ୮୦% ଭୋଟଗ୍ରହଣ କରାଯାଇଛି।

## ୬୦ ଟ୍ରକ୍ ଡ୍ରାଇଭରଙ୍କୁ ଅପହରଣ କଲା ତାଲିବାନ

ଆୟବକ,୧୧।୪

ଆଫଗାନିସ୍ତାନର ସମନ୍‌ଘାନ ପ୍ରଦେଶରୁ ଗୁରୁବାର ତାଲିବାନ ଆତଙ୍କବାଦୀମାନେ ୬୦ ଜଣ ଟ୍ରକ୍ ଡ୍ରାଇଭରଙ୍କୁ ଅପହରଣ କରିନେଇଛନ୍ତି। ସେମାନଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନିଆଯାଇଥିବା ପ୍ରାଦେଶିକ କାଉନସିଲ୍ ମୁଖ୍ୟ ହାଜି ରାଜ୍ ମହମ୍ମଦ୍ ମୋଆହିଦି ସୂଚନା ଦେଇଛନ୍ତି। ଆତଙ୍କବାଦୀମାନେ ମାସିକ ଶୁଳ୍କ ବାବଦରେ ପ୍ରତି ଟ୍ରକ୍ ଡ୍ରାଇଭରଙ୍କ ଉପରେ ୭,୦୦୦ ଆଫଗାନୀ (୯୩ ଡଲାର) ଧାର୍ଯ୍ୟ କରିଥିଲେ। ଧାର୍ଯ୍ୟ ଶୁଳ୍କ ନ ଦେଲେ ସେମାନଙ୍କୁ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦେଇଥିଲେ। ତେବେ ଅପହୃତ ଡ୍ରାଇଭରଙ୍କୁ ଉଦ୍ଧାର କରିବା ଲାଗି ପୋଲିସ ତଲାସି ଅଭିଯାନ ଚଳାଇଛି।

## କୋହିନୁର ହୀରା ଫେରାଇବାକୁ ପାକ୍‌ର ଦାବି

ଇସଲାମାବାଦ,୧୧।୪: ପାକିସ୍ତାନର ସୂଚନା ମନ୍ତ୍ରୀ ଫୱାଦ ଚୌଧୁରୀ ଗୁରୁବାର ପ୍ରସିଦ୍ଧ କୋହ-ଇ-ନୁର ହୀରା ଫେରାଇଦେବା ଲାଗି ବ୍ରିଟେନ୍‌କୁ ଅନୁରୋଧ କରିଛନ୍ତି। ଉକ୍ତ ହୀରା ଫେରାଇଦେବାକୁ ପୂର୍ବରୁ ଭାରତ, ଆଫଗାନିସ୍ତାନ, ପାକିସ୍ତାନ ଏବଂ ଇରାନ ମଧ୍ୟ ଅନୁରୂପ ଅନୁରୋଧ କରିଥିଲେ। ୧୦୫ କ୍ୟାରଟ ବିଶିଷ୍ଟ ଏହି ହୀରା ଦୀର୍ଘ ୧୫୦ବର୍ଷ ଧରି ବ୍ରିଟିଶ ରାଜମୁକୁଟର ଏକ ଅଂଶବିଶେଷ ହୋଇ ରହିଆସିଛି।

[ଇତିହାସର ଆଇନାରେ]

### ଏପ୍ରିଲ ୧୨ର ପ୍ରମୁଖ ଘଟଣା

୨୦୦୯ ଏପ୍ରିଲ ୧୨ରେ ଜିମ୍ବାୱେ ସରକାରୀ ଭାବେ ଜିମ୍ବାୱିଆନ୍ ଡଲାର ନିଷିଦ୍ଧ କଲା। ଏହି କରେନ୍ସି ୧୯୮୦ଠାରୁ ସରକାରୀ କରେନ୍ସି ଭାବେ ପ୍ରଚଳିତ ହୋଇ ଆସୁଥିଲା। ଏହି ସମୟ ମଧ୍ୟରେ ଦେଶର ଅର୍ଥନୀତି ହାରାହାରି ମୁଦ୍ରାସ୍ଫୀତିଠାରୁ ଅଧିକ ରହୁଥିବାରୁ ଉକ୍ତ କରେନ୍ସିକୁ ପ୍ରତ୍ୟାହାର କରି ନିଆଯାଇଥିଲା।

୨୦୧୩ ଏପ୍ରିଲ ୧୨ରେ ମାଲିର କିଦାଲ ମାର୍କେଟରେ ଦୁଇଟି ଆତ୍ମଘାତୀ ବୋମା ବିସ୍ଫୋରଣରେ ୩ ଚାଦିଆନ୍ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ମାଲିର ଉତ୍ତରଭାଗସ୍ଥ ଅନୁର୍ବର ଅଞ୍ଚଳରେ କିଦାଲ ହେଉଛି ଏକ ଛୋଟ ସହର। ଏହା ଗାଓର ଉତ୍ତରଭାଗକୁ ୨୮୫ କିଲୋମିଟର ଦୂରରେ ଅବସ୍ଥିତ।

## ଏନ୍‌କାଉଣ୍ଟରରେ ମାଓବାଦୀ ନିହତ

ରାୟପୁର/ବିଜାପୁର,୧୧।୪(ପି.ଟି.)

ଛତିଶଗଡର ବସ୍ତର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ଦିନ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ନାରାୟଣପୁର ଜିଲାର ଓର୍ଚ୍ଛା ଅଞ୍ଚଳରେ ମାଓବାଦୀ ହେଲିପ୍ୟାଡ ଜଗିଥିବା ଯବାନଙ୍କ ଉପରେ ଆକ୍ରମଣ କରିବାରୁ ସେମାନଙ୍କ ସହ ସୁରକ୍ଷାବଳର ଗୁଳି ବିନିମୟ ହୋଇଥିଲା। ସୁରକ୍ଷା ବାହିନୀ ପକ୍ଷରୁ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି।

ଅନ୍ୟପକ୍ଷରେ ଛତିଶଗଡର ବିଜାପୁର ଜିଲାରେ ସର୍ଚ୍ଚ ଅପରେଶନ ବେଳେ ୪ ମାଓବାଦୀ ଗିରଫ ହେବା ସହ ସେମାନଙ୍କ ନିକଟରୁ ୩ଟି ବନ୍ଧୁକ ଜବତ ହୋଇଛି। ଗୁରୁବାର ଭୋର ସମୟରେ ନାରାୟଣପୁର ଜିଲାରେ ମାଓବାଦୀ ଆଇଇଡି ବିସ୍ଫୋରଣ ଘଟାଇଥିଲେ। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି। ମାଓବାଦୀ ଅଧ୍ୟୁଷିତ ବସ୍ତର ନିର୍ବାଚନ ମଣ୍ଡଳୀରେ ଗୁରୁବାର ମତଦାନ ପାଇଁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପାଖାପାଖି ୮୦ ହଜାର ଅର୍ଦ୍ଧସାମରିକ ଯବାନ ଓ ପୋଲିସଙ୍କୁ ସେଠାରେ ନିୟୋଜିତ କରାଯାଇଥିଲା।

### ■ ନାମାଙ୍କନପତ୍ର ଦାଖଲ କଲେ

# ରାଏବରେଲିରୁ ସୋନିଆ, ଅମେଠିରୁ ଇରାନୀ



ରାଏବରେଲି/ ଅମେଠି, ୧୧।୪(ପି.ଟି.)

ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଗୁରୁବାର ଉତ୍ତରପ୍ରଦେଶର ନିଜ ସଂସଦୀୟ ଆସନ ରାଏବରେଲିରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅମେଠି ଆସନରୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ବିଧିବଦ୍ଧ ଭାବେ ପ୍ରାର୍ଥୀ ହୋଇଛନ୍ତି।

୭୨ ବର୍ଷୀୟା ବରିଷ୍ଠ କଂଗ୍ରେସ ନେତା ସୋନିଆ ରାଏବରେଲି ଆସନରୁ ପଞ୍ଚମଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନାମାଙ୍କନପତ୍ର ଦାଖଲ ପୂର୍ବରୁ ସୋନିଆ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ପୂଜାର୍ଚ୍ଚନା କରିଥିଲେ। ସେ ଏକ ରୋଡ୍ ଶୋ'ରେ ରାଏବରେଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତାଙ୍କ ସହ ପୁଅ ରାହୁଲ, ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଜ୍ୱାଇଁ ରବର୍ଟ ଭଦ୍ରା ଉପସ୍ଥିତ ଥିଲେ। ଏହି ଲୋକ ସଭା ଆସନରେ ମେ ୬ରେ ଭୋଟଗ୍ରହଣ ହେବ। ଏଠାରେ ସୋନିଆଙ୍କ ବିରୋଧରେ ଦୀନେଶ ପ୍ରତାପ ସିଂଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏସ୍‌ପି-ବିଏସ୍‌ପି ମେଣ୍ଟ ରାଏବରେଲି ଆସନରେ କାହାକୁ ପ୍ରାର୍ଥୀ କରିନାହିଁ। ଅନ୍ୟପକ୍ଷରେ ଗାନ୍ଧୀ ପରିବାରର ଅନ୍ୟତମ ଗଡ଼ ଭାବେ ପରିଚିତ ଅମେଠିରେ ରାହୁଲ ଚତୁର୍ଥ ଥର ପାଇଁ ପ୍ରାର୍ଥୀ ହେବାର ଦିନକ ପରେ ଭାଜପା



ନେତା ସ୍ମୃତି ଇରାନୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଇରାନୀ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଏକ ରୋଡ୍ ଶୋ'ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ସେ କଂଗ୍ରେସ ଓ ରାହୁଲଙ୍କ ଉପରେ ବର୍ଷିଥିଲେ।

## ପ୍ରଚାର ବେଳେ ଭାଜପା ବିଧାୟକଙ୍କ ମୃତ୍ୟୁ

ଆଗ୍ରା,୧୧।୪

ଉତ୍ତରପ୍ରଦେଶରେ ଜଣେ ଭାଜପା ବିଧାୟକ ନିର୍ବାଚନ ପ୍ରଚାର କରୁଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ଆଗ୍ରା ଉତ୍ତର ଆସନର ଭାଜପା ବିଧାୟକ ଜଗନ ପ୍ରସାଦ ଗର୍ଗଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଆଗ୍ରାରୁ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଭଲ ପାଉଥିଲେ। ତାଙ୍କ ଦେହାନ୍ତରେ ଭାଜପାକୁ ଶକ୍ତ ଝଟକା ଲାଗିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜଗନଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ୨୦୨୨ ପରେ ସେ ରାଜନୀତିରୁ ସନ୍ନ୍ୟାସ ନେଇ ସମାଜସେବାରେ ପୂରା ସମୟ ଦେବେ ବୋଲି ଏକ ଗଣମାଧ୍ୟମକୁ ପୂର୍ବରୁ କହିଥିଲେ।



### ■ ଆନ୍ଧ୍ରରେ ୩୦% ଇଭିଏମ୍ ଖରାପ ଅଭିଯୋଗ

# ୧୫୦ ବୁଥ୍‌ରେ ସାନି ମତଦାନ ଦାବି କଲେ ଚନ୍ଦ୍ରାବାବୁ

ହାଇଦ୍ରାବାଦ,୧୧।୪

ଆନ୍ଧ୍ରପ୍ରଦେଶର ସମସ୍ତ ୨୫ଟି ଲୋକ ସଭା ଆସନ ସମେତ ୧୭୫ ବିଧାନସଭା ଆସନ ପାଇଁ ଗୁରୁବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ତେବେ ବିଭିନ୍ନ ମତଦାନ କେନ୍ଦ୍ରରେ ଇଭିଏମ୍ ଅକାମୀ ହୋଇପଡିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟରେ ପାଖାପାଖି ୩୦ ପ୍ରତିଶତ ଇଭିଏମ୍ କାମ କରୁ ନ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଅଭିଯୋଗ କରିଛନ୍ତି। ପାଖାପାଖି ୧୫୦ ବୁଥ୍‌ରେ ପୁଣିଥରେ ଭୋଟଗ୍ରହଣ ପାଇଁ ଚନ୍ଦ୍ରାବାବୁ ନିର୍ବାଚନ କମିଶନଙ୍କୁ ପତ୍ର ଲେଖିଛନ୍ତି। ବୈଷୟିକ ତ୍ରୁଟି ଯୋଗୁ ଭୋଟଗ୍ରହଣ ସମୟ ବଢ଼ାଇବା ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ। ଏପରିକି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳକୃଷ୍ଣ ଦ୍ୱିବେଦୀ ଭୋଟ ଦେବାକୁ ଯାଇଥିବାବେଳେ ଇଭିଏମ୍ କାମ କରି ନ ଥିଲା। ଇଭିଏମ୍ ସମସ୍ୟା ଯୋଗୁ ବିଭିନ୍ନ ବୁଥ୍‌ରେ ଲୋକମାନଙ୍କୁ ଦୀର୍ଘସମୟ ଖରାରେ ଅପେକ୍ଷା କରିବାକୁ ପଡିଥିଲା।



କେତେକ ଭୋଟ ଦେଇ ନ ପାରି ଫେରିଯାଇଥିଲେ। ଅନ୍ତତଃ ୨୫ ପ୍ରତିଶତ ଭିଭିପିଏଟି ମେଶିନ୍ ସ୍ଲିପ୍ ଯାଞ୍ଚ ଦାବିରେ ସେ ପୁଣି ଥରେ ସୁପ୍ରିମକୋର୍ଟ ଯିବାକୁ ଚିନ୍ତା କରୁଥିବା ଚନ୍ଦ୍ରାବାବୁ କହିଛନ୍ତି।

ଇଭିଏମ୍‌ରେ ତ୍ରୁଟି ଯୋଗୁ କେତେକ ସ୍ଥାନରେ ଟିଡିପି ଏବଂ ୱାଇଏସ୍‌ଆର କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଗୁଣ୍ଟାକାଲର ଏକ ଭୋଟଗ୍ରହଣ କେନ୍ଦ୍ରରେ ଇଭିଏମ୍‌ରେ ଦଳୀୟ ଚିହ୍ନ ସ୍ପଷ୍ଟ ଜଣାପଡୁ ନ ଥିବାରୁ ପୂର୍ବତନ ବିଧାୟକ ତଥା ଜନସେନା ପାର୍ଟିର ପ୍ରାର୍ଥୀ ମଧୁସୂଦନ ଗୁପ୍ତା ରାଗରେ ଇଭିଏମ୍ ଭାଙ୍ଗିଦେବା ସହ ପୋଲିଂ କର୍ମଚାରୀଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ପୋଲିସ ତାଙ୍କୁ ଅଟକ ରଖିଛି।




ମହାରାଷ୍ଟ୍ରର ନାଗପୁରସ୍ଥିତ ଏକ ପୋଲିଂ ଷ୍ଟେଶନରେ ଭୋଟ ଦେବା ପରେ ଅଙ୍ଗୁଳି ଦେଖାଉଛନ୍ତି ବିଶ୍ୱର ସବୁଠୁ ଗେଡୀ ମହିଳା ଜ୍ୟୋତି ଆମ୍‌ଗେ(୨୫)।



କୁପୱାଡ଼ା ଜିଲାର ଏକ ବୁଥ୍‌ରେ ବୃଦ୍ଧ ଦମ୍ପତି ଭୋଟ ଦେବା ପରେ ଅଙ୍ଗୁଳିର କାଳି ଚିହ୍ନ ଦେଖାଉଛନ୍ତି।




ଶ୍ରୀନଗରରେ ବିଚ୍ଛିନ୍ନତାବାଦୀ ନେତାମାନେ ଭୋଟ ବର୍ଜନ ଆହ୍ୱାନ ଦେଇଥିବାବେଳେ ମୁତୟନ ସୁରକ୍ଷା କର୍ମୀ।



ଅରୁଣାଚଳ ପ୍ରଦେଶର ଇଟାନଗରରେ ମତଦାନ ପାଇଁ ମହିଳା ଭୋଟରଙ୍କ ଧାଡ଼ି।

# ଧରିତ୍ରୀ
DHARITRI





**ପାୱାରଙ୍କ ପରାମର୍ଶ ଲୋଡିଲେ ଉର୍ମିଳା**


ମୁମ୍ବାଇ-ଉତ୍ତର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଉର୍ମିଳା ମାତୋଣ୍ଡକର ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କଠାରୁ ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଲୋଡିଛନ୍ତି।

୦୬ ୧୩

**ନଭଜୋତଙ୍କ ଗୋଲରେ ଭାରତ ବିଜୟୀ**

ନଭଜୋତ କୌରଙ୍କ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ଦ୍ୱିପାକ୍ଷିକ ସିରିଜର ୫ମ ମ୍ୟାଚରେ ମାଲେସିଆକୁ ୧-୦ ଗୋଲରେ ପରାସ୍ତ କରିଛି।







କୋରାପୁଟ ଜିଲା ତଥା ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ସେମିଳିଗୁଡ଼ାର ମାଓବାଦୀ ଉପଦ୍ରୁତ କାଣ୍ଡି ବୁଥ୍‌ରେ ଭୋଟ ଦେବାକୁ ମହିଳାଙ୍କ ଧାଡ଼ି।

# ଭୋଟ ବେଳେ ହିଂସା

ନୂଆଦିଲ୍ଲୀ,୧୧।୪(ପି.ଟି.)

- ଆନ୍ଧ୍ରରେ ୨ ମୃତ, ଜଣେ ପ୍ରାର୍ଥୀ ଅପହୃତ
- ମହାରାଷ୍ଟ୍ର ବୁଥ୍ ନିକଟରେ ମାଓବାଦୀଙ୍କ ବିସ୍ଫୋରଣ
- ୟୁପିରେ ବୁଥ୍ ପାଖରେ ଫାଙ୍କା ଗୁଳିଚାଳନା

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଗୁରୁବାର ଆନ୍ଧ୍ରପ୍ରଦେଶର ଅନନ୍ତପୁରାମୁ ଜିଲାରେ ଶାସକ ତେଲୁଗୁଦେଶମ୍ ପାର୍ଟି (ଟିଡିପି) କର୍ମୀ ଏବଂ ମୁଖ୍ୟ ବିରୋଧୀ ଦଳ ୱାଇଏସ୍‌ଆର କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ଦୁଇଜଣଙ୍କ ମୃତ୍ୟୁ ଘଟିଛି। ତାଡିପତ୍ରି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୀରାପୁରମ୍ ଗ୍ରାମରେ ଏହି ସଂଘର୍ଷ ଘଟିଥିଲା। ମୃତକ ହେଲେ ୱାଇଏସ୍‌ଆର୍ କଂଗ୍ରେସ କର୍ମୀ ପୁଲ୍ଲା ରେଡ୍ଡୀ ଏବଂ ଟିଡିପି କର୍ମୀ ସିଦ୍ଧଭାସ୍କର ରେଡ୍ଡୀ। ନିର୍ବାଚନ ଜିତିବା ଲାଗି ୱାଇଏସ୍‌ଆର କଂଗ୍ରେସ ହିଂସାରେ ଲିପ୍ତ ଥିବା ଶାସକ ଦଳ ଅଭିଯୋଗ କରିଛି। ଅନ୍ୟପକ୍ଷରେ ବୁଥ୍ ଦଖଲ କରିବାକୁ ଶାସକ ଦଳର ନେତାଙ୍କ ସମର୍ଥକମାନେ ଉଦ୍ୟମ କରିଥିଲେ ବୋଲି ୱାଇଏସ୍‌ଆର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ଚିତ୍ତୁର ଜିଲାର ପୁଥାଲାପଟ୍ଟୁ ବିଧାନସଭା ଆସନର ୱାଇଏସ୍‌ଆର କଂଗ୍ରେସ ପ୍ରାର୍ଥୀ ଏମ୍‌ଏସ୍‌ବାବୁଙ୍କୁ ଟିଡିପି କର୍ମୀମାନେ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଏକ ଫଳବଗିଚାକୁ ନିଆଯାଇ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବାବୁ କୌଣସି ପ୍ରକାରେ ସେମାନଙ୍କ କବଳରୁ ଖସିଆସିଥିବାବେଳେ ପୁନର୍ବାର ଆକ୍ରମଣ ହେବାରୁ ସେ ଅଚେତ ହୋଇପଡିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଚିତ୍ତୁରସ୍ଥିତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଛି।

ମହାରାଷ୍ଟ୍ରର ଗଡଚିରୋଲି ଜିଲାରେ ଗୁରୁବାର ମତଦାନ ଚାଲିଥିବାବେଳେ ଏକ ଭୋଟଗ୍ରହଣ କେନ୍ଦ୍ର ନିକଟରେ ମାଓବାଦୀ ଆଇଇଡି ବିସ୍ଫୋରଣ କରିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ପୋଲିସ କହିଛି। ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ୱାଘେଜାରି ଅଞ୍ଚଳରେ ଥିବା ଏକ ବୁଥ୍‌ଠାରୁ ୧୫୦ ମିଟର ଦୂରରେ ଏହି ବିସ୍ଫୋରଣ ଘଟିଥିଲା। ସେଠାରେ ଲୋକମାନେ ଭୋଟଦେବା ପାଇଁ ଧାଡିରେ ଛିଡାହୋଇଥିଲେ। ବୁଧବାର ଉକ୍ତ ଜିଲାରେ ପୋଲିଂ ପାର୍ଟି ଭୋଟଗ୍ରହଣ କେନ୍ଦ୍ରକୁ ଯାଉଥିବାବେଳେ ମାଓବାଦୀ ଆଇଇଡି ବିସ୍ଫୋରଣ କରିବାରୁ ଜଣେ ସିଆରପିଏଫ୍ ☞ପୃଷ୍ଠା-୨

## ସହରାଞ୍ଚଳର ୯୩% ଲୋକଙ୍କ ମତ
## ନ୍ୟୁଜ୍ ଚ୍ୟାନେଲ ପକ୍ଷପାତୀ

ନୂଆଦିଲ୍ଲୀ,୧୧।୪(ଆଇଏନ୍‌ଏସ୍)

ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ପକ୍ଷପାତିତା କରି କୌଣସି ରାଜନୈତିକ ଦଳକୁ ପୂର୍ଣ୍ଣ ସମର୍ଥନ ଜଣାନ୍ତି ବୋଲି ସହରାଞ୍ଚଳର ପ୍ରତି ୧୦ ଲୋକଙ୍କ ମଧ୍ୟରୁ ୯ ଜଣ ବିଶ୍ୱାସ କରନ୍ତି। ବିଶେଷକରି ୧୮ରୁ ୩୫ବର୍ଷ ବୟସ୍କ ବର୍ଗର ବ୍ୟକ୍ତିଙ୍କର ଏହି ଧାରଣା ରହିଥିବା ନ୍ୟୁଜ୍ ଆପ୍ ଇନ୍‌ସର୍ଟସ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି। ଏଥିରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବ୍ୟାଙ୍କଗୁଡ଼ିକ ନିରାଶ କଲେ**

**ଆଜିର ମନ୍ତବ୍ୟ**

"ଭୋଟ ପାଇଁ ଅନୁପ୍ରବେଶକୁ ପ୍ରୋତ୍ସାହନ ଦେଉଛି କଂଗ୍ରେସ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮–୧୯ ମାର୍କେଟିଂ ବର୍ଷରେ ଦେଶରୁ ୧୭.୪୪ ଲକ୍ଷ ଟନ୍ ଚିନି ରପ୍ତାନି ହୋଇଛି। – ଏଆଇଏସ୍‌ଟିଏ


NECC NATIONAL EGG CO-ORDINATION COMMITTEE 11.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


# ଇଭିଏମ୍‌ରେ ସିଲ୍ ୨୧୭ ପ୍ରାର୍ଥୀଙ୍କ ଭାଗ୍ୟ

ଭୁବନେଶ୍ୱର,୧୧।୪(ବ୍ୟୁରୋ)

**ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ ଶେଷ**

- ପ୍ରାଥମିକ ସୂଚନା ଅନୁଯାୟୀ ୬୮% ମତଦାନ
- ମାଓବାଦୀଙ୍କ ଭୟରେ ୧୫ ବୁଥ୍‌ରେ ପଡ଼ିଲାନି ଭୋଟ
- କେତେକ ସ୍ଥାନରେ ଭୋଟ ବର୍ଜନ
- ନିଜ ଅଞ୍ଚଳରେ ଭୋଟ ଦେଲେ ହେଭିୱେଟ୍ ନେତା

ଗୁରୁବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ ୬୮ ପ୍ରତିଶତ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହି ପର୍ଯ୍ୟାୟରେ ୪ଟି ଲୋକ ସଭା ଓ ୨୮ଟି ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ୨୧୭ ପ୍ରାର୍ଥୀଙ୍କର ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇ ଯାଇଛି। ୭,୨୩୩ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ଏହାର ଦେଢଘଣ୍ଟା ପୂର୍ବରୁ ମକ୍‌ପୋଲ କରାଯାଇଥିଲା। ସକାଳେ ମତଦାନ ଧିମା ରହିଥିଲେ ମଧ୍ୟ ପୂର୍ବାହ୍ନ ୧୦ଟା ବେଳକୁ ଭୋଟରଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମଧ୍ୟାହ୍ନରେ ପ୍ରବଳ ଖରା ଯୋଗୁ ଟିକେ ମାନ୍ଦା ପଡ଼ିଥିବା ବେଳେ ଅପରାହ୍ନରେ ମତଦାନ ହାର ବୃଦ୍ଧି ପାଇଥିଲା। ମତଦାତାମାନେ ବୁଥ୍ ସମ୍ମୁଖରେ ଲମ୍ବା ଧାଡ଼ିରେ ଛିଡ଼ାହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖାଯାଇଥିଲା। କେବଳ ଜନତା ନୁହନ୍ତି ନେତାମାନେ ମଧ୍ୟ ଉତ୍ସାହର ସହ ଭୋଟ ଦେଉଥିବା ଦେଖା ଯାଇଥିଲା।

କଳାହାଣ୍ଡି ଲୋକ ସଭା ଆସନ ପାଇଁ ଲଢୁଥିବା ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଧର୍ମଗଡ, ଭାଜପା ପ୍ରାର୍ଥୀ ବସନ୍ତ ପଣ୍ଡା ନୂଆପଡା, ଭକ୍ତ ଦାସ ନିଜର ପୁତ୍ର ଓ ପରିବାର ସହ କଳାହାଣ୍ଡିରେ ମତଦାନ ସାବ୍ୟସ୍ତ କରିଥିଲେ। ସେହିପରି ଭୋଟ ଦେବା ଲାଗି ଧାଡିରେ ଛିଡା ହୋଇଥିଲେ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ରମେଶ ମାଝି, ବଳଭଦ୍ର ମାଝି, ପ୍ରଦୀପ ମାଝି, ଜୟପୁର ବିଧାନସଭା ପାଇଁ ଲଢୁଥିବା ବିଜେଡି ପ୍ରାର୍ଥୀ ରବି ନନ୍ଦ, କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି। ଅନୁରୂପ ଭାବେ ରାୟଗଡା ବିଧାନସଭାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଗୁଣୁପୁରରୁ ନିର୍ବାଚନ ଲଢୁଥିବା ଶିଶିର ଗମାଙ୍ଗ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ, ବିକ୍ରମ ପଣ୍ଡା, ଭାଜପା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ପ୍ରମୁଖ ନିଜର ମତଦାନ କରିଥିଲେ। ପୂର୍ବାହ୍ନ ୧ଟା ସୁଦ୍ଧା ୪୧ ପ୍ରତିଶତ ମତଦାନ ହୋଇଥିବା ବେଳେ ଅପରାହ୍ନ ୫ଟା ବେଳକୁ ଏହା ୬୬ ପ୍ରତିଶତରେ ପହଞ୍ଚିଥିଲା। ସନ୍ଧ୍ୟା ୬ଟାରେ ଭୋଟ ଗ୍ରହଣ ଶେଷ ହୋଇଥିଲା। ତେବେ ଭୋଟ ଗ୍ରହଣ ଶେଷ ବେଳକୁ ମତଦାନ ହାର ପ୍ରାୟ ୬୮ ପ୍ରତିଶତ ହୋଇଥିବା ପ୍ରାଥମିକ ସୂଚନା ମିଳିଛି। ତେବେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମତଦାନ ହାର ଉପରେ କୌଣସି ବୃତାନ୍ତ ସୂଚନା ଦିଆଯାଇ ନାହିଁ। କାଁ ଭାଁ ଗଣ୍ଡଗୋଳକୁ ଛାଡି ଦେଲେ ରାଜ୍ୟରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଛି। କେତେକ ସ୍ଥାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଭୋଟ ଗ୍ରହଣରେ ସାମାନ୍ୟ ବିଳମ୍ବ ହୋଇଥିଲା। ୩୦ରୁ ୪୦ ମିନିଟ୍ ମଧ୍ୟରେ ସେସବୁକୁ ଠିକ୍ କରି ମତଦାନକୁ ସ୍ୱାଭାବିକ କରାଯାଇଥିଲା। କେତେକ ଜାଗାରେ ଭୋଟ ବର୍ଜନ ଖବର ଆସିଛି। କିଛି ଜାଗାରେ ଶୂନ ମତଦାନ ହୋଇଛି। ଯେଉଁ ଅଞ୍ଚଳରେ ଭୋଟ ବର୍ଜନ ହୋଇଛି ସେଠାରୁ ରିପୋର୍ଟ ମଗାଯାଇଛି। ଯେଉଁଠି ଲୋକମାନେ ନିଜ ଇଚ୍ଛାରେ ଭୋଟ ଦେବାକୁ ଆସି ନାହାନ୍ତି ସେଠାରେ ଆଉ ଭୋଟ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଅଞ୍ଚଳରେ ୧୫ଟି ବୁଥ୍‌ରେ କେହି ମତଦାନ କରିନାହାନ୍ତି। ମାଓବାଦୀ ଭୟରେ ଚିତ୍ରକୋଣ୍ଡାର ୯ଟି ବୁଥ ଏବଂ ମାଥିଲି ବ୍ଲକର ୬ଟି ବୁଥରେ ଭୋଟ ଦେବାକୁ କେହି ଆସି ନ ଥିଲେ। ଏମ.ଭି-୧୪ରେ ଇଭିଏମ୍ ତ୍ରୁଟି ☞ପୃଷ୍ଠା-୨

## ଇକ୍ୟୁଏଡର ଶରଣ ପ୍ରତ୍ୟାହାର କରିନେଲା
## ଜୁଲିଆନ ଆସେଞ୍ଜ୍ ଗିରଫ



ଲଣ୍ଡନ,୧୧।୪(ପି.ଟି.)

ୱିକିଲିକ୍ସର ସହପ୍ରତିଷ୍ଠାତା ଜୁଲିଆନ ଆସେଞ୍ଜଙ୍କୁ ଗୁରୁବାର ବ୍ରିଟେନ ପୋଲିସ ଗିରଫ କରିଛି। ସେ ଲଣ୍ଡନସ୍ଥିତ ଇକ୍ୟୁଏଡର ଦୂତାବାସରେ ୭ ବର୍ଷ ହେଲା ରହୁଥିଲେ। ଇକ୍ୟୁଏଡର ତାଙ୍କୁ ଦେଇଥିବା ଶରଣ ପ୍ରତ୍ୟାହାର କରିନେବା ପରେ ୨୦୧୨ ଜୁନ୍‌ରେ ବ୍ରିଟେନ୍‌ର ଜାମିନ ସର୍ତ୍ତ ଉଲ୍ଲଂଘନ ଅଭିଯୋଗରେ ଆସେଞ୍ଜଙ୍କୁ ଗିରଫ କରାଯାଇଥିବା ସ୍କଟଲ୍ୟାଣ୍ଡ ୟାର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସ୍ୱିଡେନରେ ଯୌନ ନିର୍ଯାତନା ଅଭିଯୋଗରେ ଗିରଫ ହେବା ପରେ ସେ ୨୦୧୨ରୁ ପାଖାପାଖି ୭ ବର୍ଷ ହେଲା କେନ୍ଦ୍ରୀୟ ଲଣ୍ଡନସ୍ଥିତ ଇକ୍ୟୁଏଡର ଦୂତାବାସର ପଛପାର୍ଶ୍ୱରେ ଥିବା ଏକ କୋଠରୀରେ ରହୁଥିଲେ। ୱିକିଲିକ୍ସ ପତ୍ରିକା ଆମେରିକାର କେତେକ ଗୁପ୍ତ ରିପୋର୍ଟ ଲିକ୍ କରିଥିଲା। ତେଣୁ ତାଙ୍କୁ ଆମେରିକା ପ୍ରତ୍ୟର୍ପଣ କରାଗଲେ ମୃତ୍ୟୁଦଣ୍ଡ ମିଳିବା ଆଶଙ୍କା କରି ସେ ଶରଣ ପାଇଁ ଆବେଦନ କରିଥିଲେ। ୱେଷ୍ଟମିନିଷ୍ଟର ☞ପୃଷ୍ଠା-୨

## ଧକ୍କା ଦେଇ ସ୍କୁଟିକୁ ଘୋଷାଡ଼ି ନେଲା ଟ୍ରକ୍
# ୩ ଯୁବକ ମୃତ, ଉତ୍ତେଜନା

ଅନୁଗୋଳ ଅଫିସ, ୧୧।୪–

- ଦଣ୍ଡନାଚ ଦେଖିବାକୁ ଅନୁଗୋଳ ଯାଉଥିଲେ
- ପିଟିସି ସମ୍ମୁଖରେ ବିଳମ୍ବିତ ରାତିରେ ଦୁର୍ଘଟଣା
- ଉତ୍ୟକ୍ତ ଲୋକଙ୍କ ୪ ଘଣ୍ଟା ରାସ୍ତା ଅବରୋଧ

ଦଣ୍ଡନାଚ ଦେଖିବାକୁ ସ୍କୁଟିରେ ଯାଉଥିବା ୩ ଯୁବକଙ୍କ ଟ୍ରକ୍ ଧକ୍କାରେ ମୃତ୍ୟୁ ହୋଇଛି। କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ପୋଲିସ ଟ୍ରେନିଂ କଲେଜ (ପିଟିସି) ସମ୍ମୁଖରେ ବୁଧବାର ବିଳମ୍ବିତ ରାତିରେ ଘଟିଛି ଏହି



ଦୁର୍ଘଟଣା ପରେ ଉତ୍ୟକ୍ତ ଅଞ୍ଚଳବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ଦୁର୍ଘଟଣା। ଦ୍ରୁତଗତିରେ ଥିବା ଟ୍ରକ୍‌ଟି ସ୍କୁଟିକୁ ଧକ୍କା ଦେବା ସହ ୨ଶହ ମିଟର ଘୋଷାଡ଼ି ନେବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟଜଣେ ଗୁରୁତରଙ୍କ କଟକ ବଡ଼ ମେଡିକାଲରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ସୂଚନା ଅନୁଯାୟୀ, ତୁରଙ୍ଗ ନାଏକ ସାହିର ସଂଗ୍ରାମ ନାଏକ(୨୩), ଅବିନାସ ନାଏକ(୨୨) ଓ ଦିଲୀପ ନାଏକ(୨୫) ଏକ ନୂଆ ନମ୍ବରବିହୀନ ସ୍କୁଟିରେ ବିଳମ୍ବିତ ରାତିରେ ଦଣ୍ଡନାଚ ଦେଖିବାକୁ ଅନୁଗୋଳ ସହରକୁ ଯାଉଥିଲେ। ଏହି ସମୟରେ ରାଜପଥରେ ଦ୍ରୁତଗତିରେ ଅନୁଗୋଳରୁ ନାଲ୍‌କୋ ଆଡ଼କୁ ଆସୁଥିବା ଏକ ଟ୍ରକ୍ (ନଂ. ଓଆର୧୯ବି-୪୭୬୯) ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ପ୍ରିନ୍ସ
ପରିବାରବର୍ଗ


ସମୀରଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ସୁପର ସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ତ୍ୱରାନ୍ୱିତ

**ରାଉରକେଲା ଅଫିସ,୧୧।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦପ୍ତର(ପିଏମ୍ଓ)ରୁ ରାଉରକେଲା ପୂର୍ବତନ ବିଧାୟକ ଦିଲୀପ ରାୟଙ୍କୁ ଏକ ସୂଚନା ପ୍ରଦାନ କରାଯାଇଛି। ସହରବାସୀଙ୍କ ଦାବି ଆଧାରିତ ୨ଟି ପ୍ରକଳ୍ପ ମଧ୍ୟରୁ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଥିବା କୁହାଯାଇଛି। ପ୍ରକଳ୍ପର ସଂଶୋଧିତ ବ୍ୟୟ ଅଟକଳ ଅନୁସାରେ କେନ୍ଦ୍ର ଇସ୍ପାତ୍ ମନ୍ତ୍ରଣାଳୟ ଜରିଆରେ କାର୍ଯ୍ୟାରମ୍ଭ ହୋଇଥିବା କୁହାଯାଇଛି। ପ୍ରକଳ୍ପର ଏକ ତୃତୀୟାଂଶ ଅର୍ଥାତ୍ ୯୮କୋଟି ଟଙ୍କା ଭାରତୀୟ ଇସ୍ପାତ୍ ପ୍ରାଧିକରଣ(ସେଲ) ପକ୍ଷରୁ ଜାତୀୟ କୋଠାବାଡି ନିର୍ମାଣ ନିଗମ(ଏନବିସିସି)କୁ ଦିଆଯାଇଛି। ସେହିପରି ସେଲ୍‌ର ଅନୁରୋଧ କ୍ରମେ ୧୦୫. ୭୫କୋଟି ଇସ୍ପାତ୍ ମନ୍ତ୍ରଣାଳୟ ପକ୍ଷରୁ ସେଲକୁ ଟ୍ରାନ୍ସଫର କରାଯାଇଛି। ଯାହାର ପତ୍ର ସଂଖ୍ୟା୧୬(୨୧) କେନ୍ଦ୍ର ଇସ୍ପାତ୍ ମନ୍ତ୍ରଣାଳୟ। ୨୦୧୯ ଫେବୃୟାରୀ ୨୧ରେ ଏହି ଟଙ୍କା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ହସ୍ତାନ୍ତରିତ ହୋଇଥିବା ଦିଲୀପଙ୍କୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଭୋଟ ବେଳେ..

ଯବାନ ଆହତ ହୋଇଥିଲେ। ସେହିପରି ଉତ୍ତରପ୍ରଦେଶର କୈରାନା ନିର୍ବାଚନମଣ୍ଡଳୀର ଏକ ବୁଥ୍‌ରେ କେତେକ ଲୋକ ବିନା ଭୋଟର ପରିଚୟପତ୍ରରେ ମତଦାନ କରିବାକୁ ଧସେଇ ପଶିବା ଲାଗି ଉଦ୍ୟମ କରିବାରୁ ବିଏସ୍ଏଫ ଯବାନମାନେ ଫାଙ୍କା ଗୁଳିଚାଳନା କରିଥିଲେ। ମଧ୍ୟାହ୍ନ ୧୨ଟା ବେଳେ କନ୍ଧାଲା ଥାନା ଅନ୍ତର୍ଗତ ରସୁଲପୁର ଗଜରାନ୍ ଗ୍ରାମରେ ଏହି ଘଟଣା ଘଟିଛି। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପରେ ପୁନର୍ବାର ମତଦାନ ଆରମ୍ଭ ହୋଇଥିଲା। ତେବେ ପୋଲିସ ଅଭିଯୋଗକୁ ଗ୍ରାମବାସୀ ଖଣ୍ଡନ କରିଛନ୍ତି। ପୋଲିଂ ଅଫିସର ସମାଜବାଦୀ ପାର୍ଟି ପ୍ରାର୍ଥୀଙ୍କ ପାଇଁ ଭୋଟ ଦେବାକୁ କହିବାରୁ ଗଣ୍ଡଗୋଳ ହୋଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଉତ୍ତରାଖଣ୍ଡର ହରିଦ୍ୱାର ଜିଲାରେ ମତଦାନ ଚାଲିଥିବାବେଳେ ଡ୍ୟୁଟିରେ ଥିବା ଜଣେ ୪୦ ବର୍ଷୀୟ ହୋମଗାର୍ଡଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଧରମପାଲ ନାମକ ଏହି ହୋମଗାର୍ଡଙ୍କ ଘର ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଅଞ୍ଚଳରେ ବୋଲି ଜଣାପଡିଛି।

### ନ୍ୟୁଜ୍ ଚ୍ୟାନେଲ ...

କୁହାଯାଇଛି, ପାଖାପାଖି ୯୩% ସହରାଞ୍ଚଳ ନାଗରିକ ଭାବନ୍ତି, ନ୍ୟୁଜ୍ ଚ୍ୟାନେଲଗୁଡିକ ପକ୍ଷପାତିତା କରି ରାଜନୈତିକ ଦଳଗୁଡିକୁ ସମର୍ଥନ କରନ୍ତି। ଦେଶର ପ୍ରଥମ ସ୍ତର ଓ ଦ୍ୱିତୀୟ ସ୍ତରର ସହରାଞ୍ଚଳର ୧୮ରୁ ୩୫ ବୟସର ୪୦,୦୦୦ ବ୍ୟକ୍ତିଙ୍କଠାରୁ ଏ ସମ୍ପର୍କରେ ମତ ସଂଗ୍ରହ କରାଯିବା ପରେ ଏହି ସୂଚନା ମିଳିଛି।

ନିର୍ବାଚନ କମିଶନ ନିକଟରେ ଦୂରଦର୍ଶନକୁ କୌଣସି ଏକ ରାଜନୈତିକ ଦଳ ସପକ୍ଷରେ ଅଧିକ ସମୟ କାର୍ଯ୍ୟକ୍ରମ ପ୍ରସାରଣ ନ କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅମିତ ଖାରେ ପ୍ରସାର ଭାରତୀ ସିଇଓ ଶଶିଶେଖର ଭାମ୍‌ପାତିଙ୍କୁ ଆଦର୍ଶ ଆଚରଣ ବିଧିରେ ଥିବା ନୀତି ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସେ ମଧ୍ୟ ଜାତୀୟ ପ୍ରସାରଣକାରୀ ସଂସ୍ଥାର ସମସ୍ତ ଡିଭିଜନ୍‌କୁ ଉକ୍ତ ନିର୍ଦ୍ଦେଶାବଳୀ ମାନିବାକୁ ଚିଠି ଲେଖିଥିଲେ।

ଏ ସଂକ୍ରାନ୍ତରେ ବିଭିନ୍ନ ରାଜନୈତିକ ଦଳ ପାଇଁ ଦିଆଯାଇଥିବା ସମୟସୂଚୀ ସମ୍ପର୍କରେ ସଚେତନ ରହିବାକୁ ଦୂରଦର୍ଶନ ଓ ଆକାଶବାଣୀ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରୁଛନ୍ତି।

### ଇଭିଏମ୍‌ରେ ସିଲ୍...

ଯୋଗୁ ମତଦାନ ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ଜଣାପଡିଛି। ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରୁ କୁଡୁମୁଲୁଗୁମାର ଦୁଇଟି ବୁଥରେ ଇଭିଏମ ଅଚଳ ଯୋଗୁ ମତଦାନ ବିଳମ୍ବ ହୋଇଥିଲା। ମାଲକାନଗିରି ଜିଲାର ଏମ.ଭି-୬୦ରେ

ଇଭିଏମ ଟାମ୍ପରିଂ ଅଭିଯୋଗରେ ପୋଲିଂ ପାର୍ଟିକୁ ଲୋକମାନେ ତାଲା ପକାଇ ଦେଇଥିଲେ। ୨୦ଟି ମାଓବାଦୀପ୍ରବଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ସେଠାରେ ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏ କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଭୋଟରଙ୍କ ଭିଡକୁ ଦେଖି ସମୟସୀମା ବୃଦ୍ଧି କରାଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ୩ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ,ଏମ୍‌ପିଙ୍କର ଇଭିଏମ୍‌ରେ ସିଲ ହୋଇଯାଇଛି। ଏହି ପର୍ଯ୍ୟାୟ ନିର୍ବାଚନରେ ଦିଗପହଣ୍ଡି ଆସନରୁ ଲଢୁଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଚିକିଟିରୁ ନିଜର ଭାଗ୍ୟ ପରୀକ୍ଷା କରୁଥିବା ଯୋଜନା ଓ ସଂଯୋଜନା ମନ୍ତ୍ରୀ ଉଷା ଦେବୀ, କଳାହାଣ୍ଡିରୁ ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ନବରଙ୍ଗପୁର ଲୋକ ସଭା ଆସନରୁ ରମେଶ ମାଝି, ଏମପି ବଳଭଦ୍ର ମାଝି, ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ଭାଗ୍ୟ ସିଲ୍ ହୋଇ ଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରଦୀପ ନାଏକ, ଭୁପିନ୍ଦର ସିଂ, ପ୍ରଦୀପ ପାଣିଗ୍ରାହୀ, ରବି ନାରାୟଣ ନନ୍ଦ, ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପୁତ୍ର ଶିଶିର ଗମାଙ୍ଗ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ଭକ୍ତ ଚରଣ ଦାସଙ୍କ ରାଜନୈତିକ ଭାଗ୍ୟ ଇଭିଏମ୍‌ରେ ରହିଯାଇଛି। ମତ ଦେଇ ସାରିଛନ୍ତି ଜନତା। ମେ ୨୩ ତାରିଖରେ ଭୋଟ ଗଣତି ପରେ ଜଣାପଡିବ କାହା ମୁଣ୍ଡରେ ଭୋଟର ସୁନା କଳସ ଢାଳିଛନ୍ତି। ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫ଟି ଲୋକ ସଭା ଓ ୩୫ଟି ବିଧାନସଭା ଆସନରେ ହେବ ଭୋଟ ଗ୍ରହଣ।

### ଜୁଲିଆନ ଆସେଞ୍ଜ୍...

ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର ହେବା ପର୍ଯ୍ୟନ୍ତ ତାଙ୍କୁ କେନ୍ଦ୍ରୀୟ ଲଣ୍ଡନ ପୋଲିସ

ହାଜତରେ ରଖାଯିବ ବୋଲି ମେଟ୍ରୋପଲିଟାନ ପୋଲିସ ପକ୍ଷରୁ କୁହାଯାଇଛି। ଆତ୍ମସମର୍ପଣ ନ କରିବା କାରଣରୁ ଉକ୍ତ କୋର୍ଟ ୨୦୧୨ ଜୁନ୍ ୨୯ରେ ଆସେଞ୍ଜ୍‌ଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲା।

ଶରଣ ସର୍ତ୍ତାବଳୀର ବାରମ୍ବାର ଉଲ୍ଲଂଘନ କରୁଥିବାରୁ ଆସେଞ୍ଜ୍‌ଙ୍କ ଶରଣ ପ୍ରତ୍ୟାହାର କରାଗଲା ବୋଲି ଇକ୍ୟୁଏଡର ରାଷ୍ଟ୍ରପତି ଲେନିନ୍ ମୋରେନୋ କହିଛନ୍ତି। ତେବେ ଇକ୍ୟୁଏଡରର ଏଭଳି ପଦକ୍ଷେପକୁ ବିଭିନ୍ନ ମାନବାଧିକାର ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ମୋରେନୋଙ୍କ ପଦକ୍ଷେପକୁ ଦେଶର ପୂର୍ବତନ ନେତା ରାଫାଲ କୋରେଆ କଡା ସମାଲୋଚନା କରିଛନ୍ତି। ମୋରେନୋ ଜଣେ ବିଶ୍ୱାସଘାତ ବୋଲି ସେ କହିଛନ୍ତି। ଆସେଞ୍ଜ୍‌ଙ୍କ ଗିରଫ ଗଣମାଧ୍ୟମ ସ୍ୱାଧୀନତା ପାଇଁ କଳା ମୁହୂର୍ତ୍ତ ବୋଲି ଆମେରିକାର ହ୍ୱିସିଲବ୍ଲୋୟର ଏଡ୍‌ୱାର୍ଡ ସ୍ନୋଡେନ୍ କହିଛନ୍ତି। ଆମେରିକା ସରକାରଙ୍କ କେତେକ ଗୁପ୍ତଚର ତଥ୍ୟ ଗଣମାଧ୍ୟମରେ ପ୍ରକାଶ କରିବା ପରେ ୨୦୧୩ରେ ସ୍ନୋଡେନ ରୁଷିଆ ଚାଲିଯାଇଥିଲେ। ୨୦୧୭ ଡିସେମ୍ବରରେ ଇକ୍ୟୁଏଡର ଆସେଞ୍ଜ୍‌ଙ୍କୁ ନାଗରିକତ୍ୱ ପ୍ରଦାନ କରିଥିଲା। ତେବେ ତାଙ୍କ ଶରଣ ପ୍ରତ୍ୟାହାର ହୋଇଥିଲେ ହେଁ ନିର୍ଯାତନା କିମ୍ବା ମୃତ୍ୟୁଦଣ୍ଡ ଥିବା ଦେଶକୁ ତାଙ୍କୁ ପ୍ରତ୍ୟର୍ପଣ କରାଯିବନି ବୋଲି ଇକ୍ୟୁଏଡର ରାଷ୍ଟ୍ରପତି କହିଛନ୍ତି। ଶରଣ ପ୍ରତ୍ୟାହାର ପରେ ଆସେଞ୍ଜ୍‌ଙ୍କ ବିରୋଧରେ ବଳାତ୍କାର ମାମଲାର ତଦନ୍ତ ପୁନର୍ବାର ଚାଲୁ କରିବା ଲାଗି ସ୍ୱିଡେନ ପୀଡିତାଙ୍କ ଓକିଲ ଦାବି କରିଛନ୍ତି। ୨୦୧୦ରେ ଆସେଞ୍ଜ ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

### ୩ ଯୁବକ ମୃତ...

ସମ୍ମୁଖରୁ ସ୍କୁଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଜୋରଦାର ଥିଲା ଯେ ଟ୍ରକ୍‌ଟି ପ୍ରାୟ ୨ଶହ ମିଟର ପର୍ଯ୍ୟନ୍ତ ସ୍କୁଟି ସହ ଜଣେ ଯୁବକଙ୍କୁ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ସଂଗ୍ରାମ ଓ ଅବିନାସଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ଦିଲୀପଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ପଠାଇ ଦିଆଯାଇଥିଲା। ହେଲେ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ରାତିରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ରେ ନିଆଁ ଲଗାଇବାକୁ ଯୋଜନା କରିଥିଲେ। ହେଲେ ପୋଲିସ ପହଞ୍ଚି ଟ୍ରକ୍ ମାଲିକଙ୍କୁ ଡାକି ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଶାନ୍ତ ପଡ଼ିଥିଲେ। ସକାଳେ ଅନୁଗୋଳ ଥାନାରେ ସମ୍ପର୍କୀୟ ଓ ଗ୍ରାମବାସୀ ପହଞ୍ଚି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପୋଲିସ ଆଲୋଚନା କରୁଥିବା ବେଳେ କଟକରୁ ଦିଲୀପଙ୍କ ମୃତଦେହ ପହଞ୍ଚିଥିଲା। ଏହାପରେ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘ ୪ ଘଣ୍ଟା ଧରି ଗାଡ଼ିସବୁ ଅଟକି ରହିଥିଲା। ପରେ ପ୍ରଶାସନ ପକ୍ଷରୁ ୩୦ହଜାର ଓ ଟ୍ରକ୍ ମାଲିକ ୨୦ ହଜାର ଟଙ୍କା ଦେବା ସହ ୩ ଦିନ ପରେ ଏ ନେଇ ଆଲୋଚନା କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ ସହ ନଂ. ୨୬୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଫେରାର ହୋଇଯାଇଥିବା ଚାଳକଙ୍କୁ ପୋଲିସ ଧରିପାରି ନାହିଁ। ୩ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଶ୍ରୀମନ୍ଦିର ପରିସରରୁ ପୁଣି ଚୋରି

**ପୁରୀ ଅଫିସ,୧୧।୪:** ଅସୁରକ୍ଷିତ ହୋଇପଡିଛି ଶ୍ରୀମନ୍ଦିର। ରାତିରେ ମନ୍ଦିର ଶୋଧ ପରେ ଦୁର୍ବୃତ୍ତମାନେ ବଡ଼ ଦେଉଳକୁ କରୁଛନ୍ତି ଟାର୍ଗେଟ । ପୋଲିସ, ଜେଟିପି ଏବଂ ମନ୍ଦିର ସ୍କ୍ୱାଡ୍‌ଙ୍କ କଡ଼ା ପ୍ରହରା ସତ୍ତ୍ୱେ ସୁରକ୍ଷା ବଳୟକୁ ଭେଦ କରୁଛନ୍ତି। ମନ୍ଦିର ଭିତରେ ପଶି କରୁଛନ୍ତି ଲୁଟ୍‌ପାଟ। ବୁଧବାର ରାତିରେ ଶ୍ରୀମନ୍ଦିର ପରିସରରୁ ପୁଣି ଚୋରି ହୋଇଛି। କୋଇଲି ବୈକୁଣ୍ଠ ନିକଟ ସୁଆର ମହାସୁଆର ନିଯୋଗ ଅନ୍ନଦାନ ଆଟିକା କାର୍ଯ୍ୟାଳୟ କାଣ୍ଡ ତାଡ଼ି ଲକ୍ଷାଧିକ ଟଙ୍କା ଚୋରି କରି ନିଆଯାଇଛି। ସିସିଟିଭି ଫୁଟେଜ ଯାଞ୍ଚ ପରେ ଅଭିଯୁକ୍ତ ଜଣେ ନାବାଳକ ବୋଲି ପୋଲିସ ସୁରାକ୍ ପାଇଛି । କିନ୍ତୁ ସମ୍ପୃକ୍ତ ନାବାଳକ କାଣ୍ଡ ତାଡ଼ି, ଲକର ଭାଙ୍ଗି ଟଙ୍କା ଚୋରି କରିବାକୁ ସହଜରେ କେହି ଗ୍ରହଣ କରିପାରୁନାହାନ୍ତି। ଏହା ପଛରେ ନିଶ୍ଚିତ ବଡ଼ଧରଣର ର୍ୟାକେଟ ରହିଥିବା ସନ୍ଦେହ କରୁଛି ପୋଲିସ ।

ସୁଆର ମହାସୁଆର ନିଯୋଗର ଅନ୍ନଦାନ ଆଟିକା କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟ ହନୁମାନ ମୂର୍ତ୍ତି ପାଖ କାଣ୍ଡ ଭଙ୍ଗାଯାଇଛି। କ୍ୟାଶ୍ କାଉଣ୍ଟର କାଚ ଭାଙ୍ଗିବା ସହ ଗୋଟିଏ ଲକର ଭାଙ୍ଗି ପ୍ରାୟ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। କ୍ୟାଶ୍ କାଉଣ୍ଟର ନିକଟରେ କିଛି ଟଙ୍କା ଏଣେତେଣେ ପଡ଼ିରହିଥିଲା। ଏ ନେଇ ନିଯୋଗ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯିବା ପରେ ପୋଲିସ କେସ୍ ନଂ. ୩୧/୧୯ ରୁଜୁ କରି ତନାଘନା ଚଳାଇଛି। ଏସ୍‌ପି ଉମାଶଙ୍କର ଦାଶ, ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ କୁମାର ମହାରଣା ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି । ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଫିଙ୍ଗର ପ୍ରିଣ୍ଟ ନେବା ସହ ତଦନ୍ତ ଜାରି ରଖିଛି। ସିସିଟିଭି ଫୁଟେଜ ଯାଞ୍ଚ ପରେ ଜଣେ ନାବାଳକ ଏପରି କାଣ୍ଡ ଭିଆଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି। ରାତି ପ୍ରାୟ ସାଢେ ୧୧ଟା ପରେ ଉଲଗ୍ନ ଅବସ୍ଥାରେ ଜଣେ ନାବାଳକ ଅନ୍ନଦାନ ଆଟିକା କାର୍ଯ୍ୟାଳୟ କାଣ୍ଡ ଭାଙ୍ଗି ଭିତରକୁ ପ୍ରବେଶ କରିଛି । ଏହାପରେ କ୍ୟାଶ୍ କାଉଣ୍ଟର କାଚ ଏବଂ ଗୋଟିଏ ଲକର ତାଡ଼ି ଟଙ୍କା ଲୁଟ୍ କରିଥିବା ପୋଲିସ କହିଛି। ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି। ପୋଲିସର ଦୁର୍ବଳ ସୁରକ୍ଷା ବ୍ୟବସ୍ଥା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। କୋଇଲି ବୈକୁଣ୍ଠ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ନିକଟସ୍ଥ ଅନ୍ନଦାନ ଆଟିକା କାର୍ଯ୍ୟାଳୟରୁ ଚୋରି ହେବା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା କେତେ ବିପନ୍ନ ତାହା ପ୍ରମାଣିତ କରୁଛି ବୋଲି ତିଆଡି କହିଛନ୍ତି।

## ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ ଅଫିସ,୧୧।୪**

ଶ୍ରୀମନ୍ଦିରରେ ଗୁରୁବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୪ଟା ୧୦ରୁ ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ ଦାରୁଦିଅଁଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦଇତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପଦ୍ଧତିରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦଇତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ଠାକୁରଙ୍କ ବନକଲାଗି ନୀତି ସରିବା ପରେ ମହାସ୍ନାନ ହୋଇଥିଲା। ଏହାପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଦଇତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ । ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଆରଦ୍ରା ନକ୍ଷତ୍ରସ୍ଥ ଚନ୍ଦ୍ର ମାନସିକ ସ୍ଥିତିକୁ ବିକ୍ଷିପ୍ତ କରିପାରେ। ମାଙ୍ଗଳିକ କାମରେ ଗାଡି, ମୋଟର, ପରିବହନ, ସତ୍‌ସଙ୍ଗ, ଆଲୋଚନା, ଭ୍ରମଣ ହେତୁକ ଖୁସୀ ରହିବ। ଧାର କରଜ ଦେବାକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ। ସ୍ୱାସ୍ଥ୍ୟ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ବୃଷ**
ଦେବଗୁରୁଙ୍କ ନକ୍ଷତ୍ରରେ ଶୁକ୍ର ଅବସ୍ଥାନ କରି ନୂତନ ଯୋଜନାରେ ବାଧା ଉତ୍ପନ୍ନ କରିପାରନ୍ତି। ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଯାଚିତ ଭାବରେ ପଡୋଶୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କଳା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ସୁନାମ ଅର୍ଜନ କରିପାରନ୍ତି।

**ମିଥୁନ**
ବୃହସ୍ପତିଙ୍କ ନକ୍ଷତ୍ରସ୍ଥ ବୁଧ ଯୋଗୁ କୌଣସି କାମ ଆପଣଙ୍କର ଅଧୁରା ରହିବନାହିଁ। ବନ୍ଧୁମିଳନ ସଙ୍ଗକୁ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଖୁରାକ ମଧ୍ୟ ପାଇବେ। ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତି ନେବେ। ଗତକାଲିର କୌଣସି ଘଟଣା ସକାଶେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିପାରେ।

**କର୍କଟ**
ଦ୍ୱାଦଶରେ ଚନ୍ଦ୍ର ଆପଣଙ୍କୁ କୌଣସି ସ୍ଥାନରେ ସ୍ଥିରଭାବରେ ରଖାଇ ଦେବେନାହିଁ। ଯେଉଁ ଆଶା ନେଇ ଅନ୍ୟ ମାନଙ୍କ ପାଇଁ କିଛି କାମ କରିବେ ପ୍ରତିବଦଳରେ କିଛି ପାଇବା କଷ୍ଟକର ହୋଇପାରେ। ତଥାପି କର୍ମକ୍ଷେତ୍ରରେ କୌଣସି ଶୁଭ ଖବର ମନକୁ ଆମୋଦିତ କରିବ। ପ୍ରତ୍ୟୁଷ ସମୟରେ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ**
ରେବତୀ ନକ୍ଷତ୍ରସ୍ଥ ରବି ଓ କର୍ମସ୍ଥାନରେ ଭାଗ୍ୟାଧିପତି ଆପଣଙ୍କର ଉଦ୍ୟମକୁ ଚରିତାର୍ଥ କରାଇବାରେ ସହାୟକ ହେବ। ତଥାପି ମଙ୍ଗଳ ପାପଯୁକ୍ତ ଚନ୍ଦ୍ରଙ୍କ ରୋହିଣୀନକ୍ଷତ୍ରାବସ୍ଥାନ ଯୋଗୁ ଆତ୍ମୀୟବ୍ୟକ୍ତିମାନେ ଅସହିଷ୍ଣୁ ମନୋଭାବ ନେଇ ସମାଲୋଚନା କରିପାରନ୍ତି। ଯାତ୍ରା, ନୂତନ କର୍ମାରମ୍ଭ,ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ ସକାଶେ ଦିନଟି ମନ୍ଦ ନୁହେଁ।

**କନ୍ୟା**
ଉଚ୍ଚାରୋହୀ ଶୁକ୍ରଙ୍କ ଯୋଗୁ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହାତ ନିଶ୍ଚୟ ବନ୍ଧୁଙ୍କ ସହାୟତାରେ ପାଇବେ। ପରିବାରରେ ବିତର୍କ କିମ୍ବା ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ଆସନ୍ତା କାଲି ଖୋଜୁଥିବା ଜିନିଷଟି ଆଜି ଅପରାହ୍ନରେ ପାଇଯିବେ। ପ୍ରଶାସନ, ଅର୍ଥସମ୍ପର୍କ, କର୍ମକ୍ଷେତ୍ର ଉଠାପକା ମଧ୍ୟଦେଇ ଚାଲିପାରେ।

**ତୁଳା**
କର୍ମଭାବର ଅଶୁଭତ୍ୱ କାରଣରୁ ଅଫିସ ଭିତରେ ସାଧାରଣ କଥାକୁ ନେଇ ତର୍କ ବିତର୍କ ଲାଗିପାରେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ୍ୟ ହେବେ। କର୍ମକ୍ଷେତ୍ରଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ପରିବାରରେ ସଂ'ାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ।

**ବିଛା**
ଆଜିର ଗ୍ରହସ୍ଥିତି ଅନୁକୂଳ ନ ଥିବାରୁ ଭାବିଚିନ୍ତି କହିବା ଓ କରିବା ଦିଗରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ନିଜର ସାହାଯ୍ୟକାରୀ ମନୋବୃତ୍ତି କାରଣରୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ଏବଂ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁମାନଙ୍କ ପରାମର୍ଶରେ ରୋଗ,ଋଣରୁ ରକ୍ଷା ପାଇବାର ପରିକଳ୍ପନା କରି ପାରନ୍ତି।

**ଧନୁ**
ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ର, ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟା ରହିବନାହିଁ। ନିକଟସ୍ଥ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପରିସ୍ଥିତିକୁ ଲକ୍ଷ୍ୟକରି ମନକୁ ନପାଇଲେ ମଧ୍ୟ ପରିବାର ସଦସ୍ୟଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଆଇନ ଅଦାଲତ ତଥା ବ୍ୟବସାୟ ଓ ପରିବହନରେ ସୁଫଳ ପାଇବେ ।

**ମକର**
କର୍ମକ୍ଷେତ୍ର, ଆନୁଷ୍ଠାନିକ କାମ ସଙ୍ଗକୁ ଆଜିର ଯାତ୍ରା ବ୍ୟୟବହୁଳ ହୋଇପାରେ। ବନ୍ଧୁଙ୍କ ଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଃଶ୍ଚିନ୍ତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣକରି ବେଳକାଳ ଉଣ୍ଡି ଠିକଣା ସମୟରେ ଉଚିତ ପଦେକ୍ଷପ ନେବାକୁ ଭୁଲନ୍ତୁ ନାହିଁ। ନୂତନ ଯୋଜନାରମ୍ଭ କ୍ଷେତ୍ରରେ ଆଶା ପୂରଣ ହୋଇପାରିବ।

**କୁମ୍ଭ**
ନିଜରାଶିରେ ଶୁକ୍ରଙ୍କ ଅବସ୍ଥାନ କାରଣରୁ ଆଜି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ଆଜି ମଧ୍ୟାହ୍ନରେ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ**
ପ୍ରତିକୂଳତା ଦୂରେଇଯିବା ସହ ଆଶା ଓ ଅଭିଳାଷ ପୂରଣ ପାଇଁ ଆବଶ୍ୟକୀୟ ସହଯୋଗ ଅବଶ୍ୟ ମିଳିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ ଅନ୍ୟଥା ଚିନ୍ତା କରିବାକୁ ପଡ଼ିପାରେ। ଦୀର୍ଘଦିନର ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ପାରିବାରିକ ସ୍ତରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ମିଳିବନି।

ଆଜି ଚୈତ୍ର ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ଶୁକ୍ରବାର, ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା, ଏପ୍ରିଲ ୧୨ ତାରିଖ, ରାଶି ନକ୍ଷତ୍ର- ଦିବା ଘ୧୦।୧୮ମି. ଗତେ ପୁନର୍ବସୁ/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ସକାଳ ଘ୭।୦୭ମି. ମଧ୍ୟେ ଘ୮।୩୯ମି. ଗତେ, ଘ୧୦।୧୧ମି. ମଧ୍ୟେ ଘ୪।୨୯ମି. ଗତେ, ଘ୬।୦୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୦୭ମି. ଗତେ ଘ୮।୩୯ମି. ମଧ୍ୟେ, ଘ୧୧।୪୩ମି. ଗତେ ଘ୧।୧୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୧୪ମି. ଗତେ ଘ୧୧।୪୮ମି. ମଧ୍ୟେ ରାହୁକାଳ।


# classifieds

**real estate**

**SALE**

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

ସ୍ଥିତିବାନ ଘରବାରି ପ୍ଲଟ ରେତଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

Plot at Balianta Tahasil, Bhubaneswar. Pay 50% get registration rest in installments first 10 Govt. corporate employees: 7077102741. D- 58075

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ୍ **(Grand Bazar) NH-5ରୁ** ଅଳ୍ପ ଦୂରତାରେ ଘରବାରି ବାସୋପଯୋଗି **plot** କିଣନ୍ତୁ। **7749090720.** D-66327

Residential plot at Ghatikiya, Sankarpur, Bhubaneswar 2000 sqft. (15nos) electric, Govt. Supply water, 30' road available: 7381564227, 8114744495. D- 66428

2BHK flat garage at Garage chhak, Bhubaneswar only purchaser. 9583242566. D-52893

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

Limited nos. of 2BHK flats of owner's share at Tankapani Road, Bhubaneswar are available for booking (400 meters from Rabi talkies sqr. and 160 meters from Rajarani temple, on the 100ft. main road). Project is scheduled for handover by April 2020. Interested buyers may contact owner at: 9438485933, 9776620800, 9556372717. D-58077

ଘରବାରି plot sale ନଖରା ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

Tamando Market ପାଖରେ ଏବଂ ଜଟଣୀ ଗେଟ NH-5କୁ ଲାଗି plot ମିଳୁଅଛି। 9439864322. D-66340

Bhubaneswar Patrapada Market HDFC bankରୁ 500 mtr କଲୋନୀ ଭିତରେ BDA yellow zone plot କିଣି ତୁରନ୍ତ ଘର କରନ୍ତୁ। 6370292040. D-66339

1200 sqft. gharabari housing plot 30'road Ranga bazar. 8,40,000/- 8144998588. D-66334

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

**education**

Film making, Acting courses at best Schools of Mumbai. Career at Bollywood. 7978231072. D-66427

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit before public Notary I Soumya Kanta Mishra have changed my surname from Mishra' to "Sabat" for all purposes. D-12074

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**




**ସାଇ ଶ୍ରେୟାନ୍ (ପ୍ରିନ୍ସ)**
ଜଗତ୍‌ସିଂହପୁର, ପଟିଲୋ
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରନ୍ତୁ, ତୋର ଚଲାପଥ କୁସୁମିତ ହେଉ। **ଶୁଭେଚ୍ଛା ସହ:** ଜେଜେ, ମା, ମଝିଆ ଜେଜେ, ନାନା, ସାନ ଜେଜେ, ସାନ ମା, ଅଜା, ବାବା, ମାମା, ବଡ଼ ବାପା, ଦାଦା, ଖୁଡୀ, ମାମୁଁ, ମାଇଁ, ପିଇସା, ପିଇସି, ମାଉସି, ଦିଦି ଭାଇ ଓ ପରିବାରବର୍ଗ। ଧ-୧୨୦୯୦

Your Classified Advertisement published in Dharitri will be listed free in Dharitri Online Edition: www. dharitri.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





■ ଝଡ଼ବର୍ଷା, ବଜ୍ରପାତରେ ଥରିଲା ଉପକୂଳ

# ଜଣେ ମୃତ, ୪ ଆହତ

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ଗୁରୁବାର ଅପରାହ୍ନରେ ଘୋଟି ଆସିଲା କଳାହାଣ୍ଡିଆ ମେଘ। ଚାହୁଁ ଚାହୁଁ ନିମିଷକ ମଧ୍ୟରେ ଉପକୂଳବର୍ତ୍ତୀ ଜିଲା କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁରକୁ ଘେରିଗଲା। ପ୍ରଚଣ୍ଡ ବେଗରେ ପବନ ବହିବା ସହ ଛାତି ଥରାଇବା ଭଳି ଘଡଘଡି ପରିବେଶକୁ ଭୟଭୀତ କରି ପକାଇଥିଲା। ଯିଏ ଯେଉଁଠି ଥିଲେ ସୁରକ୍ଷିତ ସ୍ଥାନରେ ମୁଣ୍ଡ ଗୁଞ୍ଜି ଦେଇଥିଲେ। ସନ୍ଧ୍ୟା ୭ଟାରୁ ୮ଟା ୩୦ ମିନିଟ ଯାଏ କାଳବୈଶାଖୀ ତା'ର ତାଣ୍ଡବ ରଚିଥିଲା। ଝଡ଼ବର୍ଷା ବଡବଡ ଗଛ, ଚାଳଘର, ବିଦ୍ୟୁତ୍‌ଖୁଣ୍ଟ, ସାଇନବୋର୍ଡ ଉଡାଇ ନେବା ସହ ମୁଗ, ବିରି ଓ ପନିପରିବା ଫସଲକୁ ଉଜାଡି ଦେଇଛି। ମିଳିଥିବା ସୂଚନା ଅନୁଯାୟୀ କାଳବୈଶାଖୀ କେନ୍ଦ୍ରାପଡା, ଯାଜପୁର, କଟକ, ଖୋର୍ଦ୍ଧା ଆଦି ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଛି।

ପ୍ରବଳ ଝଡବର୍ଷା ଯୋଗୁ ଚାକୁଣ୍ଡା ଗଛ ପଡି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଶଶୀକଳା ଧଳ (୭୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଯୁବକ ଆହତ ହୋଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଧୂମାତ ପଞ୍ଚାୟତ ହରିନବାବି ଗ୍ରାମରେ ନଡିଆ ଗଛ ଉପୁଡି ଘର ଉପରେ ପଡ଼ିଯିବା ଯୋଗୁ ମା'ପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଥିସହ ବଜ୍ରପାତ ଯୋଗୁ ଇନ୍ଦୁପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୪ ବଖରା ଜଳିଯାଇଛି। ତିନିମୁହାଣିସ୍ଥିତ ପୋଲିସ ଟେଷ୍ଟ ହାଉସ ଭୁଶୁଡି ପଡିବା ସହିତ ଜିଲାର ବିଭିନ୍ନ ସ୍ଥାନରେ ପବନ ଓ କୁଆପଥର ମାଡରେ ରବି ଫସଲ ନଷ୍ଟ ହୋଇଛି। ଜିଲାରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଓ କୁଆପଥର ମାଡ଼ ହୋଇଥିବା ଜଣାପଡ଼ିଛି। ଯାଜପୁରରୋଡ , କୋରେଇ , ଧର୍ମଶାଳା ଆଦି ଅଞ୍ଚଳରେ ଝଡ ପବନ ଓ କୁଆପଥର ବର୍ଷା ହେବା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼ବଡ଼ ଗଛ ଉପୁଡ଼ିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ବିଭିନ୍ନ ସ୍ଥାନରେ ତାର ଛିଡିଯାଇଥିବାରୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଛି। ବହୁ ଚାଳଛପର ଉଡ଼ିଯାଇଛି। ପ୍ରବଳ ବର୍ଷା ଯୋଗୁ ରାସ୍ତାଘାଟରେ ପାଣି ଜମି ରହିଛି। କୁଆପଥର ମାଡ଼ରେ ପନିପରିବା, ଧାନ, ବିରି ଓ ମୁଗ ଫସଲ କ୍ଷତିଗ୍ରସ୍ତ ହୋଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଆଦି ଜିଲାରେ କୁଆପଥର ସହ ବର୍ଷା ହୋଇଥିବା ସୂଚନା ମିଳିଛି।

କେନ୍ଦ୍ରାପଡା, ବାଲେଶ୍ୱର ଏବଂ ଭଦ୍ରକ ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ପ୍ରବଳ ଝଡବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି।

ଗୋଟିଏ ପଟେ ଉପକୂଳକୁ ଝଡବର୍ଷା ବେହାଲ କରୁଥିବା ବେଳେ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ତାତି ଅସ୍ତବ୍ୟସ୍ତ



ଗୁରୁବାର ସନ୍ଧ୍ୟାରେ ରାଜଧାନୀର ରାଜମହଲ ଓଭରବ୍ରିଜ୍‌ରେ ବଜ୍ରପାତର ଦୃଶ୍ୟ। (ଫଟୋ:ମୌସମ୍)

- ବଜ୍ରପାତରେ ଜଳିଗଲା ୪ ବଖରା
- ଉପାଡ଼ି ନେଲା ଗଛ, ଘରଦ୍ୱାର ଛାରଖାର
- ଝଡ଼ବର୍ଷା ଧୋଇନେଲା ରବି ଫସଲ, ପନିପରିବା
- ମା' ପୁଅ ଗୁରୁତର

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଞ୍ଜାମ, ନୟାଗଡ, ବାଲେଶ୍ୱର, ସୁନ୍ଦରଗଡ, ଭଦ୍ରକ, ଖୋର୍ଦ୍ଧା, କେନ୍ଦୁଝର, କଳାହାଣ୍ଡି, ମୟୂରଭଞ୍ଜ ଆଦି ଜିଲାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ନୟାଗଡ ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦୁଝର, କଟକ, ଜଗତ୍‌ସିଂହପୁର, କରୁଛି। ରାଜ୍ୟର ୭ଟି ସହରରେ ବୁଧବାର ପାରଦ ୪୦ ଡିଗ୍ରୀ ଉପରକୁ ଟପି ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୪୦.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୪୦.୬, ତାଳଚେର ୪୧.୮, ଭବାନୀପାଟଣା ୪୦, ବଲାଙ୍ଗୀର ୪୧.୫, ଟିଟିଲାଗଡ ୪୧.୬, ମାଲକାନଗିରି ୪୧, କଟକ ୩୯.୫ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୮.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

■ ସୁବର୍ଣ୍ଣପୁରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

# କେନ୍ଦ୍ର ସରକାର ଗଠନରେ ବିଜେଡିର ବଡ଼ ଭୂମିକା ରହିବ

- ଭାଜପା ଉପରେ ବର୍ଷିଲେ ନବୀନ
- କେନ୍ଦ୍ର ସରକାର କାଳିଆ ଯୋଜନାକୁ ବନ୍ଦ କରିଛନ୍ତି
- କଂଗ୍ରେସ ବିରୋଧରେ ପଦୁଟିଏ କହିଲେନି

ସୋନପୁର/ଉଲୁଣ୍ଡା,୧୧।୪
(ନି.ପ୍ର./ଡି.ଏନ.ଏ.)

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ୭ ଦିନ ବାକି ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ହେଲିକପ୍ଟର ଯୋଗେ ସୁବର୍ଣ୍ଣପୁର ଜିଲା ଗସ୍ତ କରି ମାରାଥନ ପ୍ରଚାର କରିଛନ୍ତି। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ସିଆଳି ପଡିଆରେ ଆୟୋଜିତ ଦଳୀୟ ସମାବେଶକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଭାଜପା ଓ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଉପରେ ବର୍ଷିଥିଲେ। କିନ୍ତୁ କଂଗ୍ରେସ ବିରୋଧରେ ପଦୁଟିଏ କହି ନ ଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କାଳିଆ ଯୋଜନାରେ ଓଡ଼ିଶାର ୪୦ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। କେନ୍ଦ୍ରର ଭାଜପା ସରକାର ସେହି ଯୋଜନାକୁ ବନ୍ଦ କରିଛି। ମୁଁ ଥିବା ପର୍ଯ୍ୟନ୍ତ କେହି ଏହି ଯୋଜନା ବନ୍ଦ କରିପାରିବ ନାହିଁ । ମୋ ସରକାର ଆସିବାର ପ୍ରଥମ ଦିନରେ ହିଁ କାଳିଆ ଯୋଜନାର ଦୁଇଟି କିସ୍ତିର ଅନୁଦାନ ୧୦ ହଜାର ଟଙ୍କା ଲେଖାଏଁ ଦିଆଯିବ। ନିର୍ବାଚନ ଆସିଲେ କେନ୍ଦ୍ରର ବଡ ବଡ ନେତାଙ୍କୁ ଓଡ଼ିଶା କଥା ମନେ ପଡେ। ବନ୍ୟା, ମରୁଡି ସମୟରେ କେହି ଆସିଲେନି। ଏବେ ଭୋଟ ପାଇଁ ଓଡ଼ିଶାକୁ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସେହିପରି ବୀମା କରି ଚାଷୀ ହଇରାଣ ହେଉଛନ୍ତି। କମ୍ପାନୀ ଲାଭ ଉଠାଉଛି।



ସୋନପୁର ନିର୍ବାଚନମଣ୍ଡଳୀର ସିଆଳିରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

କେବିକେ ଯୋଜନା, ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଛାତ୍ରବୃତ୍ତିକୁ କେନ୍ଦ୍ର ସରକାର କାହିଁକି ବନ୍ଦ କଲେ ବୋଲି ନବୀନ ପ୍ରଶ୍ନ କରିଥିଲେ। ଜିଏସଟି ଦ୍ୱାରା କ୍ଷୁଦ୍ର ବ୍ୟବସାୟୀ ବୁଣାକାର ପରିବାର କ୍ଷତି ସହିଲେ। ମହାନଦୀ ପାଣି ବନ୍ଦ ଘଟଣାରେ ଭାଜପା ଛତିଶଗଡ଼ ସରକାରର ପକ୍ଷ ନେଲା। ୭୨ ବର୍ଷର ସ୍ୱାଧୀନତା ପରେ ବି ଏହି ଜିଲାରେ ରେଳ ସେବା ପହଞ୍ଚି ନାହିଁ କହି ନବୀନ କେନ୍ଦ୍ରରେ ଶାସନ କରୁଥିବା ଜାତୀୟ ଦଳଗୁଡିକୁ ଟାର୍ଗେଟ କରିଥିଲେ। ଏଥର କେନ୍ଦ୍ରରେ କେହି ଜାତୀୟ ଦଳ ସରକାର ଗଠନ କରିପାରିବେ ନାହିଁ। କେନ୍ଦ୍ରରେ ସରକାର ଗଠନରେ ବିଜେଡିର ବଡ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ଆପଣଙ୍କ ସେବା କରିବି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ । ଦଳୀୟ ଏମ୍‌ପି ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ଓ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇଥିଲେ। ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କ ବକ୍ତବ୍ୟରେ ନବୀନ ବାବୁ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ। ଚଳିତ ଥର ପଡୋଶୀ ବରଗଡ଼ ଜିଲା ବିଜେପୁରରେ ପ୍ରାର୍ଥୀ ହୋଇ ଥିବାରୁ ଏ ଅଞ୍ଚଳର ଦ୍ରୁତ ବିକାଶ ହେବ ବୋଲି ନିରଞ୍ଜନ କହିଥିଲେ। ବିଜେଡି ଜିଲା ସଭାପତି ସରୋଜ କମ୍ପ, ଅଭିମନ୍ୟୁ କୁଶଳ, ରମେଶ ପୂଜାରୀ, ହିମାଂଶୁ ଶେଖର ବିଶ୍ୱାଳ, ଶତ୍ରୁଘ୍ନ ପୃଷ୍ଟି, ରାଜକୁମାର ସୁନା, ଯୁବ ବିଜେଡି ସଭାପତି ଅଶୋକ ନନ୍ଦ ଓ ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର କଇରାଝୁଲି ଖେଳପଡିଆରେ ଆୟୋଜିତ ନିର୍ବାଚନୀ ସଭାରେ ବକ୍ତବ୍ୟ ରଖି ସାମୂହିକ ବିକାଶ ପାଇଁ ଦଳୀୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ତାଙ୍କ ବକ୍ତବ୍ୟରେ ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ତାଙ୍କୁ ଆଉଥରେ ସୁଯୋଗ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଝସକେତନ ବଘାର, ମୃତ୍ୟୁଞ୍ଜୟ ପଧାନ, ଉତ୍ତର କୁମାର ପାତ୍ର, ରଞ୍ଜିତ ରଥ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଏସ୍‌ପି ଦେବୀପ୍ରସାଦ ଦାଶଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଓଲଟିଲା ଭାଜପା ପ୍ରଚାର ଗାଡ଼ି: ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସମେତ ୫ ଆହତ

ବୀରମହାରାଜପୁର, ୧୧।୪(ଡି.ଏନ୍.ଏ.)

ଭାଜପାର ନିର୍ବାଚନ ପ୍ରଚାରରେ ନିୟୋଜିତ ଏକ ଯାନ ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀଙ୍କ ସମେତ ୫ ଜଣ ଆହାତ ହୋଇଛନ୍ତି। ପ୍ରାପ୍ତ ସୂଚନା ମତେ, ବୀରମହାରାଜପୁର-ସୋନପୁର ରାସ୍ତାର କୁମାରକେଲି ଛକ ନିକଟ ବୁଲାଣିରେ ବୋଲେରୋ ଗାଡି (ଓଡି ୦୩ ଜେ ୪୬୩୪) ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ତହିଁରେ ବସିଥିବା ଜିଲା ପରିଷଦ ଅଧ୍ୟକ୍ଷା ଏବଂ ଅନ୍ୟମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋନପୁର ଜିଲା ଡାକ୍ତରଖାନାରେ ପହଞ୍ଚାଇଥିଲେ। ଉଷା କୁମାରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ବୀରମହାରାଜପୁର ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଆଜି କେନ୍ଦୁଝର ଆସୁଛନ୍ତି ଶାହ


## ୧୬ରେ ମୋଦିଙ୍କ ଭୁବନେଶ୍ୱର କାର୍ଯ୍ୟକ୍ରମ ଉପରେ ନଜର

ଭୁବନେଶ୍ୱର, ୧୧।୪(ବ୍ୟୁରୋ): ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଶୁକ୍ରବାର ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି। ସେ ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ମେଡିକାଲ ପଡିଆଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଆସନ୍ତା ୧୭ରେ ମଧ ଶାହ ପୁନର୍ବାର ଓଡ଼ିଶା ଆସିବେ। ସେହି ସମୟରେ ସେ ଢେଙ୍କାନାଳ ଗସ୍ତ କରିବେ। ଢେଙ୍କାନାଳ ମହିଷାପାଟ ନୂଆ ବସଷ୍ଟାଣ୍ଡଠାରେ ଏବଂ ବଡମ୍ବା ଟେନିସ ପଡିଆଠାରେ ଦଳ ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ସେ ଯୋଗଦେବେ ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ଆସନ୍ତା ୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ପାଇଁ ଓଡିଶା ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ଜିଲା ହୀରାକୁଦ ରୋଡ ଲୋରପଙ୍କଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ପରେ ଅପରାହ୍ନ ୫ଟାରେ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆଠାରେ ବିଜୟ ସଂକଳ୍ପ ସଭାରେ ଉଦ୍‌ବୋଧନ ଦେବେ ବୋଲି ଗୋଲକ କହିଛନ୍ତି ।

# ନିରଞ୍ଜନ, ନରସିଂହ ଉଭୟ ଦାୟୀ

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

ନିର୍ବାଚନ ଯେତିକି ପାଖଉଛି କଂଗ୍ରେସରୁ ସେତିକି ଅଧିକ ନେତା ଦଳ ଛାଡିବାରେ ଲାଗିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଚଳିତ ନିର୍ବାଚନରେ ଟଙ୍କା ନେଇ ଟିକେଟ ବିକ୍ରି କରିଥିବା ଦଳ ଛାଡିଥିବା ଏବଂ ସଭାପତି ପଦ ପାଇଁ ଆଶାୟୀ ଥିଲି। ହେଲେ ଦଳୀୟ ନେତୃବୃନ୍ଦ ତାଙ୍କୁ ଉପେକ୍ଷିତ କରିଥିଲେ। ନିରଞ୍ଜନବାବୁ ସଭାପତି ହେବା ନେଇ ଖବର ଆସିଥିଲା। ହେଲେ ପରେ ତାଙ୍କ ଛାୟା ସଭାପତି ଭାବେ ନବଜ୍ୟୋତି ପଟ୍ଟନାୟକ ବାହାରିଲେ। ଯାହାଙ୍କ କଥାରେ ଦଳ ଚାଲିଛି। ଯେଉଁମାନେ ତାଙ୍କ ପାଖରେ ଆଣ୍ଠୁ ଭାଙ୍ଗି ଠିଆ ହେଲେ ସେମାନଙ୍କୁ ସବୁ



ସୋନାଲି ସାହୁ

- କଂଗ୍ରେସ ଟିକେଟ ବଣ୍ଟନ କଳି ବଢ଼ିଲା
- ଦଳ ଛାଡ଼ିଲେ ସୋନାଲି ସାହୁ
- ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା

ପ୍ରାର୍ଥୀ ହେବା ପରେ ଟିକେଟ ଫେରାଇ ଦେଇଥିବା ନେତାମାନେ ଅଭିଯୋଗ କରିଥିଲେ। ଏପରି କି ନିରଞ୍ଜନ ଯେଉଁ ସୁମିତ୍ରା ଜେନାଙ୍କୁ ଦଳରେ ମହିଳା କଂଗ୍ରେସ ସଭାପତି କରିଥିଲେ, ସେ ମଧ ନିରଞ୍ଜନ ଓ ତାଙ୍କ ପୁଅଙ୍କ ବିରୋଧରେ ବହୁ ଗୁରୁତର ଅଭିଯୋଗ ଆଣି ଦଳ ଛାଡିଛନ୍ତି। ଏବେ ପୁଣି ଦଳରେ ଟିକେଟ ବିକ୍ରି ପ୍ରସଙ୍ଗରେ ନୂଆ ଟୁଇଷ୍ଟ ଆସିଛି। କେବଳ ନିରଞ୍ଜନ ନୁହନ୍ତି ଦଳର ଟିକେଟ ବଣ୍ଟନ ଅନିୟମିତତା ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର ମଧ ଦାୟୀ ବୋଲି ଅଭିଯୋଗ ଆସିଛି। ଗୁରୁବାର କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଦଳରୁ ଇସ୍ତଫା ଦେଇଛନ୍ତି। ଦଳ ଛାଡିବା ପରେ ସେ ମନଇଚ୍ଛା ପିସିସି ସଭାପତି ଓ ନରସିଂହଙ୍କୁ ସମାଲୋଚନା କରିଛନ୍ତି।

ସୋନାଲି କହିଛନ୍ତି ଯେ, ଦଳର ଅବସ୍ଥା କ'ଣ ସେ କଥା ଲୋକମାନଙ୍କୁ ଆଉ କହିବାର ଆବଶ୍ୟକତା ନାହିଁ। ମହିଳା କଂଗ୍ରେସ ଦଳୀୟ ସୁବିଧା ମିଳିଲା। ଯିଏ ସେଭଳି ନ କଲା ସିଏ ଉପେକ୍ଷିତ ହେଲା। ଟିକେଟ ବଣ୍ଟନ ଅନିୟମିତତା ନେଇ ସମସ୍ତେ କେବଳ ନିରଞ୍ଜନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ହେଲେ ଆଉ ଜଣେ ଭିତରେ ରହି ସବୁ କରି ଖସିଯାଉଛନ୍ତି। ନରସିଂହ ମିଶ୍ର ଓ ପିସିସି ସଭାପତି ଉଭୟେ ପିଇସି ଏବଂ ସିଇସି ଗଲେ। ଏହାପରେ ଉଭୟେ ନିଜ ପୁଅ ଓ ଅନୁଗତଙ୍କୁ ଟିକେଟ ବାଣ୍ଟିଲେ। ନିରଞ୍ଜନବାବୁ ଓ ତାଙ୍କ ପୁଅ ମିଶିକି ଦଳର ୩ଟି ଟିକେଟ ନେଇଗଲେ। ନରସିଂହବାବୁ ତାଙ୍କ ପୁଅ, ଭଣଜା ଏବଂ ମହାଶୟଙ୍କ ଚାକର ମିଶିକି ୪ଟି ଟିକେଟ ନେଇଛନ୍ତି। ଏହା କେଉଁ ଆଧାରରେ ହୋଇଛି ତାହା ବଡ ପ୍ରଶ୍ନ। ଆମେ ଜାଣିଲୁ କଂଗ୍ରେସରେ ଗଣତନ୍ତ୍ର ନୁହେଁ ଲୋକତନ୍ତ୍ର ଚାଲିଛିବୋଲି ସୋନାଲି କହିଛନ୍ତି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ସୋନାଲି ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ପୂର୍ବାପେକ୍ଷା ଦଳ ଭଲ ପ୍ରଦର୍ଶନ କରିବ: ନବୀନ

ଭୁବନେଶ୍ୱର, ୧୧।୪(ବ୍ୟୁରୋ): ବିଜୁ ଜନତା ଦଳ ୨୦୧୪ ନିର୍ବାଚନ ଅପେକ୍ଷା ଭଲ ପ୍ରଦର୍ଶନ କରିବ। ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଏହି ମନ୍ତବ୍ୟ ଦେଇଛନ୍ତି। ସେହିପରି ରାଜ୍ୟରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଭୋଟ୍‌ରେ ବହୁ ସଂଖ୍ୟାରେ ଭୋଟର ମତଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୧୪ରେ ବିଜେଡି ୨୦ ଲୋକ ସଭା ଏବଂ ୧୧୭ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇଥିଲା।

# ୨୩ରେ ହାଇକୋର୍ଟ ବନ୍ଦ

କଟକ ଅଫିସ, ୧୧।୪- ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୨୩ ତାରିଖରେ ହାଇକୋର୍ଟ ବନ୍ଦ ରହିବ। ଉକ୍ତ ଦିନ କଟକ ଲୋକ ସଭା ସମେତ ଏହା ଅଧୀନରେ ଥିବା ବିଧାନସଭା ଆସନଗୁଡ଼ିକରେ ଭୋଟ ଗ୍ରହଣ କରାଯିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ବନ୍ଦ ରହିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜୁଡିସିଆଲ ପକ୍ଷରୁ କୁହାଯାଇଛି।




# ଇନ୍ଧନ ସରିଯିବାରୁ ବିଲରେ ଓହ୍ଲାଇଲା ହେଲିକପ୍ଟର

■ ଖରାରେ ସିଝିଲେ ଶ୍ରୀତମ, ଲେଖାଶ୍ରୀ, ଦେବଗଡ଼ ରାଣୀ

ବାମରା, ୧୧।୪ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ କିନାବଗା ପଞ୍ଚାୟତ ଜରାବଗାର ଏକ ବିଲରେ ଗୁରୁବାର ଭାଜପା ନେତାଙ୍କୁ ନେଇ ଯାଉଥିବା ହେଲିପ୍ଟର ଜରୁରୀ ଅବତରଣ କରିଛି। ମନାପାଲିରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବା ପାଇଁ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ସିନେ ତାରକା ଶ୍ରୀତମ ଦାସ ଓ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କ ସ୍ତ୍ରୀ ରାଣୀ ଅରୁନ୍ଧତୀ ଦେବୀ ଆସୁଥିଲେ। ହେଲେ ଇନ୍ଧନ ସରିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଥିଲା। ତେବେ ଇନ୍ଧନ ଭରିବା ପରେ ସେମାନେ ମନାପାଲି ନ ଯାଇ ଛେଣ୍ଡିପଦା ଅଭିମୁଖେ ବାହାରି ଯାଇଥିଲେ। ଏଣୁ ମନାପାଲିରେ ଅପେକ୍ଷା କରିଥିବା ଲୋକଙ୍କୁ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରବିନାରାୟଣ ନାୟକ, ପଦ୍ମଚରଣ ଗୁରୁ ଓ ବୃନ୍ଦାବନ ମାଝି କ୍ଷମା ମାଗିଥିବା ଜଣାପଡିଛି ।

ମିଳିଥିବା ସୂଚନା ଅନୁଯାୟୀ, ଲେଖାଶ୍ରୀ, ଶ୍ରୀତମ ଓ ରାଣୀ ଅରୁନ୍ଧତୀ ଭୁବନେଶ୍ୱରରୁ ହେଲିକପ୍ଟରରେ ବାହାରି ନାକଟିଦେଉଳରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ସେଠାରୁ ଗଡପୋଷ ନିକଟସ୍ଥ ମନାପାଲିଠାରେ ଆୟୋଜିତ ସଭାରେ ଯୋଗଦେବା ପାଇଁ ଆସୁଥିଲେ। ମାତ୍ର ହେଲିକପ୍ଟରଟି ମନାପାଲି ଯିବା ପରିବର୍ତ୍ତେ ଜରାବଗାରେ ନିର୍ମିତ ହୋଇଥିବା ବିଜେଡି ହେଲିପ୍ୟାଡ ଅଭିମୁଖେ ଯାଇଥିଲା। ସେଠାରେ କିନ୍ତୁ ବିଜେଡିର ସଭା ଚାଲିଥିବା ଦେଖି ହେଲିକପ୍ଟରଟି ୨୦୦ ମିଟର ଦୂର ଏକ ବିଲରେ ଅବତରଣ କରିଥିଲା। ହେଲିକପ୍ଟରରେ ବସିଥିବା ଭାଜପା ନେତା ଖରାରେ ସିଝିଥିଲେ। ସେମାନଙ୍କୁ ଦେଖିବାକୁ ଲୋକଙ୍କ ଗହଳି ଜମିଥିଲା।

ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ଏହି ଖବର ପାଇବା ପରେ ମନାପାଲିଠାରୁ ଇନ୍ଧନ ପଠାଯାଇଥିଲା। ପ୍ରାୟ ୨ ଘଣ୍ଟା ପରେ ଇନ୍ଧନ ଭରିବା ପରେ ବିଳମ୍ବ ହୋଇ ଯାଇଥିବାରୁ ହେଲିକପ୍ଟରଟି ମନାପାଲି ନ ଯାଇ ଛେଣ୍ଡିପଦାରେ ଥିବା ଅନ୍ୟ ଏକ ସଭାରେ ଯୋଗଦେବା ପାଇଁ ଉଡାଣ ଆରମ୍ଭ କରିଥିଲା। ଏ ସମ୍ପର୍କରେ ପାଇଲଟ କହିଛନ୍ତି, ଜିପିଏସ ଠିକ୍ ଭାବେ କାମ କରୁ ନ ଥିବା କାରଣରୁ ସମସ୍ୟା ହୋଇଥିଲା।

ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ



# ବ୍ୟାଙ୍କଗୁଡ଼ିକ ନିରାଶ କଲେ

ଗତ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋହାର (ଯେଉଁ ସୁଧହାରରେ ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କରୁ ଋଣ ନିଅନ୍ତି) ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଗତ ଫେବୃୟାରୀ ମାସରେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ସମପରିମାଣର ସୁଧହାର ହ୍ରାସ କରିଥିଲା। ଫେବୃୟାରୀର ରେପୋହାର ହ୍ରାସ ପରେ ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ମହୀନ୍ଦ୍ରା ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ, ୟେସ୍ ବ୍ୟାଙ୍କ ଓ ୟୁନିୟନ ବ୍ୟାଙ୍କ ପ୍ରଭୃତି ଅନେକ ବ୍ୟାଙ୍କ ଗ୍ରାହକଙ୍କୁ ଦେଉଥିବା ଋଣ ଉପରେ ସେମାନଙ୍କ ସୁଧହାର ୫ରୁ ୧୦ ବେସିସ୍ ପଏଣ୍ଟ ମଧ୍ୟରେ କମାଇଥିଲେ। ଏକ ବେସିସ୍ ପଏଣ୍ଟ ହେଉଛି ଏକ ପ୍ରତିଶତର ଏକ ଶତାଂଶ। ଏଥର ରେପୋହାର ହ୍ରାସ ହେବା ପରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ୫ରୁ ୧୦ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। କିନ୍ତୁ ରିଜର୍ଭ ବ୍ୟାଙ୍କ ଯେଉଁଭଳି ସଙ୍କେତ ଦେଇଥିଲା, ତାହାଠାରୁ ଏହା ବହୁତ କମ୍। ବ୍ୟାଙ୍କଗୁଡ଼ିକ ଆଗକୁ ସୁଧହାର କମାଇବାର ସମ୍ଭାବନା ଦେଖାଯାଉ ନ ଥିବାରୁ ଏହାଦ୍ୱାରା ରିଜର୍ଭ ବ୍ୟାଙ୍କର ଉଦ୍ଦେଶ୍ୟ ସାଧିତ ନ ହେବା ପରି ମନେହେଉଛି। ଗତ ଦୁଇମାସ ଭିତରେ ରେପୋହାର ୫୦ ବେସିସ୍ ପଏଣ୍ଟ ହ୍ରାସ ପାଇସାରିଲାଣି। ଅଥଚ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୋଷ୍ଠୀ ମଧ୍ୟରେ ବୃହତ୍ତମ ଏସ୍‌ବିଆଇ ଗ୍ରାହକମାନଙ୍କୁ ମାତ୍ର ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସର ସୁବିଧା ଦେଇଛି। ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ (ଆଇଓବି) ଏକବର୍ଷ ବା ତଦୂର୍ଦ୍ଧ ଋଣ ପରିଶୋଧ ପାଇଁ ବାକି ଥିବା ଗ୍ରାହକମାନଙ୍କର ଋଣ ଉପରୁ ୫ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। ଅନ୍ୟ ପକ୍ଷରେ ବ୍ୟାଙ୍କ ଅଫ୍ ବରୋଦା ସୁଧହାର ହ୍ରାସ ନ କରି ଯୁକ୍ତି ଦର୍ଶାଇଛି ଯେ, ବ୍ୟାଙ୍କ ଶିଳ୍ପରେ ଏହାର ସୁଧହାର ଏଥିପୂର୍ବରୁ ପ୍ରତିଯୋଗିତାକ୍ଷମ ହିଁ ରହିଛି। ଘରୋଇ ବ୍ୟାଙ୍କ କ୍ଷେତ୍ରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବିଭିନ୍ନ ଟେନର (ପରିଶୋଧ ପାଇଁ ବାକି ଥିବା ଅବଧି) ପାଇଁ ସୁଧହାର ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରିଛି।

ଜମା ବଢୁ ନ ଥିବାରୁ ବ୍ୟାଙ୍କଗୁଡ଼ିକ ରେପୋହାର ହ୍ରାସର ସୁବିଧା ଗ୍ରାହକମାନଙ୍କୁ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଲୋକମାନେ ବ୍ୟାଙ୍କରେ ଜମା ନ କରି ଇକ୍ୱିଟି ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ସେଥିପାଇଁ ବ୍ୟାଙ୍କଗୁଡ଼ିକ ଅଧିକ ସୁଧହାରରେ କର୍ପୋରେଟ୍ ଜମା ଗ୍ରହଣ କରିବାକୁ ବାଧ ହେଉଛନ୍ତି। ମାର୍ଚ୍ଚ ୨୭ ତାରିଖରେ ଆର୍‌ବିଆଇ ପ୍ରକାଶ କରିଥିବା କ୍ରମସଞ୍ଚିତ ତଥ୍ୟ ଅନୁସାରେ, ବ୍ୟାଙ୍କଗୁଡ଼ିକର ଋଣ ୧୪ ପ୍ରତିଶତରୁ ଅଧିକ ହାରରେ ବୃଦ୍ଧି ପାଇଥିବା ବେଳେ ଜମାବୃଦ୍ଧି ୧୦ ପ୍ରତିଶତରେ ସୀମିତ ରହିଛି।

**ଆଜିର ଅର୍ଥନୀତି**

ତା'ହେଲେ ବ୍ୟାଙ୍କଗୁଡ଼ିକ ଆର୍‌ବିଆଇର ରେପୋହାର ହ୍ରାସ ସତ୍ତ୍ୱେ ଗ୍ରାହକମାନଙ୍କୁ ତା'ର ଲାଭ କାହିଁକି ଦେଉନାହାନ୍ତି? ତା'ର କାରଣ ହେଉଛି ଜମା ଉପରୁ ସେମାନେ ସୁଧହାର କମାଇ ପାରୁନାହାନ୍ତି। ସେମାନଙ୍କ ହାତ ବନ୍ଧା ହୋଇରହିଛି। ସେମାନେ ଯେଉଁ ମାତ୍ରାରେ ଋଣ ଦେଉଛନ୍ତି, ସେହି ଅନୁସାରେ ସେମାନଙ୍କର ଜମା ବୃଦ୍ଧି ପାଉନାହିଁ। ସ୍ୱଳ୍ପ ସଞ୍ଚୟ ଉପରୁ ସେମାନେ ସୁଧହାର କମାଇଲେ ତାହା ଜନବିରୋଧୀ ହେବ, ବିଶେଷତଃ ନିର୍ବାଚନ ବର୍ଷରେ ରାଜନୈତିକ ଦୃଷ୍ଟିରୁ ଅନୁଚିତ କାର୍ଯ୍ୟ ହେବ। ଗତ ଚାରିମାସ ଭିତରେ ବ୍ୟାଙ୍କଗୁଡ଼ିକ ଜମା ଉପରେ ସୁଧହାର କମାଇ ନାହାନ୍ତି। ବ୍ୟାଙ୍କିଂ ବ୍ୟବସ୍ଥାରେ ଲିକ୍ୱିଡିଟି (ନଗଦ) ହ୍ରାସ ପାଉଥିବା ବେଳେ ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧହାର କମାଇବାକୁ ଚାହୁଁନାହାନ୍ତି।

ଅନେକ ମାସ ହେଲା ଅଭିବୃଦ୍ଧି ମାନ୍ଦା ରହିଆସିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ୨୦୧୮-୧୯ ପାଇଁ ଜିଡିପି ଅଭିବୃଦ୍ଧି ହାରକୁ ସଂଶୋଧନ କରି ୭ ପ୍ରତିଶତକୁ କମାଇ ଦେଇଛି, ଯେତେବେଳେ କି ଆର୍‌ବିଆଇ ୨୦୧୮-୧୯ରେ ବୃଦ୍ଧିହାର ୭.୪ ପ୍ରତିଶତ ହେବ ବୋଲି ଆକଳନ କରିଥିବାବେଳେ ୨୦୧୯-୨୦ରେ ଅପେକ୍ଷାକୃତ କମ୍ ୭.୨ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରିଛି। ଫେବୃୟାରୀରେ ସାମାନ୍ୟ ବୃଦ୍ଧି ସତ୍ତ୍ୱେ ମୁଦ୍ରାସ୍ଫୀତି ୨.୬ ପ୍ରତିଶତରେ ନିୟନ୍ତ୍ରଣାଧୀନ ରହିଛି ଏବଂ ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭରେ ଏହା ହାରାହାରି ୩.୫ ପ୍ରତିଶତରୁ କମ୍ ରହିବ ବୋଲି ଆକଳନ କରାଯାଇଛି। ଆର୍‌ବିଆଇ ଦ୍ୱାରା ଧାର୍ଯ୍ୟ ୪ ପ୍ରତିଶତରୁ ଏହା କମ୍। ଏଲ୍‌ନିନୋ କାରକ ପାଇଁ ଚଳିତବର୍ଷ ମୌସୁମୀ ବର୍ଷା ଆଶାନୁରୂପ ହେବ ନାହିଁ ବୋଲି ପୂର୍ବାନୁମାନ କରାଯାଇଛି। ବିଶ୍ୱ ପରିସ୍ଥିତି ପୂର୍ବଭଳି ପ୍ରତିକୂଳ ରହିଛି। ଓପିଇସି କାର୍ଟେଲ (ଉତ୍ପାଦକ ସଂଘ) ଦ୍ୱାରା ଉତ୍ପାଦନ ହ୍ରାସ ଯୋଗୁ ବ୍ୟାରେଲ ପିଛା ଅନ୍ତର୍ଜାତୀୟ ତୈଳଦର ୭୦ ଡଲାର ପାଖାପାଖି ରହିଛି। ଏହି ପରିପ୍ରେକ୍ଷୀରେ ଅଭିବୃଦ୍ଧି ବାଧାପ୍ରାପ୍ତ ହେଉଛି। ରେପୋହାର ହେଉଛି ସୁଧହାର ଯେଉଁଥିରେ ଆର୍‌ବିଆଇ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ସ୍ୱଳ୍ପ ଅବଧି ପାଇଁ ପାଣ୍ଠି ଯୋଗାଇଥାଏ। କିନ୍ତୁ ଉକ୍ତ ରେପୋହାର ହ୍ରାସ ସତ୍ତ୍ୱେ ବ୍ୟାଙ୍କଗୁଡ଼ିକ ଯଦି ତାହାର ଲାଭ ଗ୍ରାହକମାନଙ୍କୁ ନ ଦିଅନ୍ତି, ତେବେ ତାହା ନିରର୍ଥକ। ଅଭିବୃଦ୍ଧିକୁ ଉଦ୍ଦୀପିତ କରିବା ପାଇଁ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ଦେଉଥିବା ଋଣ ଉପରୁ ସୁଧହାର ହ୍ରାସ କରିବା ନିହାତି ଆବଶ୍ୟକ। ଅଭିବୃଦ୍ଧି ତ୍ୱରାନ୍ୱିତ ହେଲେ ତାହା ବ୍ୟାଙ୍କଗୁଡ଼ିକର କ୍ଷତି ଭରଣାଠାରୁ ଅଧିକ କାମ ଦେବ। ସୁତରାଂ ଏସ୍‌ବିଆଇ ପରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ନିରାଶ ନ କରି ବରଂ ଏ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଉଚିତ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଏପ୍ରିଲ ୧୯୯୪

- ବୋସ୍‌ନିଆ-ସର୍ବୀୟ ଅଞ୍ଚଳଗୁଡ଼ିକ ଉପରେ ନାଟୋ ପକ୍ଷରୁ ବିମାନ ଆକ୍ରମଣ ପରେ ଜାତିସଂଘ ପକ୍ଷରୁ ସାରାୟେଭୋକୁ ପଠାଯାଉଥିବା ସମସ୍ତ ମାନବିକତାକାଳୀନସାହାଯ୍ୟ ଯୋଗାଣ ଓ ରିଲିଫକାର୍ଯ୍ୟକୁ ସ୍ଥଗିତରଖାଯାଇଛି।
- ନାମ୍‌ପେନ ନିକଟସ୍ଥ ତ୍ରୋସଲା ଗ୍ରାମ ଉପରେ ଖେମରରୁଜ ଗେରିଲାମାନେ ହାତବୋମା ଓ ବନ୍ଧୁକ ସାହାଯ୍ୟରେ ଆକ୍ରମଣ କରିବା ଫଳରେ ୧୩ ଜଣ ଭିଏତ୍‌ନାମ ନାଗରିକ ପ୍ରାଣ ହରାଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | D | | | C | A | | 0 | 2 | | | |
| A | | E | | 3 | | | | 5 | 8 | | D | | | |
| | | | | | | | | 3 | | | | | | |
| 2 | | | 1 | 7 | | | 9 | | 6 | | | | 5 | |
| | | | | 6 | | 4 | B | | | | | | | |
| | | D | | | | C | 4 | | 2 | 8 | 5 | | | |
| | 2 | 6 | | | 1 | | | E | 7 | | 0 | | | |
| | | | C | | A | | | 8 | 3 | | | 9 | | |
| | B | | | | | | | | | | | 7 | | E |
| | | | | | | B | 5 | 2 | A | | C | 3 | 4 | |
| | | 0 | | | | | | B | C | | 4 | 5 | 2 | A |
| | | | | | 3 | | 2 | | | | 1 | C | E | |
| | D | B | | 1 | | 6 | | | | | | | | |
| | | | 0 | | | 5 | A | C | 9 | 3 | 6 | | | 4 |
| | | 9 | | | | | D | | 5 | | A | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | E | 8 | 5 | C | A | 1 | D | 2 | 0 | 9 | 4 | 7 | 3 | 6 |
| 9 | 7 | 2 | 1 | 4 | 8 | 3 | C | B | 5 | 6 | A | 0 | E | D |
| C | 5 | 3 | D | E | 0 | 8 | 6 | A | 7 | B | 1 | 4 | 9 | 2 |
| 4 | D | 6 | 7 | B | 9 | 5 | E | 0 | 2 | C | 3 | A | 8 | 1 |
| A | 0 | 1 | 3 | 6 | 2 | 9 | 4 | 7 | D | E | 8 | C | 5 | B |
| 1 | 8 | 5 | 9 | 3 | 7 | 4 | 2 | C | B | A | D | E | 6 | 0 |
| 7 | 9 | 4 | C | 2 | 1 | D | 0 | 6 | 3 | 5 | E | 8 | B | A |
| 2 | C | D | B | A | 4 | E | 8 | 3 | 9 | 0 | 6 | 1 | 7 | 5 |
| 3 | A | 0 | E | 5 | 6 | B | 7 | 9 | 8 | 1 | C | D | 2 | 4 |
| E | 6 | B | 0 | 8 | D | A | 5 | 1 | 4 | 2 | 7 | 9 | C | 3 |
| D | 4 | 9 | 8 | 0 | 3 | 6 | A | 5 | C | 7 | B | 2 | 1 | E |
| 5 | 1 | E | 2 | D | B | C | 3 | 8 | A | 4 | 9 | 6 | 0 | 7 |
| 0 | 2 | C | 4 | 1 | E | 7 | 9 | D | 6 | 3 | 5 | B | A | 8 |
| 6 | B | 7 | A | 9 | 5 | 2 | 1 | 4 | E | 8 | 0 | 3 | D | C |
| 8 | 3 | A | 6 | 7 | C | 0 | B | E | 1 | D | 2 | 5 | 4 | 9 |

ଗତକାଲିର ଉତ୍ତର

# କଶ୍ମୀରର ବୋଝ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଭାରତ ବର୍ଷ ସ୍ୱାଧୀନ ହେବା ପରଠାରୁ ଯେଉଁ ସମସ୍ୟାଟି ଦେଶର ଶାନ୍ତି, ସମୃଦ୍ଧି ପଥରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରଧାନ ଅନ୍ତରାୟ ହୋଇ ରହିଛି, ତାହା ହେଲା ଅସମାହିତ କଶ୍ମୀର ସମସ୍ୟା। ୧୯୪୭ ମସିହା ଅକ୍ଟୋବର ୨୬ ତାରିଖରେ ଜମ୍ମୁ-କଶ୍ମୀର ରାଜ୍ୟ ଭାରତ ଭୂଖଣ୍ଡ ସହିତ ମିଶିଲା। ସେହି ଦିନଠାରୁ ଏହି ସମସ୍ୟାର ମଞ୍ଜି ବୁଣାହୋଇଛି। ଏହା ମୂଳରେ ଥିଲେ ତତ୍କାଳୀନ ଜମ୍ମୁ-କଶ୍ମୀରର ମହାରାଜା ହରି ସିଂହ, ଭାରତର ବିଦାୟୀ ଗଭର୍ନର ଜେନେରାଲ ଲର୍ଡ ମାଉଣ୍ଟ ବ୍ୟାଟେନ ଏବଂ ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ। ଦେଶର ଅଧିକାଂଶ ଦେଶୀୟ ରାଜ୍ୟ ଇଣ୍ଡିଆନ ଇଣ୍ଡିପେଣ୍ଡେନ୍ସ ଆକ୍ଟ-୧୯୪୭ ଅନୁସାରେ ଭାରତ ଭୂଖଣ୍ଡ ସହିତ ସାମିଲ ହେଲେ। କିନ୍ତୁ ମହାରାଜା ହରି ସିଂହ ଭାରତ ବା ପାକିସ୍ତାନ ସହିତ ନ ମିଶି ଜମ୍ମୁ-କଶ୍ମୀରକୁ ଏକ ସ୍ୱାଧୀନ ରାଜ୍ୟ ଭାବେ ବଜାୟ ରଖିବାର ସ୍ୱପ୍ନ ଦେଖିଲେ। ତାଙ୍କର ସେହି ସ୍ୱପ୍ନ ଅଚିରେ ଧୂଳିସାତ୍ ହୋଇଗଲା, ଯେତେବେଳେ ପାକିସ୍ତାନୀ ସେନା ସମର୍ଥିତ ପାର୍ବତ୍ୟ ମୁଜାହିଦ୍ଦିନ୍‌ମାନେ କଶ୍ମୀର ଭୂଖଣ୍ଡ ଉପରେ ବର୍ବର ଆକ୍ରମଣ କଲେ ଏବଂ ରାଜ୍ୟର ପ୍ରଧାନ ସେନାପତି ବ୍ରିଗେଡିୟର ରାଜେନ୍ଦ୍ର ସିଂହ ରକ୍ତାକ୍ତ ସଂଗ୍ରାମ କରି ସେମାନଙ୍କ ଦ୍ୱାରା ନିହତ ହେଲେ। ସେତେବେଳେ ମହାରାଜା ହରି ସିଂହ ପ୍ରାଣ ବିକଳରେ ଭାରତ ସରକାରଙ୍କୁ ସାହାଯ୍ୟ ନିମନ୍ତେ ପ୍ରାର୍ଥନା କଲେ ଏବଂ ଜମ୍ମୁ-କଶ୍ମୀରକୁ ଭାରତ ଭୂଖଣ୍ଡ ସହିତ ମିଶ୍ରଣର ପ୍ରସ୍ତାବ ଦେଲେ, ଯାହାକୁ ଇନ୍‌ଷ୍ଟ୍ରୁମେଣ୍ଟ ଅଫ୍ ଏକ୍ସେସନ କୁହାଯାଉଛି। ଲର୍ଡ ମାଉଣ୍ଟ ବ୍ୟାଟେନ କୂଟବୁଦ୍ଧି ପ୍ରୟୋଗ କରି ସେହି ଚୁକ୍ତିରେ ସର୍ତ୍ତ ରଖିଲେ କି ମୁଜାହିଦ୍ଦିନ୍‌ମାନେ ବିତାଡ଼ିତ ହେବା ପରେ କଶ୍ମୀରର ଜନସାଧାରଣ ଭାରତ ସହିତ ମିଶ୍ରଣକୁ ଚୂଡ଼ାନ୍ତ କରିବେ। ଭାରତ ସରକାର ଏରୋପ୍ଲେନ୍‌ରେ ସୈନ୍ୟ ପଠାଇ ଆକ୍ରମଣକାରୀ ମୁଜାହିଦ୍ଦିନ୍‌ମାନଙ୍କୁ ଲାଇନ୍ ଅଫ୍ କଣ୍ଟ୍ରୋଲ ପର୍ଯ୍ୟନ୍ତ ତଡ଼ିଦେଲେ। ସ୍ୱାଧୀନ ଭାରତର ପ୍ରଥମ ଶହୀଦ ବୀର ସେନାପତି ଦିୱାନ ରଣଜିତ ରାୟଙ୍କ ନେତୃତ୍ୱରେ ଅନେକ ଦେଶଭକ୍ତ ଯବାନ ବୁକୁର ରକ୍ତ ଢାଳି କଶ୍ମୀର ଭୂଖଣ୍ଡ ତଥା କଶ୍ମୀରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିଥିଲେ। ତତ୍ପରେ ୧୯୫୬ ନଭେମ୍ବର ୧୭ ତାରିଖରେ ଜମ୍ମୁ-କଶ୍ମୀର ସମ୍ବିଧାନ ସଭା ନୀତିଗତ ଭାବେ ଭାରତର ସମ୍ବିଧାନକୁ ଗ୍ରହଣ କରି ଭାରତ ଭୂଖଣ୍ଡ ସହିତ ଜମ୍ମୁ-କଶ୍ମୀରର ମିଶ୍ରଣକୁ ଚୂଡ଼ାନ୍ତ କଲେ। କିନ୍ତୁ ଆର୍ଟିକିଲ୍ ଅଫ୍ ଏକ୍ସେସନ୍‌ରେ ମହାରାଜା ହରି ସିଂହ ପ୍ରସ୍ତାବ ରଖିଥିଲେ କି ଜମ୍ମୁ-କଶ୍ମୀରକୁ କେତେକ ସ୍ୱାୟତ୍ତ ଶାସନ କ୍ଷମତା ପ୍ରଦାନ କରାଯିବ, ଯାହା ଭାରତୀୟ ସମ୍ବିଧାନର ୩୭୦ ଧାରାରେ ଅନ୍ତର୍ଭୁକ୍ତ ହୋଇଛି। ସେଥିରୁ ଗୋଟିଏ ସର୍ତ୍ତ ହେଲା- କଶ୍ମୀରର ମୂଳ ଅଧିବାସୀ ବ୍ୟତୀତ ଅନ୍ୟ କେହି ସେଠାରେ ସ୍ଥାୟୀ ଭାବେ ବସବାସ କରିପାରିବେ ନାହିଁ। ଜମ୍ମୁ-କଶ୍ମୀର ସମ୍ବିଧାନ ସଭା ୩୭୦ ଧାରାକୁ ଉଚ୍ଛେଦ ନ କରି ନିଜକୁ ଭଙ୍ଗ କରିଦେଲେ, ତେଣୁ ଏହା ଚିରଦିନ ପାଇଁ ଗୋଟିଏ କଣ୍ଟା ହୋଇ ରହିଗଲା। ଆମର ପ୍ରଶ୍ନ ହେଲା- ଶତାଧିକ ଦେଶୀୟ ରାଜ୍ୟ ଭାରତୀୟ ରାଷ୍ଟ୍ରସଂଘରେ ସାମିଲ ହୋଇଥିଲେ ମଧ୍ୟ କାହାରି କ୍ଷେତ୍ରରେ ଏପରି କୌଣସି ସର୍ତ୍ତ ନ ଥିଲାବେଳେ ଜମ୍ମୁ-କଶ୍ମୀରର ମିଶ୍ରଣରେ କାହିଁକି ଏପରି ଅଯୌକ୍ତିକ ସର୍ତ୍ତକୁ ସ୍ୱୀକାର କରି ନିଆଗଲା? ଏହି ପ୍ରଶ୍ନର ଉତ୍ତର ଚିରରହସ୍ୟାବୃତ୍ତ ହୋଇ ରହିଯାଇଛି।

ଏହି ଦୁଇଟି ତ୍ରୁଟିର ସୁବିଧା ନେଇ ପାକିସ୍ତାନ ଦୀର୍ଘ ୭୦ ବର୍ଷ କାଳ କଶ୍ମୀର ଉପରେ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛି ଏବଂ କଶ୍ମୀର ବିଚ୍ଛିନ୍ନତାବାଦୀମାନେ ଏକ ସ୍ୱାଧୀନ ଜମ୍ମୁ-କଶ୍ମୀର ରାଷ୍ଟ୍ରର ଦାବି ଉଠାଇ ଚାଲିଛନ୍ତି। ପାକିସ୍ତାନ ମୁଖ୍ୟତଃ ତିନିଦିଗରୁ ଭାରତ ବିରୋଧରେ ଜିହାଦ ଚଳାଇଛି। ପ୍ରଥମତଃ ସାମରିକ, ଦ୍ୱିତୀୟତଃ କୂଟନୈତିକ ଏବଂ ତୃତୀୟତଃ ସାମ୍ପ୍ରଦାୟିକ। ବର୍ଷ ବର୍ଷ ଧରି ସୀମା ସଂଘର୍ଷ, ଗୁଳିଗୋଳା ବର୍ଷଣ ଛଡ଼ା ପ୍ରାୟ ତିନୋଟି ବଡ଼ ବଡ଼ ଅଘୋଷିତ ଯୁଦ୍ଧ କରିଛି। କିନ୍ତୁ ସବୁଥର ଆମ ସୁରକ୍ଷା ବଳ ସଫଳତାର ସହିତ ଆକ୍ରମଣକାରୀଙ୍କୁ ପ୍ରତିହତ ଏବଂ ପରାଜିତ କରିଛି। ବିଗତ ଦିନରେ ଦେଶର ଅଶୀ ଭାଗ ସାମରିକ ଶକ୍ତି କେବଳ କଶ୍ମୀର ଏବଂ କଶ୍ମୀରବାସୀଙ୍କ ସୁରକ୍ଷା ନିମନ୍ତେ ବିନିଯୋଗ କରାଯାଇଛି। ଯଦିଓ ବିଭ୍ରାନ୍ତ କଶ୍ମୀରବାସୀ ଏ କଥା ଏବେ ସ୍ୱୀକାର କରୁନାହାନ୍ତି, ତଥାପି ସାମରିକ ବଳ ପ୍ରୟୋଗ କରି କଶ୍ମୀରକୁ ଭାରତରୁ ବିଚ୍ଛିନ୍ନ କରିବା ଯେ ଅସମ୍ଭବ, ଏ କଥା ପାକିସ୍ତାନ ଭଲଭାବେ ବୁଝିପାରିଛି। କୂଟନୈତିକ ସ୍ତରରେ ପାକିସ୍ତାନ ବାରମ୍ବାର ଜାତିସଂଘରେ କଶ୍ମୀର ପ୍ରଶ୍ନ ଉତ୍ଥାପନ କରି ମଧ୍ୟ ବିଫଳ ହୋଇଛି। ୧୯୭୪ ମସିହାରେ କଶ୍ମୀର ମୁସଲମାନଙ୍କ ନେତା ଶେଖ୍ ଅବ୍‌ଦୁଲ୍ଲା ଏବଂ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇ ଜମ୍ମୁ-କଶ୍ମୀର ରାଜ୍ୟକୁ ଭାରତୀୟ ରାଷ୍ଟ୍ରସଂଘର ଏକ ସଭ୍ୟ ରାଷ୍ଟ୍ର ଭାବେ ସ୍ୱୀକାର କରାଯାଇ ଆର୍ଟିକିଲ୍ ୩୭୦ ଅନୁସାରେ ଏହାର ଶାସନ ନିୟନ୍ତ୍ରିତ ହେବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି ଏବଂ ଏହି ଚୁକ୍ତି ଜାତିସଂଘ ନିରାପତ୍ତା ପରିଷଦର ଏଜେଣ୍ଡାରେ ସ୍ଥାନ ପାଇଛି। ଜାତିସଂଘରେ ବାରମ୍ବାର ପାକିସ୍ତାନର କୂଟନୈତିକ ପରାଜୟ ଘଟିବାରୁ ଏବେ ସେ ତୃତୀୟ ପନ୍ଥା ଅର୍ଥାତ୍ ହୀନ ଚକ୍ରାନ୍ତ କରି କଶ୍ମୀରୀ ଜନସାଧାରଣଙ୍କ ମଧ୍ୟରେ ସାମ୍ପ୍ରଦାୟିକ ବିଦ୍ୱେଷର ବୀଜ ବୁଣି ଚାଲିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ସୈନ୍ୟବାହିନୀର ପୃଷ୍ଠପୋଷକତାରେ ପାକିସ୍ତାନୀ ସନ୍ତ୍ରାସବାଦୀମାନେ କଶ୍ମୀରରେ ଅବସ୍ଥିତ ସୁରକ୍ଷା ବଳ ଉପରେ ବାରମ୍ବାର ଆକ୍ରମଣ କରୁଛନ୍ତି। ଗତ ଫେବୃୟାରୀ ୧୪ ତାରିଖରେ ପୁଲ୍‌ୱାମାରେ ଘଟିଥିବା ଆତ୍ମଘାତୀ ସନ୍ତ୍ରାସବାଦୀ ଆକ୍ରମଣରେ ୪୯ ଭାରତୀୟ ଯବାନ ଶହୀଦ ହେବା ଏଯାବତ୍ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ। ଏହାର ପ୍ରତିଶୋଧ ନେବାକୁ ଭାରତୀୟ ବାୟୁସେନା ଫେବୃୟାରୀ ୨୬ ତାରିଖରେ ଅଚାନକ ସର୍ଜିକାଲ ଷ୍ଟ୍ରାଇକ୍ କରି ବାଲାକୋଟ୍, ମୁଜାଫରବାଦ ଏବଂ ଚକୋଟିରେ ବୋମା ପକାଇ ସେଠାରେ ସକ୍ରିୟ ଜେଇଏମ୍ ସନ୍ତ୍ରସବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିଛନ୍ତି। ଆନ୍ତର୍ଜାତିକ ସ୍ତରରେ ଭାରତର ଏହି ସନ୍ତ୍ରାସବାଦବିରୋଧୀ ପଦକ୍ଷେପକୁ ବିପୁଳ ସମର୍ଥନ ମିଳିଛି। ଏ ସବୁ ସତ୍ତ୍ୱେ କଶ୍ମୀର ଜନସାଧାରଣ ଅର୍ଥାତ୍ ମୁସଲମାନମାନେ ହୁରିଆତ କନ୍‌ଫରେନ୍ସ ଭଳି ଦେଶଦ୍ରୋହୀଙ୍କ ଚକ୍ରାନ୍ତ ଏବଂ ପ୍ରରୋଚନାରେ କ୍ରମେ ଅଧିକରୁ ଅଧିକ ଭାରତବିରୋଧୀ ହୋଇଉଠୁଛନ୍ତି। ସେମାନେ ଶତାଧିକ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା କରିଛନ୍ତି ଏବଂ ଅନ୍ୟମାନଙ୍କୁ କଶ୍ମୀରରୁ ପଳାୟନ କରିବାକୁ ବାଧ୍ୟ କରିଛନ୍ତି। ଅଥଚ ଭାରତ ସରକାର ସେମାନଙ୍କ ସୁଖସୁବିଧା ତଥା ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି। ସମଗ୍ର ଜମ୍ମୁ-କଶ୍ମୀରର ଲୋକସଂଖ୍ୟା ଭାରତ ଜନସଂଖ୍ୟାର ଏକ ପ୍ରତିଶତ ହୋଇଥିବା ବେଳେ ସେଠାରେ ଦେଶର ରାଜସ୍ୱର ୧୦ ପ୍ରତିଶତ ବ୍ୟୟିତ ହୁଏ। ୧୯୬୦ ଦଶକରେ ଯେତେବେଳେ ସମଗ୍ର ଦେଶରେ ଖାଦ୍ୟର ଉତ୍କଟ ଅଭାବ, ସେତେବେଳେ ମଧ୍ୟ ସରକାର କଶ୍ମୀରକୁ ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଇଛନ୍ତି। ସେମାନଙ୍କୁ ସୁରକ୍ଷା ଦେବାକୁ ହଜାର ହଜାର ଭାରତୀୟ ଯବାନ ପ୍ରାଣବଳି ଦେଇଛନ୍ତି। ପାକ୍-ଅଧିକୃତ କଶ୍ମୀରର ଅଧିବାସୀମାନଙ୍କ ଦୟନୀୟ ଅବସ୍ଥା ସହିତ ସେମାନଙ୍କୁ ତୁଳନା କଲେ ଆକାଶ-ପାତାଳ ପ୍ରଭେଦ ଜଣାପଡ଼େ। ତଥାପି ସେହି ଅକୃତଜ୍ଞ ଜନଗୋଷ୍ଠୀ କେବଳ ସାମ୍ପ୍ରଦାୟିକ ପ୍ରରୋଚନାର ଶିକାର ହୋଇ ଭାରତବିରୋଧୀ ହେଉଛନ୍ତି। ପାକିସ୍ତାନ ସପକ୍ଷରେ ନାରାବାଜି କରୁଛନ୍ତି, କଶ୍ମୀର ରାଜ୍ୟର ଏହି ବିଭ୍ରାନ୍ତ ଜନଚେତନା ଭବିଷ୍ୟତରେ ଭାରତ ପାଇଁ ଏକ ବିରାଟ ସମସ୍ୟା ହୋଇ ଛିଡ଼ାହେବାର ସମ୍ଭାବନା ରହିଛି। କେବଳ ଆର୍ଥିକ ସ୍ୱଚ୍ଛଳତା ଏବଂ ଶିକ୍ଷାର ବିକାଶ ଘଟାଇ ସେହି ଅକୃତଜ୍ଞ ଜନଗୋଷ୍ଠୀକୁ ନିଜ ପକ୍ଷକୁ ଆଣିବା ସମ୍ଭବ ନୁହେଁ, ଏ କଥା ବୁଝିବାକୁ ଆଉ ବାକି ନାହିଁ। ପରନ୍ତୁ ସେମାନେ ଯେତେ ସ୍ୱଚ୍ଛଳ ଏବଂ ଶିକ୍ଷିତ ହେବେ ସେତେ ଦୁର୍ଦ୍ଧର୍ଷ ସନ୍ତ୍ରାସବାଦୀ ହୋଇ ଉଠିବେ, ଏଥିରେ ସନ୍ଦେହ ନାହିଁ। ମନେହୁଏ ଜନମତକୁ ନିୟନ୍ତ୍ରିତ କରିବା ପାଇଁ ଯାହା କରଣୀୟ, ତାହା କରାଯାଉନାହିଁ। କେବଳ ସୁନାପୁଅ ମନେକରି ତେଲ ମାରିବା ନୀତିରେ ଅକୃତଜ୍ଞମାନଙ୍କୁ ନୟନ୍ତ୍ରଣ କରାଯାଇପାରେନା। ଏଥିପାଇଁ ଶାସ୍ତ୍ରରେ ଚାରିପ୍ରକାର ପନ୍ଥା ନିର୍ଦ୍ଦିଷ୍ଟ ହୋଇଛି; ତାହା ହେଲା ଶାମ, ଦାନ, ଭେଦ, ଦଣ୍ଡ। ଶାମ ମାନେ ଶାନ୍ତି, ଦାନ ହେଲା ଆର୍ଥିକ ଅନୁଦାନ ବା ଲାଞ୍ଚ, ଭେଦ ନୀତିର ଅର୍ଥ ହେଲା ବିରୋଧୀ ଗୋଷ୍ଠୀରେ କୌଶଳରେ ବିଭେଦ ସୃଷ୍ଟି କରି ସେମାନଙ୍କୁ ଦୁର୍ବଳ କରିଦେବା ଏବଂ ପରିଶେଷରେ ଦଣ୍ଡ ଅର୍ଥାତ୍ ଦେଶଦ୍ରୋହୀ ଦୁଷ୍ଟ ଶକ୍ତିଙ୍କର ବିନାଶ କରିବା। ଆବଶ୍ୟକତା ଅନୁଯାୟୀ ଏକ ବା ଏକାଧିକ ନୀତିର ପ୍ରୟୋଗ କରି ଶାସନ ପରିଚାଳନା କରିବା କଥା କୁହାଯାଇଛି। ଏଥିପାଇଁ ଆମର ଗୋଇନ୍ଦା ବାହିନୀ ଏବଂ କୂଟନୀତିଜ୍ଞମାନଙ୍କୁ ସର୍ବଦା ତତ୍ପର ରହିବାକୁ ପଡ଼ିବ ଯେପରି କି ଘଟଣାପ୍ରବାହକୁ ଯଥାଯଥଭାବେ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇପାରିବ।

ଅତୀତରେ ଅନେକ ବିଦେଶୀ ଶକ୍ତି କଶ୍ମୀରର ଅନିଶ୍ଚିତ ଅବସ୍ଥାର ସୁଯୋଗ ନେଇ ଭାରତ ବର୍ଷର କ୍ଷତି କରିବାକୁ ଚେଷ୍ଟା କରିଛନ୍ତି ଏବଂ ଏବେ ବି କରିଚାଲିଛନ୍ତି। ସେମାନଙ୍କ ପ୍ରତି ସାବଧାନ ରହି ଆମକୁ ନିଜ ଚେଷ୍ଟାରେ ଏହି ସମସ୍ୟାର ସମାଧାନ କରିବାକୁ ପଡ଼ିବ। ଯେଉଁଦିନ ଭାରତ ନିଜର ବୁଦ୍ଧି-କୌଶଳ, ଶକ୍ତି-ସାମର୍ଥ୍ୟ ଖଟାଇ ନିଜ ସମସ୍ୟାର ସମାଧାନ କରିପାରିବ, ସେହିଦିନ ହିଁ ସେ ଜଗତରେ ଶ୍ରେଷ୍ଠ ଆସନ ଲାଭ କରିବ।

ନୟାପଲ୍ଲୀ, ଭୁବନେଶ୍ୱର, ମୋ-୯୪୩୭୨୮୭୯୬୪

# ଧର୍ମ ସିଂହାସନର ଖେଳ ନୁହେଁ



ଦେବଦତ୍ତ ପଟ୍ଟନାୟକ

ରାଜା ନୃଗଙ୍କୁ କୃକଳାସ (ଝିଟିପିଟି) ହେବାର ଅଭିଶାପ ମିଳିଥିଲା, କାରଣ ସେ ଅଜ୍ଞାତସାରରେ ଏକ ଭୁଲ୍ କରିପକାଇଥିଲେ। ନୃଗ ରାଜ୍ୟର ବ୍ରାହ୍ମଣ ଓ ଋଷିମାନଙ୍କୁ ଗାଈ ଦାନ କରିବା ପାଇଁ ବେଶ୍ ଜଣାଶୁଣା ଥିଲେ। ଥରେ ସେ ଦାନ କରିଥିବା ଗୋଟିଏ ଗାଈ ତା'ର ନୂଆ ମାଲିକ ଋଷିଙ୍କ ଗୁହାଳରୁ ଖସିଆସି ନୃଗଙ୍କ ଗୋରୁପଲରେ ମିଶିଯାଇଥିଲା। ନୃଗଙ୍କ କର୍ମଚାରୀମାନେ ତାହା ଜାଣିପାରି ନ ଥିଲେ। ସେହି ଗାଈକୁ ନୃଗ ଆଉ ଜଣେ ଋଷିଙ୍କୁ ଦାନ କରିଦେଲେ। ଋଷି ଜଣକ ଗାଈଟିକୁ ନେଇ ଘରକୁ ଯିବା ବେଳେ ପୂର୍ବୋକ୍ତ ଋଷି ତାକୁ ନିଜର ହଜିଯାଇଥିବା ଗାଈ ବୋଲି ଚିହ୍ନିପାରିଲେ। ଉଭୟେ ଦାବି କଲେ ଗାଈଟି ତାଙ୍କର ଓ ରାଜା ନୃଗ ତାଙ୍କୁ ଏହା ଦାନ କରିଛନ୍ତି। ମାମଲା ଯାଇ ରାଜାଙ୍କ ପାଖରେ ପହଞ୍ଚିଲା। ରାଜା ପ୍ରଥମ ଋଷିଙ୍କୁ କ୍ଷତିପୂରଣ ସ୍ୱରୂପ ଶହେ ଗାଈ ଦେବାକୁ କହିଲେ ମଧ୍ୟ ସେ ସେହି ଗାଈଟି ଛଡ଼ା ଅନ୍ୟ ଗାଈ ନେବେ ନାହିଁ ବୋଲି ରୋକ୍‌ଠୋକ୍ କହିଦେଲେ। ଏହାପରେ ରାଜା ଦ୍ୱିତୀୟ ଋଷିଙ୍କୁ ଗାଈଟି ସେ ପ୍ରଥମ ଋଷିଙ୍କୁ ଦେଇଦେଲେ ତାଙ୍କୁ ଏକଶହ ଗାଈ ଦେବେ ବୋଲି କହିଲେ। କିନ୍ତୁ ସେ ବି ଏ ପ୍ରସ୍ତାବରେ ରାଜି ହେଲେ ନାହିଁ। ଶେଷରେ ଦାନ କରାଯାଇଥିବା ଗାଈକୁ ରାଜା ଅନ୍ୟ ଜଣଙ୍କୁ ପୁନଃ ଦାନ କରିଥିବାରୁ ତାଙ୍କୁ କୃକଳାସ ହେବାର ଅଭିଶାପ ମିଳିଲା। ସତ୍ୟଯୁଗର ନୃଗ ଦ୍ୱାପର ଯୁଗରେ ଭଗବାନ୍ କୃଷ୍ଣଙ୍କ ଦର୍ଶନ କରିବା ପରେ ମୁକ୍ତି ପାଇବେ ବୋଲି ଅଭିଶାପ ପରେ ତାଙ୍କୁ ମୁକ୍ତିର ବାଟ ବତାଇଦିଆଗଲା। ନୃଗ ଏ ଅଭିଶାପକୁ ମୁଣ୍ଡପାତି ଗ୍ରହଣ କଲେ।

ମହାଭାରତର ଅନୁଶାସନ ପର୍ବରେ ଭୀଷ୍ମ ପାଣ୍ଡବମାନଙ୍କୁ ରାଜଧର୍ମ ସମ୍ବନ୍ଧରେ ଉପଦେଶ ଦେଲାବେଳେ ଏ କାହାଣୀଟି କହିଛନ୍ତି। ରାଜା ପ୍ରଜାମାନଙ୍କର ସୁଖସୁବିଧା ପାଇଁ ଦାୟୀ। ଏପରି ତାଙ୍କ ଅଜାଣତରେ କିଛି ଭୁଲ୍ ପାଇଁ ପ୍ରଜାମାନେ କଷ୍ଟ ପାଇଲେ ମଧ୍ୟ ସେଥିପାଇଁ ସେ ଦାୟୀ। ଏ କାହାଣୀଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ କାରଣ ନୃଗ ହେଉଛନ୍ତି ରାମଙ୍କ ପୂର୍ବସୂରି ଏବଂ ବିଖ୍ୟାତ ଇକ୍ଷ୍ୱାକୁ ବଂଶୀୟ ରାଜା, ଯାହା ମୂଳ ସୂର୍ଯ୍ୟବଂଶର ଏକ ଶାଖା। ଏହି ବଂଶରେ ରାଜା ସଗର, ହରିଶ୍ଚନ୍ଦ୍ର, ଦିଲୀପ, ରଘୁ, ରାମଙ୍କ ପରି ବହୁ ବିଖ୍ୟାତ ରାଜା ଜନ୍ମଗ୍ରହଣ କରିଥିବା ବେଳେ ବହୁ ଜୈନ ତୀର୍ଥଙ୍କର ମଧ୍ୟ ଏହି ବଂଶରେ ଜନ୍ମ ହୋଇଛନ୍ତି।

ବର୍ତ୍ତମାନ ରାଜନେତାମାନେ ରାମ ଓ ରାମରାଜ୍ୟ କଥା କହୁଛନ୍ତି, କିନ୍ତୁ ରାଜଧର୍ମ କହିଲେ ରାମ ଓ ଇକ୍ଷ୍ୱାକୁ ବଂଶୀୟ ରାଜାମାନେ ଯାହା ବୁଝୁଥିଲେ ସେଥିରୁ କିଛି ବି ଶିକ୍ଷା କରୁନାହାନ୍ତି। ନିଜ ଶାସନର ବିଫଳତା ପାଇଁ ସେମାନେ ନିଜକୁ ଦାୟୀ କରିବା କଥା ଭାବୁନାହାନ୍ତି। ସୂର୍ଯ୍ୟବଂଶୀ ରାମ ନିଜକୁ ରାମ-ଚନ୍ଦ୍ର ବୋଲି କହି ଚନ୍ଦ୍ରରେ କଳଙ୍କ ପରି ପ୍ରଜାଙ୍କ କଥାକୁ ଗୁରୁତ୍ୱ ଦେଇ ନିର୍ଦ୍ଦୋଷ ସୀତାଙ୍କୁ ତ୍ୟାଗକରିବା ପରି କଳଙ୍କକୁ ଆପଣେଇ ନେଇଥିଲେ।

କୁହାଯାଏ ନିଜର ସାହସ, ବୀରତ୍ୱ, ବଦାନ୍ୟତା, ସୁଶାସନ ପାଇଁ ବିଖ୍ୟାତ ରାଜା ବିକ୍ରମାଦିତ୍ୟ ମଧ୍ୟ ସୂର୍ଯ୍ୟବଂଶୀ ଥିଲେ। ତାଙ୍କ ଶାସନର ଅନେକ ବର୍ଷ ପରେ ରାଜା ଭୋଜ ଚାହିଁଲେ ତାଙ୍କର ବିଖ୍ୟାତ ସିଂହାସନ ଉପରେ ବସିବା ପାଇଁ, ଯେଉଁ ସିଂହାସନଟି ମାଟିତଳେ ପୋତିହୋଇ ପଡ଼ିଥିବା ଅବସ୍ଥାରେ ଏକ କ୍ଷେତରୁ ଆବିଷ୍କାର କରାଯାଇଥିଲା। କିନ୍ତୁ ଯେତେବେଳେ ସେ ଏହି ସିଂହାସନରେ ଆରୋହଣ କରିବାକୁ ଯାଆନ୍ତି, ସିଂହାସନର ପାହାଚଗୁଡ଼ିକରେ ଥିବା ୩୨ଟି ପିତୁଳା ତାଙ୍କୁ ପ୍ରଶ୍ନ କଲେ ବିକ୍ରମାଦିତ୍ୟଙ୍କ ପରି ରାଜା ହେବା ପାଇଁ ୩୨ଟି ଗୁଣ ତାଙ୍କ ପାଖରେ ଅଛି ତ? ଭୋଜ ଏହି ୩୨ଟି ଗୁଣକୁ ଚରିତ୍ରଗତ କରିବା ପରେ ହିଁ ସିଂହାସନରେ ଆରୋହଣ କରିଥିଲେ। ଆଜି ଆମେ ଏପରି ସମୟରେ ପହଞ୍ଚିଛୁ, ଯେତେବେଳେ ରାଜା ବା ଶାସକ ହେବା ପାଇଁ କୌଣସି ମହତ୍ ଗୁଣ ଆବଶ୍ୟକ ପଡୁନାହିଁ। ବର୍ତ୍ତମାନ ରାଜକ୍ଷମତା ମିଳୁଛି ଭୋଟ ମାଧ୍ୟମରେ ଏବଂ ଭୋଟ ମିଳୁଛି ଭାବପ୍ରବଣ ବାକ୍‌ପଟୁତା, କାଳ୍ପନିକ କାହାଣୀ କଥନ ଓ ମିଥ୍ୟା ପ୍ରତିଶ୍ରୁତିରେ। ଏଥିରେ ଅଧିକ ନାଟ୍ୟଶାସ୍ତ୍ର ଓ କମ୍ ଧର୍ମଶାସ୍ତ୍ର ଦେଖିବାକୁ ମିଳୁଛି।

ନେତାମାନେ ପରସ୍ପରକୁ ଦୋଷାରୋପ କରୁଥିବା ବେଳେ ଲୋକମାନେ କ'ଣ କରୁଛନ୍ତି? ଜଙ୍ଗଲରେ ସବଳମାନେ ଦୁର୍ବଳକୁ ଆହାର କରିଥାନ୍ତି। ଏହା ହେଉଛି ମତ୍ସ୍ୟନ୍ୟାୟ (ମାଛମାନଙ୍କ ଆଇନ), ଯାହା ପ୍ରାଣୀମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ, ମଣିଷଙ୍କ କ୍ଷେତ୍ରରେ ନୁହେଁ। ମଣିଷମାନେ ସେପରି କଲେ ତାକୁ ଅଧର୍ମ କୁହାଯାଏ। ମଣିଷ ସଂସ୍କୃତିରେ ସବଳ ସବୁବେଳେ ଦୁର୍ବଳର ଯତ୍ନ ନେବା ଉଚିତ। ମନୁସ୍ମୃତି ମତରେ ଧର୍ମ ପ୍ରତିଷ୍ଠା ପାଇଁ ଈଶ୍ୱର ରାଜାମାନଙ୍କୁ ସୃଷ୍ଟି କରିଛନ୍ତି ଏବଂ ରାଜାଙ୍କର ଧର୍ମ ହେଉଛି ଏପରି ପରିବେଶ ସୃଷ୍ଟି କରିବା ଯେଉଁଥିରେ ଦୁର୍ବଳମାନେ ବି ସ୍ୱଚ୍ଛନ୍ଦରେ ବଞ୍ଚିପାରିବେ। ରାଜଧର୍ମରେ ରାଜ୍ୟ ହେଉଛି ସିଂହାସନଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ରାଜନୀତିରେ ଏହା ହେଉଛି ସିଂହାସନର ଖେଳ, କେବଳ ଭୋଟ ଓ ଟିକସ ମିଳିଗଲା ପରେ ଲୋକମାନଙ୍କର ଯାହା ହେଉ ସେଥିରେ କିଛି ଯାଏଆସେ ନାହିଁ। ବର୍ତ୍ତମାନ ରାଜଧର୍ମକୁ କେବଳ କାଳ୍ପନିକ ଆଦର୍ଶ ଓ ରାଜନୀତିକୁ ବାସ୍ତବ ବୋଲି ମନେକରାଯାଉଛି। ଆଜିକାର ରାଜନେତା ଯଦି ନୃଗଙ୍କ ସମୟରେ ଥାଆନ୍ତେ, ସେମାନେ ଗାଈକୁ ନିଜର କହି ଋଷିମାନଙ୍କୁ ମିଥ୍ୟାବାଦୀ ଓ ଚୋର ବୋଲି ସାବ୍ୟସ୍ତ କରିଦେଇଥାନ୍ତେ।

## ଏଇ ଭାରତରେ

ଭୋଟ ଦେବା ଭାରତର ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ପ୍ରତ୍ୟେକ ନାଗରିକ ଭୋଟ ଦେଇ ଲୋକ ପ୍ରତିନିଧି ବାଛିବା ବିଷୟ ଭାରତୀୟ ସମ୍ବିଧାନରେ ଉଲ୍ଲେଖ ରହିଛି। ଭାରତ ସ୍ୱାଧୀନତା ପ୍ରାପ୍ତିର ୭୧ବର୍ଷ ପରେ ପ୍ରଥମ ଥର ପାଇଁ ଭୋଟ ଦେଇଛନ୍ତି ହରିମରକା ଗ୍ରାମବାସୀ। ଛତିଶଗଡର ନାରାୟଣପୁର ଜିଲା ଅନ୍ତର୍ଗତ ଏହି ଗାଁ ଜିଲା ମୁଖ୍ୟାଳୟଠାରୁ ୨୭କିଲୋମିଟର ଦୂରରେ ଅବସ୍ଥିତ। ଏହା ଏକ ମାଓବାଦୀପ୍ରବଣ ତଥା ଅନୁନ୍ନତ ଅଞ୍ଚଳ। ଏହି ଲୋକମାନେ ଦୀର୍ଘବର୍ଷ ହେଲା ମତଦାନ କରିବାରୁ ବଞ୍ଚିତ ଥିଲେ। ଉକ୍ତ ମାଓବାଦୀପ୍ରବଣ ଅଞ୍ଚଳ କୁଣ୍ଡଲା ମତଦାନ କେନ୍ଦ୍ରରେ ହରିମରକା ଗ୍ରାମର ୪୪୦ ଭୋଟର ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ମତଦାନ କରିଛନ୍ତି। ଭୋଟର ତାଲିକାରେ ସେମାନଙ୍କ ନାମ ପଞ୍ଜୀକରଣ ପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ମହିଳାମାନେ ନବଜାତକଙ୍କୁ କୋଳରେ ଧରି ଭୋଟ ଦେବାକୁ ଆସିଥିଲେ। ମାଓବାଦୀଙ୍କ ଧମକକୁ ଖାତିର ନ କରି ସେମାନେ ଜଙ୍ଗଲରେ ଚାଲିଚାଲି ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ।

## ଚିରନ୍ତନୀ

କହେ ଡାକି ସେ ଶବଦ
''ଶୁଣ ଶୁଣ
ହେ ଜଗତବାସି!
''ଜୀବନ ବିଜୟ ଦୀପ
ଅସୀମ ଆକାଶେ ଜଳେ ଭାସି।
''ଧରାର ତିମିର ତଳେ
ଚଳୁ ଜୀବନର ମହାରଥ
''ଉଠ ବୀର! ଏ ଆଲୋକ
ରଚିଦେଉ ତୋର ଛାୟାପଥ।

(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିଂ ଗାଡ଼ି ଆଗରେ ଶୋଇବେ ଚାଷୀ

ମହାଶୟ,

ନବନିର୍ମାଣ କୃଷକ ସଙ୍ଗଠନର ଚେତାବନୀ- ପୋଲିଂ ଗାଡ଼ି ଆଗରେ ଶୋଇବେ ଚାଷୀ। ବାସ୍ତବରେ ଏମାନେ ଯଦି ଚାଷୀ, ଏମାନଙ୍କୁ ସମୟ କେଉଁଠୁ ମିଳୁଛି ପୋଲିଂ ଗାଡି ଆଗରେ ଶୋଇବାକୁ? ଯେତିକି ସୁବିଧା ସରକାରଙ୍କ ତରଫରୁ ଅଛି ତାହା ସେମାନଙ୍କ ପାଖରେ ପହଞ୍ଚୁ ନାହିଁ। ମୁଁ ୧୬ ବର୍ଷ ଧରି ଚାଷ କରୁଛି। ପ୍ରାୟ ପ୍ରତିବର୍ଷ ୫୦ କୁଇଣ୍ଟାଲ ଧାନ ବିକୁଛି। କିନ୍ତୁ ମଣ୍ଡିରେ ଦେଉନାହିଁ, କାରଣ ୨ ବର୍ଷ ତଳେ ମଣ୍ଡିରେ ପଞ୍ଜୀକରଣ କଲି ଏପ୍ରିଲ ମାସରେ ୧୩ କୁଇଣ୍ଟାଲ ଧାନ ଦେବାକୁ। ମୋର ତ ଡିସେମ୍ବର ମାସରେ ଟଙ୍କା ଦରକାର। ଏଥରକ ୫୦ କୁଇଣ୍ଟାଲ ଧାନ କିଗ୍ରା ୧୫ ଟଙ୍କାରେ ବିକ୍ରି କଲି। ପାଣି ପଞ୍ଚାୟତ ଏକ ପ୍ରହସନ। କାଡ଼ା ଆଉ ନାହିଁ। ଚାଷଜମିକୁ ଯିବାକୁ ରାସ୍ତା ନାହିଁ। ଏବେ ଜଳସ୍ତର କମି ଗଲାଣି। ସବ୍‌ମର୍ସିବଲ ପମ୍ପ ଦରକାର ହେଉଛି। ଏ ଅଞ୍ଚଳରେ ଯଦି ଉଠା ଜଳସେଚନ ଥାନ୍ତା ମୁଗ ଭଲ ହୋଇଥାନ୍ତା। ଏହା ପ୍ରତି ଦୃଷ୍ଟି ନ ଦେଇ ଯେଉଁମାନେ ଚାଷର ଧାର ଧାରନ୍ତି ନାହିଁ ସେମାନେ ଚାଷୀ ନେତା, ଚାଷୀ ନୁହନ୍ତି।


ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ମିଳିବାରେ ବିଳମ୍ବ

ଲୋକଟି ମରିଯିବା ପରେ ତା'ର ଶବ ସତ୍କାର ପାଇଁ ଯେଉଁ ଅର୍ଥ ଦିଆଯାଏ, ତାହା ହେଉଛି ହରିଶ୍ଚନ୍ଦ୍ର ଯୋଜନା। ଶ୍ରୀରାମଚନ୍ଦ୍ରପୁର ଗ୍ରାମର ସୁରେଶ ପାଣି ଆଜକୁ ଚାରିମାସ ହେବ ଆରପାରିକୁ ଚାଲିଗଲେଣି। ଦୁଃଖର କଥା, ତାଙ୍କ ମୃତ୍ୟୁ ଦିନ ଏହି ଯୋଜନା ଅର୍ଥ ମିଳି ନ ଥିଲା। ମରିବାର ଚାରିମାସ ପରେ ମଧ୍ୟ ମିଳିନାହିଁ। ସ୍ଥାନୀୟ ସରପଞ୍ଚ କହୁଛନ୍ତି, ତାଙ୍କର ଅର୍ଥ ସରକାରଙ୍କ ତରଫରୁ ଆଜିପର୍ଯ୍ୟନ୍ତ ଆସିନି। କେବେ ଆସିବ ଠିକ୍ କିଛି କହୁନାହାନ୍ତି। ଏହା ଅତୀବ ଦୁଃଖର ବିଷୟ। ଏହି ଯୋଜନା ଅର୍ଥ ସମସ୍ତଙ୍କୁ ମିଳୁଥିବା ବେଳେ ପାଣି ଏଥିରୁ କାହିଁକି ବଞ୍ଚିତ ହେବେ? ଏହି ଟଙ୍କାକୁ ଆଉ କେହି ହଡ଼ପ କରିନାହିଁ ତ? ଶୀଘ୍ର ଯୋଜନାର ଅର୍ଥ ତାଙ୍କୁ ଦିଆଯାଉ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ହାତୀ ଆକ୍ରମଣରେ ଗୁରୁତର ବୃଦ୍ଧାଙ୍କ ମୃତ୍ୟୁ

**ଛେଣ୍ଡିପଦା,୧୧।୪(ସ୍ୱ.ପ୍ର):** ଛେଣ୍ଡିପଦା ନିକଟସ୍ଥ ଏମ୍‌ସିଏଲ୍ କୋଇଲା ଖଣି ପାଖ ଜଙ୍ଗଲରେ ଗତ ମଙ୍ଗଳବାର ଦନ୍ତା ହାତୀ ଆକ୍ରମଣରେ ଛେଣ୍ଡିପଦା ତାଳବୁରୀ ସାହିର ପ୍ରହ୍ଲାଦ ଦେହୁରୀଙ୍କ ସ୍ତ୍ରୀ ଲବଙ୍ଗ ଦେହୁରୀ ଗୁରୁତର ହୋଇଥିଲେ। ଗୁରୁବାର ସକାଳେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

ବନ ବିଭାଗ ସୂତ୍ରରୁ ପ୍ରକାଶ, ୩ ଜଣ ମହିଳା ମହୁଲ ଗୋଟାଇବା ପାଇଁ ଜଙ୍ଗଲକୁ ଯାଇଥିଲେ। ମହୁଲ ଗୋଟାଉଥିବାବେଳେ ଏକ ଦନ୍ତା ହାତୀ ପ୍ରଥମେ ଦେବକୀ ପ୍ରଧାନଙ୍କୁ କଚାଡି ମାରିବା ପରେ ଲବଙ୍ଗଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇଥିଲା। ଗୁରୁତର ଅବସ୍ଥାରେ ଲବଙ୍ଗଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ଅନୁଗୋଳ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ ପ୍ରକାଶ କରିଛନ୍ତି।

### ୭ ଗାଡ଼ି ମାଲିକଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ

**ଅନୁଗୋଳ ଅଫିସ, ୧୧।୪:** ୭ ଜଣ ଗାଡ଼ି ମାଲିକ ସେମାନଙ୍କ ଗାଡ଼ି ନିର୍ବାଚନ କାର୍ଯ୍ୟରେ ଲଗାଇବା ନିର୍ଦ୍ଦେଶ ଅବମାନନା କରିଛନ୍ତି। ସେଥିପାଇଁ ସେମାନଙ୍କ ବିରୋଧରେ ଗୁରୁବାର ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି। ତୁରନ୍ତ ସେମାନଙ୍କୁ ଗିରଫ କରିବାକୁ ଉକ୍ତ ଅଞ୍ଚଳର ଥାନା ଅଧିକାରୀଙ୍କୁ ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶକ ଦେଇଛନ୍ତି ବୋଲି ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି ସୂଚନା ଦେଇଛନ୍ତି।

## ■ ୨୩ରେ ଅନୁଗୋଳ ଜିଲାରେ ମତଦାନ

# ଭୋଟ ଦେବେ ୯ ଲକ୍ଷ ୫୬ ହଜାର ଭୋଟର

**ଅନୁଗୋଳ ଅଫିସ, ୧୧।୪**

ଅନୁଗୋଳ ଜିଲାରେ ତୃତୀୟ ପର୍ଯ୍ୟାୟରେ ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମତଦାନ କେନ୍ଦ୍ରରେ ସାଧାରଣ ଲୋକମାନେ କିପରି ସୁରୁଖୁରୁରେ ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ ସେ ନେଇ ମଧ୍ୟ ପ୍ରଶାସନ ବ୍ୟବସ୍ଥା କରିଛି। ଜିଲାରେ ମୋଟ୍ ୫ଟି ନିର୍ବାଚନ ମଣ୍ଡଳୀରେ ୧୧୬୩ ବୁଥ୍ କରାଯାଇଥିବା ବେଳେ ୯ ଲକ୍ଷ ୫୬ ହଜାର ୭୬୧ ଭୋଟର ସେମାନଙ୍କ ମତସାବ୍ୟସ୍ତ କରିବେ।

ଜିଲାରେ ଥିବା ୫ଟି ନିର୍ବାଚନମଣ୍ଡଳୀରେ ୨୨୫ ପଞ୍ଚାୟତ ଓ ପୌରପାଳିକା ଏବଂ ଏନ୍‌ଏସି(ୟୁଏଲ୍‌ବି)ର ୫୫ଟି ୱାର୍ଡ ସଂଲଗ୍ନ ରହିଛି। ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ପାଲଲହଡ଼ା ବ୍ଲକର ୨୭ ଓ କଣିହାଁର ୨୦ଟି ପଞ୍ଚାୟତ ରହିଛି। ଏଠାରେ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୬୭ ହଜାର ୯୪୬। ଏମାନଙ୍କ ପାଇଁ ୨୩୯ଟି ମତଦାନ କେନ୍ଦ୍ର ଖୋଲାଯାଇଛି। ସେହିପରି ତାଳଚେର ନିର୍ବାଚନମଣ୍ଡଳୀରେ ତାଳଚେର ବ୍ଲକର ୨୧ ଓ କଣିହାଁ ବ୍ଲକର ୭ଟି ପଞ୍ଚାୟତ ଏବଂ ପୌରପାଳିକାର ୨୧ଟି ୱାର୍ଡ ସାମିଲ ହୋଇରହିଛି। ମୋଟ୍ ମତଦାତାଙ୍କ ସଂଖ୍ୟା ୧ ଲକ୍ଷ ୭୫ ହଜାର ୮୫୬। ୨୦୧ଟି ମତଦାନ କେନ୍ଦ୍ରରେ ଏହି ଭୋଟରମାନେ ମତ ସାବ୍ୟସ୍ତ କରିବେ। ଅନୁଗୋଳ ନିର୍ବାଚନମଣ୍ଡଳୀରେ ଅନୁଗୋଳ ବ୍ଲକର ୨୫ ଓ ବଅଁରପାଳର ୧୭ ପଞ୍ଚାୟତ ସହ ଅନୁଗୋଳ ପୌରପାଳିକାର ୨୩ଟି ୱାର୍ଡ ସାମିଲ ଅଛି। ଏହି ନିର୍ବାଚନମଣ୍ଡଳୀର ମୋଟ୍ ୨ ଲକ୍ଷ ୧୩ ହଜାର ୬୧ ଜଣ ମତଦାତାଙ୍କ ପାଇଁ ୨୪୬ଟି ମତଦାନ କେନ୍ଦ୍ର ଖୋଲାଯାଇଛି। ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଛେଣ୍ଡିପଦା ବ୍ଲକର ୩୪ଟି ଓ ବଅଁରପାଳ ବ୍ଲକର ୧୮ ପଞ୍ଚାୟତ ସଂଲଗ୍ନ ରହିଛି। ଏଠାକାର ୨ ଲକ୍ଷ ୩ ହଜାର ୨୬୩ ଜଣ ମତଦାତାଙ୍କ ପାଇଁ ୨୨୭ଟି ମତଦାନ କେନ୍ଦ୍ର ଖୋଲାଯାଇଛି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ଆଠମଲ୍ଲିକ ବ୍ଲକର ୨୪, କିଶୋରନଗର ବ୍ଲକର ୨୩ ଓ ଅନୁଗୋଳ ବ୍ଲକର ୯ ପଞ୍ଚାୟତ ସହ ଆଠମଲ୍ଲିକ ଏନ୍‌ଏସିର ୧୧ଟି ୱାର୍ଡକୁ ସଂଲଗ୍ନ କରାଯାଇଛି। ମୋଟ୍ ୧ ଲକ୍ଷ ୯୬ ହଜାର ୬୧୭ ଜଣ ମତଦାତାଙ୍କ ପାଇଁ ୨୫୦ଟି ମତଦାନ କେନ୍ଦ୍ର ଖୋଲାଯାଇଛି। ଜିଲାର ମୋଟ୍ ୧୧୬୩ଟି ମତଦାନ କେନ୍ଦ୍ରରେ ୧୨୮୧ ଜଣ ପ୍ରିଜାଇଡିଂ ଅଫିସର ନିର୍ବାଚନ ପରିଚାଳନା କରିବେ ଓ ୬୪୦୫ ଜଣ ପୋଲିଂ ଅଧିକାରୀ ସେମାନଙ୍କୁ ସହଯୋଗ କରିବେ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ପ୍ରଦାନ କରାଯାଇଛି।

### ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

## ଭତ୍ତା ନେବାକୁ ଆସି ଟଳି ପଡ଼ିଲେ ବୃଦ୍ଧ

**ଆଠମଲ୍ଲିକ,୧୧।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅନ୍ତର୍ଗତ ଲୁହାସିଙ୍ଗା ଗ୍ରାମର ବସନ୍ତ ବେହେରା (୬୫)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସକାଳ ପ୍ରାୟ ୧୦ଟାରେ ସେ ସ୍ତ୍ରୀଙ୍କ ସହ ଲୁହାସିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟକୁ ବାର୍ଦ୍ଧକ୍ୟ ଭତ୍ତା ନେବାକୁ ଆସି ଅପେକ୍ଷା କରିଥିବାବେଳେ ସେଠାରେ ଟଳି ପଡିଥିଲେ। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ଆଠମଲ୍ଲିକ ଥାନାର ଜାମୁଡୋଲି ଫାଣ୍ଡି ଅଧିକାରୀ ସନାତନ ଧର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଆଠମଲ୍ଲିକ ପୋଲିସ ନଂ. ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଚିହ୍ନଟ ହେଲା ମା’ ହିଙ୍ଗୁଳାଙ୍କ ଉଭାସ୍ଥଳୀ



ଚିହ୍ନଟ ହୋଇଥିବା ମା’ଙ୍କ ଉଭାସ୍ଥଳ।

**ତାଳଚେର,୧୧।୪(ନି.ପ୍ର.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା’ ହିଙ୍ଗୁଳାଙ୍କ ଉଭାସ୍ଥଳୀ ବୁଧବାର ନିଶାର୍ଦ୍ଧରେ ଚିହ୍ନଟ ହୋଇଛି। ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ମନ୍ଦିରର ପୂର୍ବ ଦିଗରେ ପ୍ରାୟ ୩୦୦ ମିଟର ଦୂରରେ ଥିବା ପଡିଆରେ ମା’ ଅଗ୍ନିରୂପା ଆବିର୍ଭାବ ହୋଇଛନ୍ତି। ମଧ୍ୟରାତ୍ରିରେ ଦେହୁରୀ ମା’ଙ୍କୁ ଶାବରୀ ମନ୍ତ୍ରରେ ଆରାଧନା କରି ବଶୀଭୂତ କରିଥିଲେ ଏବଂ କୋଇଲା ସଂଯୋଗ କରି ଉଭାସ୍ଥଳୀ ଚିହ୍ନଟ କରିଥିଲେ। ଅରା ବାଉଁଶ ଜଙ୍ଗଲର ପ୍ରାକୃତିକ ଶୋଭାରାଜିରେ ମା’ ହିଙ୍ଗୁଳାଙ୍କ ଆବିର୍ଭାବ ପରେ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ସୂଚନାଯୋଗ୍ୟ ଯେ, ଉଭାସ୍ଥଳ ଚିହ୍ନଟ ନିମନ୍ତେ ବୁଧବାର ମା’ଙ୍କ ଜନ୍ତାଳ ପୂଜା ଅନୁଷ୍ଠିତ ହୋଇଥିଲା। ପଡିଆରଙ୍କ ସୂଚନା ମୁତାବକ ଦେହୁରୀ ଉଭାସ୍ଥଳ ଚିହ୍ନଟ କରିଥିଲେ। ମା’ ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଓ ୧୭ତମ ଲୋକ ମହୋତ୍ସବ ଆସନ୍ତା ୧୮ ତାରିଖଠାରୁ ଆରମ୍ଭ ହୋଇ ୨୬ ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଦିବ୍ୟାଙ୍ଗଙ୍କୁ ମତଦାନରେ ସାମିଲ ପାଇଁ ସଚେତନତା



ଜିଲାପାଳ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୧।୪**

ଢେଙ୍କାନାଳ ଜିଲାର ଦିବ୍ୟାଙ୍ଗ ମତଦାତାଙ୍କୁ ମତଦାନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଗୁରୁବାରଠାରୁ ଗଡିଛି ସଚେତନତା ରଥ। ଏହାକୁ ଜିଲାପାଳ ନିଖିଲ ପୱନ କଲ୍ୟାଣ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥଗୁଡ଼ିକ ଜିଲାର ସମସ୍ତ ଅଞ୍ଚଳ ପରିକ୍ରମା କରି ଦିବ୍ୟାଙ୍ଗଙ୍କୁ ସଚେତନ କରିବ। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ତାପମାତ୍ରା ୪୧ ଟପିଲା

**ତାଳଚେର ୧୧।୪(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରରେ ନିର୍ବାଚନୀ ଉଷ୍ମତା ସହ ଦିନର ତାପମାତ୍ରା ବଢ଼ି ଚାଲିଛି। ଗୁରୁବାର ତାଳଚେରରେ ତାତି ୪୧.୮ ଛୁଇଁଛି। ଖଣି ଅଞ୍ଚଳରେ ଏହା ଆହୁରି ୪/୫ ଡିଗ୍ରୀ ଅଧିକ ଥିବା କୁହାଯାଉଛି। ଏଥିଯୋଗୁ ଜଳାଭାବ ସମସ୍ୟା ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି।

## କଂଗ୍ରେସ କର୍ମୀଙ୍କ ଉପରୁ ହଟିଲା ନିଲମ୍ବନ

**ଅନୁଗୋଳ ଅଫିସ, ୧୧।୪**

ଛେଣ୍ଡିପଦା ବ୍ଲକ କୁଶକିଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜକିଶୋର ସାହୁ ଓ ବନ୍ଦନା ସାହୁଙ୍କ ଉପରୁ ନିଲମ୍ବନ ଆଦେଶ ହଟାଇ ଦେଇଛି ରାଜ୍ୟ କଂଗ୍ରେସ। ସେମାନେ ଏବେ ଦଳରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ କମିଟି ପକ୍ଷରୁ କୁହାଯାଇଥିବା ଡିସିସି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

## ■ ବିଜେଡିରେ ଯୋଗଦେଲେ ୧୫ କର୍ମୀ

# ନିର୍ବାଚନରେ ଦଳ ଭଲ କରିବ: ମନ୍ତ୍ରୀ

**ପରଜଙ୍ଗ, ୧୧।୪(ଡି.ଏନ.ଏ.)**



କର୍ମୀଙ୍କ ଗହଣରେ ମନ୍ତ୍ରୀ ନୃସିଂହ ଚରଣ ସାହୁ।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଡିହଡୋଳସ୍ଥିତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଡା. ନୃସିଂହ ଚରଣ ସାହୁଙ୍କ ବାସଭବନରେ ଗୁରୁବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତୁମୁସିଙ୍ଗା ପଞ୍ଚାୟତର ବିଭିନ୍ନ ଦଳର ୧୫ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ତୁମୁସିଙ୍ଗା ପଞ୍ଚାୟତ ବିଜେଡି ସଭାପତି ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣିମା ବେହେରା, ସରସ୍ୱତୀ ବେହେରା, ମିନତି ବେହେରା, ସୁଜା ବେହେରା, ଗୋବିନ୍ଦ ସାହୁ, ଶରତ ସାହୁ ପ୍ରମୁଖ ବିଜେଡିରେ ଯୋଗଦେଇଛନ୍ତି। ମନ୍ତ୍ରୀ ସମସ୍ତଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନିର୍ବାଚନମଣ୍ଡଳୀରେ ବିଜେଡି ସୁଦୃଢ଼ ହେଉଛି। ଚଳିତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ମନ୍ତ୍ରୀ କହିଥିଲେ। ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଲୁଲୁ ଅମାନ୍ତ, ରୋହିତ ସାହୁ, ବଳିଆ ସାମଲ ବିପିନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।




## ଅବକାରୀ ଚଢ଼ାଉ, ୪ ଗିରଫ

**ଛେଣ୍ଡିପଦା,୧୧।୪(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ବାଗଡିଆ ରଥସାହିରେ ଗୁରୁବାର ସମ୍ବଲପୁର ଇଣ୍ଟେଲିଜେନ୍ସ ବ୍ୟୁରୋ ଓ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ରନ୍ଧା ମହୁଲି ମଦ ଓ ପୋଚ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସେହି ଅଞ୍ଚଳର ସନାତନ ସାହୁ, କ୍ଷିରୋଦ ଦେହୁରୀ, ଶାନ୍ତିଲତା ବେହେରା ଓ ଧରଣୀ ବେହେରା।

ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ, ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ୨ ନଂ. ଅବକାରୀ ଥାନା ଓ ସମ୍ବଲପୁର ଇଣ୍ଟେଲିଜେନ୍ସ ବ୍ୟୁରୋ ପକ୍ଷରୁ ଅବକାରୀ ନିରୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନେତୃତ୍ୱରେ ରଥସାହିରେ ଚଢାଉ କରାଯାଇ ୯୦୦ କେଜି ମହୁଲି ପୋଚ,୨ ସେଟ ମଦ ରନ୍ଧା ସାମଗ୍ରୀ ସହିତ ୧୨୬ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ଅନୁଗୋଳ ୨ ନଂ. ଅବକାରୀ ଥାନାରେ ନଂ. ୫/ ୧୯ ଓ ୬/୧୯ରେ ୨ଟି ମାମଲା ରୁଜୁ ହୋଇଛି। ସେହିପରି ସମ୍ବଲପୁର ଇଣ୍ଟେଲିଜେନ୍ସି ବ୍ୟୁରୋ ପକ୍ଷରୁ ନଂ. ୧୭/୧୯ ଓ ୧୮/୧୯ରେ ୨ଟି ମାମଲା ରୁଜୁ କରାଯାଇଥିବା ଅବକାରୀ ଏସ୍‌ଆଇ ଅରବିନ୍ଦ ରାଉତ ରାଏ ପ୍ରକାଶ କରିଛନ୍ତି। ଅବକାରୀ ଏସ୍‌ଆଇ ପ୍ରତାପ ଚନ୍ଦ୍ର ସାମଲ, ଗୁପ୍ତ ପ୍ରଧାନ, ସୁରେଶ ଚନ୍ଦ୍ର ପାଲ, ବିଜୟ ସାମଲ, ରଜନୀ ପ୍ରଭା କିଷାନଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଚଢାଉରେ ସାମିଲ ଥିଲେ।



CLASSIFIED DISPLAY












# ମନେ ପଡ଼ନ୍ତି


## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାବିତ୍ରୀ ମହାନ୍ତି**
ଗେଲୁଟୁଆ, ଭଦ୍ରକ
ଆବିର୍ଭାବ: ୨୮।୦୧।୧୯୪୮
ତିରୋଧାନ: ୦୨।୦୪।୨୦୧୯

ପରମ ପୂଜନୀୟା ବୋଉ, ଆପଣଙ୍କୁ କୋଟି କୋଟି ପ୍ରଣାମ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ନିଷ୍ଠାପର କାର୍ଯ୍ୟ ନିପୁଣତା ଆମ ସମସ୍ତଙ୍କର ଜୀବନର ଧ୍ୟେୟ ହେଉ। ଆପଣଙ୍କ ପ୍ରଦତ୍ତ ଆଲୋକ ରୂପକ ଆଶୀର୍ବାଦରେ ଆଲୋକିତ ହେଉଥାଉ ଏ ପରିବାର। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମ ସମସ୍ତଙ୍କର ବିନମ୍ର ନିବେଦନ। ଇତି ଆପଣଙ୍କର ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୧୨୦୬୬

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ମୀନାକ୍ଷୀ ମହାନ୍ତି**
ବେଣ୍ଣୁପୁର, ନୂଆପାଟଣା, ବାଲିଅନ୍ତା
ଆବିର୍ଭାବ: ୧୯୫୦
ତିରୋଧାନ: ୧୪।୦୪।୨୦୧୬
(ଚୈତ୍ର ଶୁକ୍ଳପକ୍ଷ ସପ୍ତମୀ ତିଥି)

ତୁମ ସ୍ନେହ, ସଦିଚ୍ଛା ଓ କଲ୍ୟାଣପ୍ରଦ ମନୋଭାବ ଅବିସ୍ମରଣୀୟ ଓ ଚିରଦିନ ସ୍ମୃତି ହୋଇ ରହିଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ସ୍ୱାମୀ ଗୋପୀନାଥ ମହାନ୍ତି ଓ ପରିବାରବର୍ଗ।
ଧ-୪୬୨୬୩

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅମୂଲ୍ୟ କୁମାର ମହାପାତ୍ର**
ଗୋବିନ୍ଦପ୍ରସାଦ, ଢେଙ୍କାନାଳ

ବିଗତ ବର୍ଷର ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ ତୁମର ଅନୁପସ୍ଥିତି। ତୁମେ ଥିଲ ଆମ ପ୍ରେରଣାର ଉତ୍ସ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଝିଅ, ଜୋଇଁ ଓ ପରିବାରବର୍ଗ।
ଧ-୧୨୦୯୧

## ମନେପଡ଼ନ୍ତି



**ସ୍ୱର୍ଗତା ବାସନ୍ତି ଦାସ**
ବେଲଗଡିଆ (ବାରିପଦା) ମୟୁରଭଞ୍ଜ
ଆବିର୍ଭାବ: ୧୧।୧୧।୧୯୫୮
ତିରୋଧାନ: ୦୨।୦୪।୨୦୧୯

ବୋଉ ତୁ ଆମକୁ ହଠାତ ଛାଡିଗଲୁ। ଆମେ ବିଶ୍ୱାସ କରିହେଉ ନାହିଁ। ତୋ ପରୋପକାର, ସତ୍ୟନିଷ୍ଠା, ଧର୍ମପରାୟଣ ଓ ଆଦର୍ଶ ଆମର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ-ଗୋକୁଳ, ପୁତ୍ର- ପପୁ, ବାପୁ ଏବଂ ଶରତ, କୃଷ୍ଣ, ଅଶୋକ, ବୁଢ଼ିଆ, ସନ୍ଧ୍ୟା, ସେବ, ଅଞ୍ଜନା, ରାନ୍ତୁ, ସୁଖି, କୁନୀ, ନଖି, ଶାନ୍ତି, ଲିଲି, ଶ୍ୟାମସୁନ୍ଦର, ନଟ ସହିତ ନାତୁଣୀନାତି, ଭାଣିଜିଭଣଜା, ପୁତୁରାବୋହୂ ପୁତୁରା ଓ ବନ୍ଧୁବାନ୍ଧବ।
ଧ-୧୨୧୦୨

# ରାଜ୍ୟରେ ପ୍ରତିଷ୍ଠା ହେବ ହାଫ୍ ୱେ ହୋମ୍

## ମାନସିକ ରୋଗୀଙ୍କ ପାଇଁ ନୂଆ ବ୍ୟବସ୍ଥା

**କଟକ ଅଫିସ, ୧୧।୪**

ରାଜ୍ୟର ୩ଟି ମେଡିକାଲ କଲେଜ (ଏସ୍‌ସିବି, ବୁର୍ଲା ଓ ବ୍ରହ୍ମପୁର) ଅଧୀନରେ ପ୍ରତିଷ୍ଠା କରାଯିବ ହାଫ୍ ୱେ ହୋମ୍। ଏସ୍‌ସିବି ଅଧୀନରେ ଦୁଇଟି, ବ୍ରହ୍ମପୁର ଓ ବୁର୍ଲା ଅଧୀନରେ ଗୋଟିଏ ଲେଖାଏ ଏହି ହୋମ୍ ପ୍ରତିଷ୍ଠା କରାଯିବ। ଜଣେ ମାନସିକ ରୋଗୀ ମେଡିକାଲରେ ଚିକିତ୍ସିତ ହୋଇ ଅଧାଅଧି ଆରୋଗ୍ୟ ହେବା ପରେ ତାଙ୍କୁ ଏହି ହାଫ ୱେ ହୋମ୍‌କୁ ପଠାଯିବ। ସେଠାରେ ରୋଗୀଙ୍କ ସହିତ ସେମାନଙ୍କ ପରିବାରବର୍ଗଙ୍କୁ କାଉନସେଲିଂ କରାଯିବ। ରୋଗୀଙ୍କ ରୋଗ କ'ଣ, ଏହି ରୋଗୀଙ୍କ ସହିତ ପରିବାର ଏବଂ ସାହିପଡ଼ିଶାଙ୍କ ବ୍ୟବହାର କିଭଳି ହେବା ଉଚିତ, ରୋଗୀଙ୍କୁ କେବଳ ଔଷଧ ନୁହେଁ ତାଙ୍କ ସହିତ ସାମାଜିକ ବ୍ୟବହାର ମଧ୍ୟ ଏକାନ୍ତ ଆବଶ୍ୟକ ବୋଲି କାଉନସେଲିଂରେ କୁହାଯିବ। ଏସ୍‌ସିବି ମାନସିକ ରୋଗ ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏହିଭଳି ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି। ଡା. ସ୍ୱାଇଁଙ୍କ ମତରେ ଜଣେ ମାନସିକ ରୋଗୀଙ୍କୁ ୧୫ରୁ ୨୦ ଦିନ ମେଡିକାଲରେ ଚିକିତ୍ସା କରାଯିବା ପରେ ଯଦି ରୋଗୀ ଜଣକ ଆରୋଗ୍ୟ ଲାଭ କରୁଥିବା ଦେଖାଯାଏ ତେବେ ତାଙ୍କୁ ମେଡିକାଲରେ ଅଧିକ ଦିନ ନ ରଖିବା ପାଇଁ ଏଭଳି ବ୍ୟବସ୍ଥା କରାଯାଉଛି। ମେଡିକାଲରେ ୧୫ରୁ ୨୦ ଦିନ ଓ ହାଫ୍ ୱେ ହୋମରେ ୧୫ରୁ ୨୦ ଦିନ ରହିବା ପରେ ରୋଗୀ ଜଣକ ସମ୍ପୂର୍ଣ୍ଣ ଭାବେ ମାନସିକ ସ୍ତରରେ ସୁସ୍ଥତା ଫେରି ପାଇବା ପାଇଁ ବ୍ୟବସ୍ଥା କରାଯିବ। ଉକ୍ତ ହାଫ୍ ୱେ ହୋମକୁ ଦୈନିକ ମେଡିକାଲରୁ ଡାକ୍ତରମାନେ ପରିଦର୍ଶନରେ ଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବରେ କୁହାଯାଇଛି। ଏହାବାଦ ଜିଲାସ୍ତରରେ ଅସହାୟ ଓ ଅପରିଚିତ ରୋଗୀମାନଙ୍କ ପାଇଁ ଥଇଥାନ କେନ୍ଦ୍ର ନିର୍ମାଣ କରାଯିବାକୁ ସୁପ୍ରିମକୋର୍ଟଙ୍କ ଆଦେଶ ରହିଛି। ତେଣୁ ଅସହାୟ ଓ ଅପରିଚିତ ରୋଗୀମାନେ ସରକାରଙ୍କ ତତ୍ତ୍ୱାବଧାନରେ ଉକ୍ତ ଥଇଥାନ କେନ୍ଦ୍ରରେ ରଖାଯିବ। ଗୁରୁବାର ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ୭ ଜଣ ଅସହାୟ ମାନସିକ ରୋଗୀଙ୍କୁ ଢେଙ୍କାନାଳଠାରେ ଥିବା ଏକ ସାମାଜିକ ଅନୁଷ୍ଠାନରେ ଥଇଥାନ କରାଯାଇଛି। ଏହି ଅସହାୟ ରୋଗୀମାନେ ଏସ୍‌ସିବିରେ ୨ରୁ ୪ ବର୍ଷ ଧରି ରହିଥିଲେ। ଆରୋଗ୍ୟ ଲାଭ କରିବା ପରେ ମଧ୍ୟ ଯେହେତୁ ଏମାନଙ୍କର କୌଣସି ଘର ଠିକଣା ନ ଥିଲା ତେଣୁ ଏମାନେ ଏକପ୍ରକାର ମାନସିକ ରୋଗ ବିଭାଗରେ ଅନ୍ତେବାସୀ ପାଲଟିଥିଲେ। ଏପ୍ରିଲ ସୁଦ୍ଧା ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନକୁ ଡେଷ୍ଟିଚ୍ୟୁଟ ଫ୍ରି କରାଯିବ ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି। ଇତିମଧ୍ୟରେ ଗତବର୍ଷ ଅକ୍ଟୋବରରୁ ଅଦ୍ୟାବଧି ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରୁ ୫୦ ଜଣ ଅସହାୟ ରୋଗୀଙ୍କୁ ବିଭିନ୍ନ ସାମାଜିକ ପ୍ରତିଷ୍ଠାନରେ ଥଇଥାନ କରାଯାଇଛି। ୫୦ ଜଣ ରୋଗୀ ଯିବା ପରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଆହୁରି ୪୦ ଜଣ ଅସହାୟ ରୋଗୀ ରହିଛନ୍ତି। ଏପ୍ରିଲ ଶେଷ ସୁଦ୍ଧା ଏହି ୪୦ ଜଣଙ୍କୁ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଥଇଥାନ କରାଯିବାକୁ ବ୍ୟବସ୍ଥା କରାଯାଉଥିବା ପ୍ରଫେସର ସ୍ୱାଇଁ କହିଛନ୍ତି। ଏହାପରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ୧୦ ବେଡ୍ ବିଶିଷ୍ଟ ଏକ ଡେଷ୍ଟିଚ୍ୟୁଟ୍ ୱାର୍ଡ଼ ଖୋଲାଯିବ। ଡେଷ୍ଟିଚ୍ୟୁଟ୍ ରୋଗୀମାନେ ମେଡିକାଲକୁ ଆସିବା ପରେ ଏହି ୱାର୍ଡରେ ଚିକିତ୍ସିତ ହେବେ। ସେମାନେ ଆରୋଗ୍ୟ ଲାଭ କରିବା ପରେ ସେମାନଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି।


# ପାୱାରଙ୍କ ପରାମର୍ଶ ଲୋଡ଼ିଲେ ଉର୍ମିଳା

**ମୁମ୍ବାଇ:** ଆଗକୁ ମୁମ୍ବାଇରେ ଲୋକ ସଭା ନିର୍ବାଚନ ହେବାକୁ ଥିବାବେଳେ ଅଭିନେତ୍ରୀରୁ ରାଜନେତ୍ରୀ ପାଲଟିଥିବା ଉର୍ମିଳା ମାତୋଣ୍ଡକର ଗୁରୁବାର ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ତାଙ୍କ ବାସଭବନରେ ଭେଟି ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଲୋଡିଛନ୍ତି। ମାତୋଣ୍ଡକର କଂଗ୍ରେସ ପ୍ରାର୍ଥୀ ଭାବେ ମୁମ୍ବାଇ-ଉତ୍ତର ଲୋକ ସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ପ୍ରାୟ ଅଧଘଣ୍ଟାଏ ଧରି ପାୱାରଙ୍କ ସହିତ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ପାୱାରଙ୍କ ଭଳି ବିଶିଷ୍ଟ ରାଜନୀତିଜ୍ଞ ତଥା ମରାଠାର ଜଣେ ଦକ୍ଷ ମାର୍ଗଦର୍ଶକଙ୍କ



ପରାମର୍ଶ ତାଙ୍କୁ ବିଜୟୀ କରିପାରିବ ବୋଲି ମାତୋଣ୍ଡକରଙ୍କ ଆତ୍ମବିଶ୍ୱାସ ରହିଛି। ପାୱାରଙ୍କ ସହିତ ସାକ୍ଷାତ ଆଲୋଚନା ପରେ ମାତୋଣ୍ଡକର ଟୁଇଟ୍ କରିଛନ୍ତି। ଜଣେ ଗୁରୁପ୍ରତିମ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ସମ୍ମାନନୀୟ ପାୱାର ସାହେବଙ୍କ ମାର୍ଗଦର୍ଶନ ବିଜୟପଥରେ ଆଗୁସାର କରାଇବ। ରାଜନୈତିକ ରଣାଙ୍ଗନରେ ପାୱାର ପ୍ରୋତ୍ସାହିତ କରିଥିବାରୁ ମାତୋଣ୍ଡକର ତାଙ୍କୁ ଧନ୍ୟବାଦ ଦେଇଥିଲେ। ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ମୁମ୍ବାଇ-ଉତ୍ତର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଭାଜପାର ବର୍ତ୍ତମାନର ସାଂସଦ ଗୋପାଲ ଶେଟ୍ଟୀ। ସେ ୨୦୧୪ ଲୋକ ସଭା ନିର୍ବାଚନରେ କଂଗ୍ରେସର ସଞ୍ଜୟ ନିରୁପମଙ୍କୁ ହରାଇ ଦେଇଥିଲେ।

ମୁମ୍ବାଇର ୬ ଲୋକ ସଭା ଆସନ ପାଇଁ ଏପ୍ରିଲ ୨୯ରେ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବ। ନିର୍ବାଚନରେ ଆସନ ବଣ୍ଟନ ବୁଝାମଣା ଦୃଷ୍ଟିରୁ କଂଗ୍ରେସ ମୁମ୍ବାଇର ୫ ଲୋକ ସଭା ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଏନ୍‌ସିପି ମାତ୍ର ଗୋଟିଏ ଆସନରେ ପ୍ରାର୍ଥୀ ଠିଆ କରାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ କଲା !**
**ଟୋକୀ କରମକୁ ପାକୁଆ ବୁଢ଼ା।**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରିସ୍ଥଳେ ବୟସ୍କ ବ୍ୟକ୍ତି ସହ ଯୁବତୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରି ନ ଥାଏ। ଫଳସ୍ୱରୂପ ବିଚାରୀ କନ୍ୟା ନିଜ ଭାଗ୍ୟକୁ ନିନ୍ଦିବା ଛଡ଼ା ଆଉ କିଛି ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାନ୍ତ ଦାରୀ,**
**ପେଟ ଭଗାରି।**

କଥାବାର୍ତ୍ତା କଲାବେଳେ ଦାନ୍ତ ଆଗ ବାହାରି ପଡ଼େ। ସମସ୍ତଙ୍କୁ ଦେଖି ଆଗ ହସିଦେବା ମଣିଷର ପ୍ରକୃତି। ସେହିପରି ଅଧିକ ଖାଇଲେ ରୋଗଗ୍ରସ୍ତ ହେବା ସମ୍ଭାବନା ରହିଥାଏ। ଭୋକ ହେଲେ ସ୍ଥାନ-କାଳ-ପାତ୍ର ନ ବିଚାରୀ ମଧ୍ୟ ଖାଇବାକୁ ପଡ଼ିଥାଏ। ଏପରିସ୍ଥଳେ ପେଟ ଭଗାରି ଭଳି ଦାଉସାଧିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଭୋଟ ଦେଲେ ଅଙ୍ଗୁଳି କାଟି ଦେବାକୁ ଚେତାବନୀ

# କାଠଫେର, ପାଟଦର୍ହାବାସୀ ଭୋଟ ଦେଲେନି

**ନୂଆପଡ଼ା ଅଫିସ, ୧୧।୪:** ନୂଆପଡ଼ା ଜିଲା ସଦର ମହକୁମାଠାରୁ ୧୨୦ କି.ମି. ଦୂର ବୋଡେନ ଥାନା ଅନ୍ତର୍ଗତ ମାଓବାଦୀଙ୍କ ଗଡ କୁହାଯାଉଥିବା କାଠଫେର (ବୁଥ ନମ୍ବର ୧୧୭) ଓ ପାଟଦର୍ହା (୨୮)ବାସୀ ମାଓବାଦୀଙ୍କ ଭୟ ଯୋଗୁ ମତଦାନରୁ ବିରତ ହୋଇଛନ୍ତି। ଶେଷରେ ସ୍ୱତନ୍ତ୍ର କର୍ଡନରେ ଯାଇଥିବା ପୋଲିଂ ପାର୍ଟି ଖାଲି ହାତରେ ଫେରିଆସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୋଡେନ ଥାନା କାଠଫେର ଏବଂ ପାଟଦର୍ହାରେ ଭୋଟ ବର୍ଜନ କରିବାକୁ ମାଓବାଦୀମାନେ ଗ୍ରାମବାସୀଙ୍କୁ ଚେତାବନୀ ଦେଇଥିଲେ। ଏପରିକି ଯେଉଁମାନେ ଭୋଟ ଦେବେ ତାଙ୍କର ଅଙ୍ଗୁଳି କଟାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ସେହି ଅଞ୍ଚଳ ଉପରେ କଡ଼ା ନଜର ରଖିଥିଲା। ବୁଧବାର ଜିଲାର ସମସ୍ତ ପୋଲିଂ ପାର୍ଟି ବୁଥକୁ ଯାଇଥିଲେ ମଧ୍ୟ ଉପରୋକ୍ତ ୨ ପୋଲିଂ ପାର୍ଟିକୁ ଗୁରୁବାର ସକାଳେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥାରେ ବୁଥକୁ ନିଆଯାଇଥିଲା। ହେଲିକପ୍ଟର ଲ୍ୟାଣ୍ଡିଂ କରିବା ସୁବିଧା ନ ଥିବାରୁ ପୋଲିଂ ଟିମ୍ ଚାଲି ଚାଲି ଯାଇଥିଲେ। ହେଲେ କେହି ଜଣେ ବି ଭୋଟ ଦେବାକୁ ଆସି ନ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍।
Helpline Numbers 9430834074 8709556494
House No.267, Friends Colony, New Delhi-6

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add.: T-51, Gali No. 8, Gautampuri, Delhi

See Color Display Classified on every Tuesday & Friday

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number 9855585642 8053882482
B-283, JJ Camp Tigri, South Delhi, Delhi - 110062

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813 85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668 8395864708
SCO- 106, Second Floor, Vishal Tower, Cannaught Place, Delhi.

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ। ୨% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ (ବିଦ୍ୟାର୍ଥୀ /ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR 7577028197

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544 8956667461

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590 9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS: C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755 7894961299

BUSINESS
BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604 7310568553

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638 09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765 8512004851

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ ମାମଲା

### ଅଭିଯୁକ୍ତ ବାପ,ପୁଅଙ୍କୁ ୨ ବର୍ଷ କାରାଦଣ୍ଡ

**ଢେଙ୍କାନାଳ ଅଫିସ, ୧୧।୪:** ଢେଙ୍କାନାଳ ଜିଲା ଗଁଦିଆ ଥାନା ରାଧାଦେଈପୁର ଆନନ୍ଦବଜାର ଛକରେ ୨୦୦୮ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବସ୍ କଣ୍ଟକ୍ଟରଙ୍କୁ ଆକ୍ରମଣ କରାଯାଇଥିଲା। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏସ୍‌ଡିଜେଏମ୍ ଶ୍ରୀମତୀ ଶିବାନୀ ଘଟଣାର ଅଭିଯୁକ୍ତ କରୁଣାକର ପଲେଇ (୫୯) ଏବଂ ତାଙ୍କ ପୁଅ ଆଲୋକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉଭୟଙ୍କୁ ୨ ବର୍ଷ ଲେଖାଏଁ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ ହଜାର ଜରିମାନା ଏବଂ ଅନାଦାୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର (କ୍ୟାଡର) ଜୋନାଲିନ୍ ରାଉତ ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୦୮ ଡିସେମ୍ବର ୧୩ ସନ୍ଧ୍ୟା ୭ଟାରେ ଢେଙ୍କାନାଳରୁ ରାଧାଦେଈପୁର ଅଭିମୁଖେ ଯାଉଥିବା ଘରୋଇ ବସ୍ 'ପାୟଲ'କୁ କରୁଣାକର ଏବଂ ଆଲୋକ ଅଟକାଇଥିଲେ। କଣ୍ଟକ୍ଟର ସୁଶାନ୍ତ ଭୋଇ ବସ୍ ତଳକୁ ଓହ୍ଲାଇବା ପରେ ଉଭୟେ ତାଙ୍କୁ ପଥର ଏବଂ ଖଣ୍ଡାରେ ଆକ୍ରମଣ କରିଥିଲେ। ଘଟଣାରେ ହସ୍ତକ୍ଷେପ କରିଥିବା ବସ୍ ଡ୍ରାଇଭର ଶ୍ରୀମନ୍ତ ପରିଡ଼ା ଏବଂ ଯାତ୍ରୀ ପ୍ରକାଶ ଦେହୁରୀ ମଧ ଆକ୍ରମଣରୁ ବର୍ତ୍ତି ନ ଥିଲେ। ଏ ନେଇ ସୁଶାନ୍ତଙ୍କ ଅଭିଯୋଗକ୍ରମେ ନଂ. ୨୨୦/୦୮, ଦଫା ୩୪୧, ୩୨୩, ୨୯୪, ୩୨୫ ଏବଂ ୩୩୪ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ବାପପୁଅ କୋର୍ଟରେ ଆତ୍ମସମର୍ପଣ କରିବା ପରେ ଜାମିନରେ ଆସିଥିଲେ। ମାମଲାର ଜିଆର କେସ୍ ନଂ. ୧୧୧୨/୦୮ର ବିଚାର କରି ଏସ୍‌ଡିଜେଏମ୍ ଏହି ରାୟ ଶୁଣାଇଛନ୍ତି।

### ବିଜେଡିର ଘରକୁ ଘର ପ୍ରଚାର ଆରମ୍ଭ

**ପରଜଙ୍ଗ, ୧୧।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ଘରକୁ ଘର ପ୍ରଚାର ଆରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ଡା. ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ମନ୍ତ୍ରୀ ଦଳୀୟ କର୍ମୀଙ୍କ ଗହଣରେ କୁମୁସୀ, ସାଆନ୍ଦା, ଚାନ୍ଦପୁର, ରେଣ୍ଟାପାଟ ପଞ୍ଚାୟତରେ ପ୍ରଚାର କରିଥିଲେ। ବିଜେଡି ଶାସନ କାଳରେ ରାଜ୍ୟରେ ବହୁ ବିକାଶମୂଳକ କାର୍ଯ୍ୟ ହୋଇଛି। ଗରିବ, ଚାଷୀ ପରିବାର ଉପକୃତ ହୋଇଛନ୍ତି। ଏହି ବିକାଶ ଧାରା ଜାରି ରଖିବାକୁ ଚଳିତ ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ଭୋଟରଙ୍କୁ ନିବେଦନ କରିଥିଲେ। ପ୍ରଚାର ଶୋଭାଯାତ୍ରାରେ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସାଆନ୍ଦା ସରପଞ୍ଚ ଗୌତମ ପାଣି, ଚାନ୍ଦପୁର ସରପଞ୍ଚ ରବି ମହାପାତ୍ର, ପାଟରପଦା ସରପଞ୍ଚ ଦୁଃଶାସନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ସାହୁ, କାରଣ ବେହେରା, ନଚିକେତା ବିଶ୍ୱାଳ ବାପି ପାଣି, ଲିପୁ ଶତପଥୀ, ସୁବ୍ରତ ରଣା ପ୍ରମୁଖ ସାମିଲ ଥିଲେ।

# ବିଜେଡି ଟାର୍ଗେଟରେ ବିରୋଧୀ

**ଢେଙ୍କାନାଳ ଅଫିସ, ୧୧।୪**

- ନିଜର ଖାତା ଖତିଆନା ଅଛି କି ନାହିଁ ବିରୋଧୀ ପରଖନ୍ତୁ: ମହେଶ
- ବିପକ୍ଷ ନେତା ମା' ମାଟିକୁ କଲିକତାରେ ବିକିଛନ୍ତି: ସୁଧୀର



ଶୋଭାଯାତ୍ରାରେ ବିଜେଡି ପ୍ରାର୍ଥୀ ମହେଶ ସାହୁ ଏବଂ ସୁଧୀର ସାମଲ।

ତୃତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ହାତଗଣତି ଦିନ ବାକି ଥିବାବେଳେ ଶାସକ ବିଜେଡି ପକ୍ଷରୁ ଢେଙ୍କାନାଳ ନିର୍ବାଚନମଣ୍ଡଳୀରେ ପ୍ରଚାର ଜୋର୍ ଧରିଛି। ଲୋକ ସଭା ପ୍ରାର୍ଥୀ ମହେଶ ସାହୁ ଏବଂ ସଦର ନିର୍ବାଚନମଣ୍ଡଳୀ ବିଧାନସଭା ପ୍ରାର୍ଥୀ ସୁଧୀର କୁମାର ସାମଲ ରୋଡ୍ ଶୋ, ପଥପ୍ରାନ୍ତ ସଭା, କର୍ମୀ ସମ୍ମିଳନୀ କରି ଭୋଟରଙ୍କ ସହାନୁଭୂତି ହାତେଇବାକୁ ଉଦ୍ୟମ ଚଳାଇଛନ୍ତି। ସୁଧୀର ଏବଂ ମହେଶ ମିଳିତ ଭାବେ ଗୁରୁବାର ଦିନତମାମ ସଦର ବ୍ଲକ ଅଧୀନ ମଙ୍ଗଳପୁର, କଙ୍କଡ଼ାହାଡ଼, ସାରିଅଁ, ଭାଲିଆବୋଲକାଟେଣୀ, ଲମ୍ବୋଦରପୁର, ଭାପୁର ଅଞ୍ଚଳରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ପ୍ରଚାରବେଳେ ଉଭୟେ ବିରୋଧୀଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।

ମହେଶ ନିଜ ପ୍ରତିକ୍ରିୟାରେ କୁହନ୍ତି, ସାଢ଼େ ୪ କୋଟି ଓଡ଼ିଆଙ୍କ ମନରେ ଜନପ୍ରିୟ ନେତା ନବୀନ ପଟ୍ଟନାୟକ ଅଛନ୍ତି। ବିଜେଡି ସରକାର ଅମଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଉଛି। କେନ୍ଦ୍ର ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରି ଲୋକଙ୍କ ପାଖରେ ପହଞ୍ଚିବାକୁ ଯଥାସାଧ୍ୟ ଉଦ୍ୟମ କରାଯାଉଛି। ଢେଙ୍କାନାଳ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ସହ ଦୀର୍ଘଦିନର ସାମାଜିକ ସମ୍ପର୍କ ରହିଛି। ବିରୋଧୀମାନେ ସମାଲୋଚନା କରିବା ସ୍ୱାଭାବିକ। ହେଲେ ସେମାନଙ୍କ ନିଜର ଖାତା ଖତିଆନା ଅଛି କି ନାହିଁ, ତାହା ସେମାନେ ପରଖନ୍ତୁ ବୋଲି ମହେଶ କଡ଼ା ଟିପ୍ପଣୀ ଦେଇଛନ୍ତି।

ସେହିପରି ସୁଧୀର କୁହନ୍ତି, ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ସବୁ ବର୍ଗର ଲୋକେ ଉପକୃତ ହୋଇଛନ୍ତି। ମହିଳା, ଶିଶୁ, ଶ୍ରମିକ, ଯୁବଗୋଷ୍ଠୀଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ଚଳିତ ନିର୍ବାଚନରେ ଦଳୀୟ ଏମ୍‌ପି ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀ ମିଳିତ ଭାବେ ପ୍ରଚାର କରୁଛୁ। ଏହା ଶୁଭସଙ୍କେତ। ନିର୍ବାଚନମଣ୍ଡଳୀକୁ ଖଣ୍ଡବିଖଣ୍ଡିତ କରିବାକୁ ବିରୋଧୀ ଦଳର କେତେଜଣ ନେତା ଉଦ୍ଦେଶ୍ୟ ରଖିଛନ୍ତି। ଏପରି ମାନସିକତା ପୋଷଣ କରୁଥିବା ବ୍ୟକ୍ତି କେବେ ସଫଳ ହେବେନାହିଁ। ବିଜେଡି ପ୍ରାର୍ଥୀଙ୍କୁ ବିରୋଧ କରୁଥିବା ବିପକ୍ଷ ଦଳର ନେତା ମା'ମାଟିକୁ ନେଇ କଲିକତାରେ ବିକ୍ରି କରିଛନ୍ତି ବୋଲି ସେ କଡ଼ା ସମାଲୋଚନା କରିଛନ୍ତି।

### ବିଧାୟକ ପ୍ରାର୍ଥୀ ଭରସାରେ ଏମ୍‌ପି ପ୍ରାର୍ଥୀ

ଢେଙ୍କାନାଳ ଜିଲାର ଦଳୀୟ ବିଧାୟକ ପ୍ରାର୍ଥୀଙ୍କ ଭରସାରେ ମହେଶ ସାହୁ ନିର୍ବାଚନୀ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। କାରଣ ୨୦୧୪ ନିର୍ବାଚନରେ ମହେଶ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଭରସା କରି ଏମ୍‌ପି ଟିକେଟ ଦେଇଛନ୍ତି। ହେଲେ ଢେଙ୍କାନାଳ ଜିଲାର ୪ ନିର୍ବାଚନମଣ୍ଡଳୀ ପାଇଁ ସେ ନୂଆ। ତେଣୁ ଖଣି ମନ୍ତ୍ରୀ ତଥା କାମାକ୍ଷାନଗର ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ତଥା ପରଜଙ୍ଗ ବିଧାନସଭାରୁ ନିର୍ବାଚନ ଲଢୁଥିବା ବିଧାୟକ ପ୍ରାର୍ଥୀ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାନସଭା ପ୍ରାର୍ଥୀ ସୁଧୀର ସାମଲ, ହିନ୍ଦୋଳ ବିଧାୟିକା ତଥା ବିଧାୟିକା ପ୍ରାର୍ଥିନୀ ସୀମାରାଣୀ ନାୟକଙ୍କୁ ଭରସା କରି ସେ ପ୍ରଚାର କାର୍ଯ୍ୟ ଚଳାଇଛନ୍ତି। ଚଳିତ ନିର୍ବାଚନ ମହେଶ ଏବଂ ଦଳ ପାଇଁ ସମ୍ମାନର ପ୍ରଶ୍ନ ବୋଲି ଚର୍ଚ୍ଚା ହେଉଛି।

# ଥାନାରୁ ନାବାଳକ ଅଭିଯୁକ୍ତ ଚମ୍ପଟ



**କାମାକ୍ଷାନଗର, ୧୧।୪(ଡି.ଏନ୍.ଏ.)**

- ଏକାଧିକ ମାମଲାରେ ସମ୍ପୃକ୍ତ
- ଢିଲା ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ

କାମାକ୍ଷାନଗର ଥାନାରେ ଅଟକ ଥିବା ଜଣେ ନାବାଳକ (୧୭ ବର୍ଷ) ବୁଧବାର ବିଳମ୍ବିତ ରାତିରେ ପାଇଖାନା ଏକ୍‌ଜଷ୍ଟଡ ପଙ୍ଖା ଭାଙ୍ଗିବା ସହ ସେହି ରାସ୍ତା ଦେଇ ଚମ୍ପଟ ମାରିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ରହିଛି। ଥାନା ପରିସରରୁ ସୁରକ୍ଷା ବଳୟ ଭେଦି ଅଭିଯୁକ୍ତ ଫେରାର ହୋଇଯିବା ଘଟଣା ପୋଲିସର କାର୍ଯ୍ୟବଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଅଭିଯୁକ୍ତଙ୍କ ଘର ମୁଣ୍ଡିଦେଉଳି ଶଙ୍କରପୁର ଅଞ୍ଚଳରେ। ଗତ ଏପ୍ରିଲ ୨ ବିଳମ୍ବିତ ରାତିରେ ମୁଣ୍ଡିଦେଉଳି ଅଞ୍ଚଳର ଅର୍ଜୁନ ଚରଣ ଖୁଣ୍ଟିଆଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ନଂ. ୭୩/୧୯ ଏବଂ ଦଫା ୪୫୭, ୩୮୦ରେ ମାମଲା ରୁଜୁ କରାଯାଇଥିଲା। ଏଥିରେ ସମ୍ପୃକ୍ତ ନାବାଳକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହେବା ପରେ ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। କେବଳ ଏତିକି ନୁହେଁ, ତାଙ୍କ ନାମରେ କାମାକ୍ଷାନଗର ଥାନାରେ ନଂ. ୨୧୦/୧୮, ୨୧୧/୧୮, ୨୧୯/୧୮ରେ ସମାନ ଦଫାରେ ମାମଲା ରହିଛି। ସେହିପରି କଙ୍କଡ଼ାହାଡ଼ ଏବଂ ଭୁବନ ଥାନାରେ ମଧ ଚୋରି, ଛିନ୍‌ତାଇ ମାମଲା ଅଛି।

ସୂଚନାଯୋଗ୍ୟ, ନାବାଳକ ଅଭିଯୁକ୍ତ ଜଣକ ତାଙ୍କ ସହଯୋଗୀଙ୍କ ସହ ମିଶି ଦଶହରା ଭସାଣିରେ କାମାକ୍ଷାନଗରର ଅତିରିକ୍ତ ଜିଲା ଦୌରାଜଜ ଏବଂ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ସରକାରୀ ବାସଭବନ ସ୍କାଏଲାଇଟ୍ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ନ୍ୟାୟାଧୀଶଙ୍କ ସରକାରୀ ବାସଭବନରୁ ଚୋରି ଉକ୍ତ ସମୟରେ ଚର୍ଚ୍ଚାର ବିଷୟ ହୋଇଥିଲା।

ଘଟଣା ସମ୍ପର୍କରେ ଥାନାଧିକାରୀ ନିରଞ୍ଜନ ସେଠୀ କୁହନ୍ତି, ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଲାଗି ଏପରି ଘଟିଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ଲେଖାଯାଇଛି। ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

- ପିଡିଏସ୍ ସାମଗ୍ରୀ ବଣ୍ଟନରେ ପାତରଅନ୍ତର ଅଭିଯୋଗ

# ଉପଜିଲାପାଳଙ୍କୁ ଭେଟିଲେ ହିତାଧିକାରୀ



ଉପଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳା ହିତାଧିକାରୀ।

**କାମାକ୍ଷାନଗର, ୧୧।୪(ଡି.ଏନ୍.ଏ.)**

ପିଡିଏସ୍ ସାମଗ୍ରୀ ବଣ୍ଟନରେ ବ୍ୟାପକ ଅନିୟମିତତା ଏବଂ ପାତରଅନ୍ତର କରାଯାଉଥିବା ଅଭିଯୋଗ ଆଣିଛନ୍ତି ଭୁବନ ଏନ୍‌ଏସି ୩ନଂ. ୱାର୍ଡର ବାସିନ୍ଦା। ଏ ନେଇ ହିତାଧିକାରୀମାନେ ଗୁରୁବାର କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଦିବ୍ୟଜନନୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୩ ବର୍ଷ ହେଲା ସମ୍ପୃକ୍ତ ୱାର୍ଡର ହିତାଧିକାରୀଙ୍କୁ ପିଡିଏସ୍ ସାମଗ୍ରୀ ଯୋଗାଣ କରାଯାଉଥିଲା। ୨ମାସ ହେଲା ଯୋଗାଣ ଦାୟିତ୍ୱ ରାଧାଗୋବିନ୍ଦ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ତଦନୁଯାୟୀ ରାଶନ କାର୍ଡଗୁଡ଼ିକୁ ସଂଯୋଗ କରାଯାଇଛି। ପୂର୍ବରୁ ହାତପାହାନ୍ତାରେ ଯୋଗାଣ ସାମଗ୍ରୀ ମିଳୁଥିବାବେଳେ ଏବେ ପ୍ରାୟ ୪ କିମି ଯିବାକୁ ପଡୁଛି। ଏଥିସହ ସାମଗ୍ରୀ ବଣ୍ଟନରେ ଅନିୟମିତତା ହେଉଛି। ଏହାକୁ ବିରୋଧ କରି ଅନେକେ ହିତାଧିକାରୀ ପିଡିଏସ୍ ସାମଗ୍ରୀ ପ୍ରତ୍ୟାଖ୍ୟାନ କରିବା ସହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦିବ୍ୟଜନନୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁନର୍ବାର ଯୋଗାଣ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦିଆ ନ ଗଲେ ଭୋଟ ବର୍ଜନ କରାଯିବାସହ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କୁମତି ମଳିକ, ସୁମିତ୍ରା ମଳିକ, ଗୀତାଞ୍ଜଳି ମଳିକ, ଝୁଲଣା ମଳିକ ପ୍ରମୁଖ ବହୁ ହିତାଧିକାରୀ ଚେତାବନୀ ଦେଇଛନ୍ତି।

ଉପଜିଲାପାଳଙ୍କ ନିର୍ଦ୍ଦେଶରେ ରାଜସ୍ୱ ଅଧିକାରୀ ମନୋଜ କୁମାର ମାଝି ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲେ। ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ଏ ନେଇ ପ୍ରଶାସନିକ ପଦକ୍ଷେପ ନେବାରେ ବିଳମ୍ବ ହେଉଛି। ନିର୍ବାଚନ ପରେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ବାଞ୍ଛକୁସୁମ ଅଞ୍ଚଳରେ ଉତ୍କଟ ଜଳସଙ୍କଟ

**ଢେଙ୍କାନାଳ ଅଫିସ,୧୧।୪**

ଢେଙ୍କାନାଳ ପୌରାଞ୍ଚଳ ୮ନଂ. ୱାର୍ଡ ମହିଷାପାଟ ନିକଟ ବାଞ୍ଛକୁସୁମ ଅଞ୍ଚଳରେ ଖରାଦିନ ଆରମ୍ଭରୁ ଉତ୍କଟ ଜଳସଙ୍କଟ ଦେଖାଦେଇଛି। ଉକ୍ତ ଅଞ୍ଚଳରେ ରେଙ୍ଗାଳି ଦକ୍ଷିଣ କେନାଲରୁ ଦର୍ପଣୀ ଶାଖା କେନାଲ ଖୋଳାଯାଉଥିବାରୁ ଗ୍ରାମର ୯ କୂଅ ଓ ଗୋଟିଏ ପୋଖରୀ ସମ୍ପୂର୍ଣ୍ଣ ଶୁଖିଯାଇଛି। ଫଳରେ ପାଣି ଟୋପାଏ ପାଇଁ ଗ୍ରାମବାସୀ ତହଲବିକଳ ହେଉଛନ୍ତି। ଏ ନେଇ ଗୁରୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ଥାନୀୟ ସାମାଜିକ ସେବାସଦନ ଜରିଆରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି।

ଅଞ୍ଚଳବାସୀ କହିଛନ୍ତି, କେନାଲଟି ପ୍ରାୟ ୨୫ରୁ ୩୦ ଫୁଟ୍ ପର୍ଯ୍ୟନ୍ତ ଖୋଳାଯିବାରୁ ଜଳସ୍ତର ନିମ୍ନଗାମୀ ହୋଇଛି। ଅଞ୍ଚଳରେ ପୌରାଞ୍ଚଳ ପକ୍ଷରୁ ୨୦୦୯ରୁ ସ୍ଲମ୍ ହାଉସ, ପାଇଖାନା ଏବଂ ଗାଧୁଆ ଘର ଆଦି ନିର୍ମିତ ହୋଇଛି। ହେଲେ ପାଣି ସୁବିଧା ନ ଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଡିପ୍ ବୋରୱେଲ, ପାଇପ ଜଳଯୋଗାଣ ପାଇଁ ୧୦ଟି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ୨ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ କରାଯାଇ ପଦକ୍ଷେପ ନେବାକୁ ସାମାଜିକ ସେବାସଦନ ସମ୍ପାଦକ ଭେରୋନିକା ଡୁଙ୍ଗଡୁଙ୍ଗ, ଶାନ୍ତିଲତା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

### ବଜ୍ରପାତରେ ଥରିଲା ଢେଙ୍କାନାଳ

**ଢେଙ୍କାନାଳ ଅଫିସ, ୧୧।୪**

କାଳବୈଶାଖୀ ପ୍ରଭାବରେ ଢେଙ୍କାନାଳ ସହରରେ ପ୍ରବଳ ଝଡ଼ତୋଫାନ ସହ କୁଆପଥର ବର୍ଷା ହୋଇଛି। ତୁହାକୁ ତୁହା ବଜ୍ରପାତରେ ସହର ଥରି ଉଠିଥିଲା। ଗୁରୁବାର ସନ୍ଧ୍ୟା ୬ଟାରୁ ଏକ ଘଣ୍ଟା ଧରି ଏପରି ଝଡ଼ବର୍ଷା ଯୋଗୁ ବିଦ୍ୟୁତ୍ ସରବରାହ ମଧ ବାଧାପ୍ରାପ୍ତ ହୋଇଥିଲା।

**ପୂର୍ବ ତଟ ରେଳପଥ**

**ଭାରତୀୟ ରେଳପଥରେ ୟୁନିକ୍ ମେଡ଼ିକାଲ ଆଇଡେଣ୍ଟିଫିକେସନ୍ (UMID) ମେଡ଼ିକାଲ୍ କାର୍ଡ଼ର ପ୍ରଚଳନ**

ସେବାରତ ଏବଂ ସେବାନିବୃତ୍ତ ରେଳବାଇ କର୍ମଚାରୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ନିମନ୍ତେ ଅଖିଳ ଭାରତୀୟ ସ୍ତରରେ ସମାନ ପ୍ରକାରର ଚିକିତ୍ସା ପରିଚୟ ପତ୍ର ଜାରି କରାଯିବ। ରେଳବାଇ କର୍ମଚାରୀ, ପେନ୍‌ସନ୍‌ଭୋଗୀ ଓ ନିର୍ଭରଶୀଳ ସମସ୍ତ ଯୋଗ୍ୟ ପରିବାର ସଦସ୍ୟଙ୍କ ପାଇଁ ବ୍ୟକ୍ତିଗତ ଭାବେ ପୃଥକ୍ ଚିକିତ୍ସା କାର୍ଡ଼ ଜାରି କରାଯାଇପାରିବ।

ତେଣୁ, କାର୍ଯ୍ୟରତ ରେଳବାଇ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀ (RELHS କାର୍ଡ଼ଧାରୀ) ମାନଙ୍କ ଦ୍ୱାରା ଏହି ମୋଡ୍ୟୁଲ୍‌ରେ କାର୍ଡ଼ ଜାରି କରିବା ନିମନ୍ତେ ଦରଖାସ୍ତ କେବଳ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରାଯାଇପାରିବ। ଆବଶ୍ୟକୀୟ ଯାଞ୍ଚ ଓ ପ୍ରଶାସକମାନଙ୍କର ଅନୁମୋଦନ ପରେ ମୁଦ୍ରଣ / ଦୃଶ୍ୟ / ଚିକିତ୍ସାଳୟରେ ବ୍ୟବହାର କରିବା ନିମନ୍ତେ ସ୍ମାର୍ଟ କାର୍ଡ଼ ଅନ୍‌ଲାଇନ୍‌ରେ ସୃଷ୍ଟି କରାଯାଇପାରିବ।

ଏକାଧିକ ଭାଷାର ଶିକ୍ଷାପ୍ରଦ ଭିଡ଼ିଓ ସହିତ *ବ୍ୟବହାରକାରୀଙ୍କ ମାନୁଆଲ୍, ପଞ୍ଜୀକରଣ ଓ ଲଗ୍-ଇନ୍ ମୋଡ଼ାଲିଟି, ବିବରଣିକା (Brochure), ଯାଞ୍ଚ-ସୂଚୀ, ଦରଖାସ୍ତ ଫର୍ମାଟ୍, ହେଲ୍ପ-ଡେ଼ସ୍କ ସୁବିଧା, ବାରମ୍ବାର ପଚରାଯାଉଥିବା ପ୍ରଶ୍ନ (FAQ)* ଆକାରରେ ଥିବା ସବିଶେଷ ନୀତି ଓ ନିୟମ ଗୁଡ଼ିକୁ UMID ପୋର୍ଟାଲ୍ (ଅର୍ଥାତ୍ *digitalir.in/umid*) ର ହୋମ୍ ପେଜ୍‌ରେ ଦେଖାଯାଇପାରିବ।

ସମସ୍ତ ଯୋଗ୍ୟ କର୍ମଚାରୀମାନେ ଓ RELHS କାର୍ଡ଼ଧାରୀ ମାନେ ମେଡ଼ିକାଲ୍ କାର୍ଡ଼ ଜାରି କରିବା ନିମନ୍ତେ ତା 31.05.2019 ରିଖ ସୁଦ୍ଧା UMID ପୋର୍ଟାଲ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ ଓ ଆବେଦନ କରିପାରିବେ।

**ପୂର୍ବ ତଟ ରେଳପଥ ହେଲ୍‌ପ ଲାଇନ ନଂ. 0674-2303106**

PR-19/K/19-20 ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର

- ଜାତୀୟ ରାଜପଥରୁ ହଟୁନି ଦୁର୍ଘଟଣାଗ୍ରସ୍ତ ଟ୍ରକ୍

# ପୁଣି ଦୁର୍ଘଟଣା, ହେଲ୍‌ପର ଗୁରୁତର

**ପରଜଙ୍ଗ, ୧୧।୪(ଡି.ଏନ୍.ଏ.)**



ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥର ପରମହଂସପୁର ଛକ ନିକଟରେ ଛିଡ଼ା ହୋଇଥିବା ଦୁର୍ଘଟଣାଗ୍ରସ୍ତ କୋଇଲା ବୋଝେଇ ଟ୍ରକ୍ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ବୁଧବାର ବିଳମ୍ବିତ ରାତିରେ ଉକ୍ତ ଗାଡ଼ି ପଛପଟେ ପିଟିହୋଇ ଅନ୍ୟ ଏକ ୧୨ ଚକିଆ କୋଇଲା ବୋଝେଇ ଟ୍ରକ୍ (ଓଡି ୩୩ ବି ୦୦୧୭) ଦୁର୍ଘଟଣାର ଶିକାର ହୋଇଛି। ଏଥିରେ ଉକ୍ତ ଟ୍ରକର ହେଲ୍‌ପର ତଥା ଛେଣ୍ଡିପଦା ଅଞ୍ଚଳର ଧଳେଶ୍ୱର ଥାପ୍ପା ଗୁରୁତର ହୋଇଛନ୍ତି। ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ହଟାଯାଉ ନ ଥିବାରୁ ବାରମ୍ବାର ଏପରି ଧନଜୀବନ ହାନି ହେଉଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଖୁବ୍‌ଶୀଘ୍ର ରାସ୍ତାରୁ ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ି ହଟାଯିବ ବୋଲି ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କହିଛନ୍ତି।

ସୂଚନାଯୋଗ୍ୟ, ପରମହଂସପୁର ଛକ ନିକଟ ୧୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପାଲଲହଡ଼ା ଯାଉଥିବା କୋଇଲା ବୋଝେଇ ୧୦ ଚକିଆ ଟ୍ରକ୍ (ଓଆର ୧୪ ଏଲ୍ ୫୧୩୭) ସୋମବାର ବିଳମ୍ବିତ ରାତିରେ ଧକ୍କା ଦେଇଥିଲା। ଏଥିରେ ଜଗତ୍‌ସିଂହପୁର ଅଞ୍ଚଳର ହେଲ୍‌ପର ଗଣେଶ ରାଉତଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଦୁର୍ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ମଙ୍ଗଳବାର ସକାଳେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଦୁର୍ଘଟଣାଗ୍ରସ୍ତ ଉକ୍ତ କୋଇଲା ବୋଝେଇ ଟ୍ରକ୍‌କୁ ହଟାଯାଇ ନ ଥିଲା। ବୁଧବାର ବିଳମ୍ବିତ ରାତିରେ ଉକ୍ତ ଟ୍ରକ ଲାଗି ପୁଣି ଥରେ ଦୁର୍ଘଟଣା ଘଟିଛି। ଏହାକୁ ଜାତୀୟ ରାଜପଥରୁ ତୁରନ୍ତ ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

- ନବନିର୍ମାଣ କୃଷକ ସଙ୍ଗଠନର ଚେତାବନୀ

# ଦାବି ପୂରଣ ନ ହେଲେ ଭୋଟ ଦେବୁନି

**ଢେଙ୍କାନାଳ ଅଫିସ, ୧୧।୪**



ବୈଠକରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ।

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏପ୍ରିଲ ୨ରୁ ନୟାଗଡ଼ରୁ ଶୁଭାରମ୍ଭ ହୋଇଥିବା ଚାଷୀ ଚେତନା ଯାତ୍ରା ଗୁରୁବାର ଢେଙ୍କାନାଳରେ ପହଞ୍ଚିଥିଲା। ସ୍ଥାନୀୟ ଭାଗୀରଥି ସାଗର ନିକଟରେ ସଚେତନତା ଯାତ୍ରା ପହଞ୍ଚିବା ପରେ ସେଠାରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ରନାଥ ମହାରଣା, ସନ୍ତୋଷ ପାତ୍ର, ରଣଜିତ୍ ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସଂଯୋଜକ ଉଦ୍‌ବୋଧନ ଦେଇ କହିଲେ, ବର୍ତ୍ତମାନ ସମୟର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚାଷୀମାନେ ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ଶାସକ ଦଳ କାଳିଆ ଯୋଜନାକୁ ନିର୍ବାଚନୀ ବୈତରଣୀ ପାର ହେବାର ମାଧ୍ୟମ କରିଛି। ବିନା ପ୍ରସ୍ତୁତିରେ କାଳିଆ ଯୋଜନା ଚିଠା ପ୍ରସ୍ତୁତ କରାଯାଇଥିବାରୁ ସମସ୍ୟା ଉପୁଜିଛି। ଚାଷୀଙ୍କ ନାମରେ ରାଜନୀତି କରୁଥିବା ନେତାଙ୍କୁ ସବୁଠି ବିରୋଧ କରିବାକୁ ସେ ଆହ୍ୱାନ ଦେଇଥିଲେ। ଚାଷୀଙ୍କ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବାକୁ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ପୂର୍ବତନ ଜିଲା ସଂଯୋଜକ ବିପ୍ରବର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲା ସଂଯୋଜକ କ୍ଷେତ୍ରବାସୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶାଙ୍କ ରଥ, ସୁରେନ୍ଦ୍ର ପୃଷ୍ଟି, ସୁଧାକର ପରିଡ଼ା, ଧନେଶ୍ୱର ରାଉଳ, ରାସବିହାରୀ ମହାନ୍ତି, ବାମଦେବ ପରିଡା, କାର୍ତ୍ତିକ ସାହୁ, ରୂପା ପାତ୍ର, ବୀଣାପାଣି ସାହୁ, କ୍ଷେତ୍ରବାସୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସଦର, ସମ୍ବଲପୁର**

OFFICE OF THE RETURNING OFFICER-CUM-SUB-COLLECTOR, SADAR, SAMBALPUR

**Fax No: 0663-2410387, Ph. No: 0663-2410387(O), 0663-2411702(R), Email: subcol.samb-od@nic.in**

ସଂଖ୍ୟା: ୨୭୮୭/ ନିର୍ବାଚନ ତାରିଖ:୦୯।୦୪।୨୦୧୯

ପ୍ରାପ୍ତେଷୁ

୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ।

ବିଷୟ: ୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦୈନନ୍ଦିନ ନିର୍ବାଚନ ବ୍ୟୟ ନିରୀକ୍ଷଣ ଅନୁସୂଚୀ।

ମହାଶୟ/ମହାଶୟା,

ଅତ୍ର କାର୍ଯ୍ୟାଳୟ ପତ୍ର ସଂ.୨୭୫୯ ତା.୦୯।୦୪।୨୦୧୯ର ଆଂଶିକ ରୂପାନ୍ତରଣ ସହ ମୁଁ ଆପଣଙ୍କୁ ଜଣାଇବାକୁ ଚାହୁଁଛି ଯେ, ମାନ୍ୟବର ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଚଳିତ ସାଧାରଣ ନିର୍ବାଚନ-୨୦୧୯ର ୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଦୈନନ୍ଦିନ ନିର୍ବାଚନୀ ସମ୍ବନ୍ଧୀୟ ବ୍ୟୟଅଭିଲେଖ ବହି (ରେଜିଷ୍ଟର) ଏବଂ ତତ୍‌ସମ୍ବନ୍ଧୀୟ କାଗଜାତର ନିରୀକ୍ଷଣ ନିମ୍ନପ୍ରଦତ୍ତ ସାରଣୀ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ। ତଦନୁସାରେ ଆପଣ ବା ଆପଣଙ୍କର ନିର୍ବାଚନ ଏଜେଣ୍ଟ ବା ଆପଣଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚର ହିସାବ ସମ୍ବନ୍ଧୀୟ ଅଭିଲେଖ ବହି ଏବଂ ତତ୍‌ସଂଲଗ୍ନ କାଗଜାତ ଇତ୍ୟାଦି ଧାର୍ଯ୍ୟ ତାରିଖ ଓ ସମୟରେ ନିରୀକ୍ଷଣ ନିମନ୍ତେ ଉପସ୍ଥାପନ କରିବାକୁ ଜଣାଇ ଦିଆଯାଉଅଛି।

| ଅନୁସୂଚୀ | ଯାଞ୍ଚ ତାରିଖ | ଯାଞ୍ଚ ସମୟ | ଯାଞ୍ଚ ସ୍ଥାନ |
| --- | --- | --- | --- |
| ପ୍ରଥମ ଯାଞ୍ଚ | ୧୨।୦୪।୨୦୧୯ | ଦିନ ୧୦ ଘଣ୍ଟାଠାରୁ ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ | ଡି.ଆର୍.ଡି.ଏ. ସମ୍ମିଳନୀ କକ୍ଷ, ସମ୍ବଲପୁର |
| ଦ୍ୱିତୀୟ ଯାଞ୍ଚ | ୧୭।୦୪।୨୦୧୯ | | |
| ତୃତୀୟ ଯାଞ୍ଚ | ୨୧।୦୪।୨୦୧୯ | | |

ସ୍ୱା./- ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ
୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ

## ଭୋଟ ବର୍ଜନ କଲେ ୫ ଗାଁର ଭୋଟର

**କର୍ଲାମୁଣ୍ଡା/ଜୁନାଗଡ଼/ଭବାନୀପାଟଣା, ୧୧।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଗୁରୁବାର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି । ଏହି ଭୋଟକୁ ବର୍ଜନ କରିଛନ୍ତି ୫ ଗାଁର ଭୋଟର । ବିଭିନ୍ନ କାରଣକୁ ନେଇ ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ନର୍ଲା ନିର୍ବାଚନମଣ୍ଡଳୀ ଟେଟେଙ୍ଗପଦର ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି । କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଗ୍ରାମପଞ୍ଚାୟତ ଟେଟେଙ୍ଗପଦର ଗ୍ରାମବାସୀ ଅବୁଜବାହାଲର ବୁଥ୍ ନଂ. ୨୧୦ରେ ଭୋଟ ଦେଇଥାନ୍ତି। ଗାଁର ମୁଖ୍ୟରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନରୁ ଗ୍ରାମବାସୀ ଦାବି କରି ଆସୁଥିଲେ । ହେଲେ ସେଥିରେ ବିଳମ୍ବ ଘଟୁଥିବା ଯୋଗୁ ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ କିଛିଦିନ ତଳେ ବ୍ଲକ ପକ୍ଷରୁ ମେଣ୍ଟାଲ ବିଛାଯାଇଥିଲେ ହେଁ ମୋରମ (ଗୁଗୁଡି) ବିଛାଯାଇ ନ ଥିବାରୁ ଏହି ରାସ୍ତା ଯିବା ପାଇଁ ଅନୁପଯୋଗୀ ହୋଇଥିବା ଗାଁର ମନ୍ଦିର ସୁନା କହିଛନ୍ତି। ଏହି ଗାଁର ଅନ୍ୟ ଏକ ପ୍ରମୁଖ ସମସ୍ୟା ଲକ୍ଷ୍ମୀନାଳଠାରେ ବ୍ରିଜ ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷରୁ ଆରମ୍ଭ ହୋଇଛି । କିନ୍ତୁ ତାହା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଘଟୁଥିବାରୁ ଗ୍ରାମବାସୀ ବର୍ଷାଦିନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁର ସ୍ଥାୟୀ ରାସ୍ତା ଓ ବ୍ରିଜ ସମ୍ପୂର୍ଣ୍ଣ କରଣ ପାଇଁ ଗ୍ରାମବାସୀ ୧୫।୦୯।୨୦୧୮ ରିଖରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ । ଅଦ୍ୟାବଧି ପ୍ରଶାସନ କୌଣସି ପଦକ୍ଷେପ ନ ନେଇଥିବାରୁ ସେମାନେ ଭୋଟ ବର୍ଜନ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଖବର ପାଇ ସ୍ଥାନୀୟ ତହସିଲଦାର ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ଅବନୀକାନ୍ତ ସାହୁ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା ।



କେଟେଙ୍ଗ ପଦର ଗ୍ରାମବାସୀ ଅତିରିକ୍ତ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ସେହିପରି ଜୁନାଗଡ ବ୍ଲକ ଦୁର୍ଗମ ତଥା ମାଓବାଦୀପ୍ରବଣ ଅଞ୍ଚଳ ଦେଦର ପଞ୍ଚାୟତର ସୁର୍ଲି, ସୁପେଲ, କୁସୁମ୍ବରା ଓ ଚାରଭାଟି ପଞ୍ଚାୟତର ସଂକ୍ରିଗୁଡା ଗ୍ରାମବାସୀ ଗୁରୁବାର ଭୋଟ ବର୍ଜନ କରିଛନ୍ତି। ସୁପେଲ ପ୍ରାଥମିକ ବିଦ୍ୟାଳୟ ବୁଥ୍ ସମ୍ମୁଖରେ ଗ୍ରାମବାସୀ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭବାନୀପାଟଣା ନିର୍ବାଚନମଣ୍ଡଳୀର ଭେଜିପଦର ଗ୍ରାମବାସୀ ମଧ୍ୟ ଭୋଟ ବର୍ଜନ କରି ଧାରଣାରେ ବସିଥିଲେ ।

## ଭୋଟ ଦେବାକୁ ଆସି ଟଳି ପଡ଼ିଲେ ଭୀମା

**ମାଲକାନଗିରି, ୧୧।୪ (ଡି.ଏନ୍.ଏ.)**

ମାଲକାନଗିରି ନିର୍ବାଚନମଣ୍ଡଳୀ ଅଧୀନ ନାଲାଗୁଣ୍ଠି ପଞ୍ଚାୟତର ଏମ୍‌ପିଭି–୭୪ ବୁଥ୍‌କୁ ଗୁରୁବାର ମତଦାନ କରିବାକୁ ଆସିଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏମ୍‌ଭି–୭୯ ଥାନା ଅନ୍ତର୍ଗତ ନାଲାଗୁଣ୍ଠି ଗ୍ରାମର ଭିମା କବାସୀ(୬୦)। ଭୀମା ୨୪୯ ନମ୍ବର ବୁଥ୍‌ରେ ଭୋଟ ଦେବା ପାଇଁ ଲାଇନରେ ଛିଡା ହୋଇଥିଲେ। ଦୀର୍ଘ ସମୟ ଧରି ଛିଡ଼ା ହେବାରୁ ସେ ସଂଜ୍ଞାହୀନ ହୋଇ ପଡିଥିଲେ। ପରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

## ୧୫ ବୁଥ୍‌ରେ ଭୋଟ ଶୂନ୍ୟ

**ମାଲକାନଗିରି, ୧୧।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ମାଓବାଦୀଙ୍କ ଭୋଟ ବର୍ଜନ ଧମକ ଯୋଗୁ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ସ୍ୱାଭିମାନ ଅଞ୍ଚଳର ୫ ପଞ୍ଚାୟତରେ ଗୁରୁବାର ମତଦାନ ହୋଇ ନ ଥିବା ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚିତ୍ରକୋଣ୍ଡାର ବିଚ୍ଛିନ୍ନାଞ୍ଚଳ କୁନ୍ତୁରପଦର ପୋଲିସ କ୍ୟାମ୍ପରେ କରାଯାଇଥିବା ଯୋଡ଼ାମ୍ବ ଗ୍ରାମର ୧ ଓ ୨ ନମ୍ବର ବୁଥ ସହ ଅଣ୍ଡ୍ରାପାଲି, ଯନ୍ତ୍ରୀ, ସନ୍ୟାସୀଗୁଡ଼ା, ହାଣ୍ଡିଖାଲ, ପଣସପୁଟ, ସିଂଘଇ, ଗୋରାସେତୁ ବୁଥରେ ମତଦାନ ହୋଇପାରି ନାହିଁ। ସେହିପରି ଟେମ୍ବୁରୁପାଲିର ୪ଟି ବୁଥ ଗ୍ରାମଠାରୁ ବହୁ ଦୂରରେ ହେବାରୁ ଲୋକମାନେ ଭୋଟ ଦେବାକୁ ଯାଇ ନ ଥିବା ଜଣାପଡ଼ିଛି । ଏଭଳି ଜିଲାର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ବୁଥରେ ମତଦାନ ଶୂନ ହୋଇଛି । ତମସପୁଟ ଗ୍ରାମର ଗ୍ରାମବାସୀ ବିକାଶମୂଳକ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ କରି ଭୋଟ ବର୍ଜନ କରିଥିବା ଜଣାପଡ଼ିଛି । ଏହି ବୁଥ୍‌ଗୁଡିକୁ ବୁଧବାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୋଲିଂ ପାର୍ଟିର ୫୪ଜଣ କର୍ମଚାରୀଙ୍କୁ ନିଆଯାଇଥିଲା। ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା କେହି ଜଣେ ହେଲେ ଭୋଟର ଭୋଟ ଦେବାକୁ ଆସି ନ ଥିଲେ।

ମତଦାନ ପାଇଁ ଧାର୍ଯ୍ୟ ସମୟ ଅତିକ୍ରାନ୍ତ କରିବା ପରେ ପୋଲିଂ ପାର୍ଟିର କର୍ମଚାରୀମାନଙ୍କୁ ହେଲିକପ୍ଟର ଯୋଗେ ସନ୍ଧ୍ୟାରେ ମାଲକାନଗିରି ଫେରାଇ ଅଣାଯାଇଛି ବୋଲି ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଜିଲାପାଳ ଅଗ୍ରୱାଲ କହିଛନ୍ତି, ଜିଲାରେ ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ୫୦ ପ୍ରତିଶତ ମତଦାନ ହୋଇଛି। ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗାଯୋଗ ହୋଇ ପାରି ନ ଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ଆସିପାରି ନାହିଁ। ଏ ସମ୍ପର୍କରେ ଅନେକ ପ୍ରିଜାଇଡିଂ ଅଫିସର କହିଛନ୍ତି , ଭୋଟ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ମଧ ମନରେ ଭୟ ଥିଲା । ତଥାପି ଭୋଟ କାର୍ଯ୍ୟ ସମ୍ପନ୍ନ ପରେ ଫେରିବୁ ବୋଲି ଆଶା ରଖିଥିଲୁ। ମାତ୍ର କୌଣସି ଲୋକ ଭୋଟ ଦେବାକୁ ନ ଆସିବାରୁ ମନରେ ଅନେକ ଆଶଙ୍କା ଉପୁଜିଥିଲା। ତେବେ ଆମ ନିକଟରେ ସୁରକ୍ଷା କର୍ମୀ ଥିବାରୁ କୌଣସି ଅଘଟଣ ଘଟିନାହିଁ। ଆମେ ସୁରକ୍ଷିତ ଭାବେ ଫେରିଆସିଛୁ।

ସୂଚନାଯୋଗ୍ୟ, ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ମାଓବାଦୀମାନେ ବିଚ୍ଛିନ୍ନାଞ୍ଚଳରେ ପ୍ରଜାମେଳି କରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଭୋଟ ବର୍ଜନ କରିବା ଲାଗି ଧମକ ଦେଇଥିଲେ। ବିଭିନ୍ନ ସ୍ଥାନରେ ବ୍ୟାନର, ପୋଷ୍ଟର ମାରିଥିଲେ। ମାଥିଲି ଥାନା ଅଞ୍ଚଳରେ ମଧ ମାଓବାଦୀମାନେ ଭୋଟ ବର୍ଜନ ପାଇଁ ଧମକ ଦେଇଥିଲେ। ୧୫ଟି ବୁଥ୍‌ରେ କେହି ଭୋଟ ନ ଦେବା ମାଓବାଦୀଙ୍କୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ସମର୍ଥନ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପ୍ରଶାସନ ଜାଣିବା ପରେ ମଧ ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ପୋଲିସ ପ୍ରଶାସନ, ବିଭିନ୍ନ ରାଜନୈତିକ ଦଳ କୌଣସି ପଦକ୍ଷେପ ନେଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମତଦାନର କିଛି ଦୃଶ୍ୟ



ବିଧାୟକ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଭୋଟ ଦେଉଛନ୍ତି।



ବ୍ରହ୍ମପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା ଭୋଟ ଦେଉଛନ୍ତି।



କଂଗ୍ରେସର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଲିଙ୍ଗରାଜ ଚୌଧୁରୀ ମତଦାନ କରି ଫେରୁଛନ୍ତି।




ବ୍ରହ୍ମପୁର ଭାଜପା ବିଧାୟକ ପ୍ରାର୍ଥୀ କାହ୍ନୁଚରଣ ପତି ଭୋଟ ଦେବାକୁ ଯାଉଛନ୍ତି।





ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ରଙ୍ଗେଇଲୁଣ୍ଡା ବ୍ଲକ୍ ଲୁହାଝର ପଞ୍ଚାୟତର ନୂଆପାତ୍ରପୁର ବୁଥ୍‌ରେ ମତଦାନ କରୁଛନ୍ତି।



ଜୟପୁରର ବିଜେଡି ବିଧାୟକ ପ୍ରାର୍ଥୀ ରବିନାରାୟଣ ନନ୍ଦ।



ଜୟପୁରର କଂଗ୍ରେସ ବିଧାୟକ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ।



କଳାହାଣ୍ଡି ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସ ମତଦାନ କେନ୍ଦ୍ରରେ ନାମ ଯାଞ୍ଚ କରୁଛନ୍ତି।



କଳାହାଣ୍ଡି ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବସନ୍ତ ପଣ୍ଡା ଭୋଟ ଦେଇ ଫେରୁଛନ୍ତି।



କଳାହାଣ୍ଡି ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ ଭୋଟ ଦେଇ ଫେରୁଛନ୍ତି।



କୋରାପୁଟ ଲୋକ ସଭାର ଭାଜପା ପ୍ରାର୍ଥୀ ଜୟରାମ ପାଙ୍ଗୀ ।



ନବରଙ୍ଗପୁର ଲୋକ ସଭାର ବିଜେଡି ପ୍ରାର୍ଥୀ ରମେଶ ମାଝି ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।



ନବରଙ୍ଗପୁର ଲୋକ ସଭାର କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ମାଝି ଭୋଟର ପରିଚୟପତ୍ର ଦେଖାଉଛନ୍ତି।



ନବରଙ୍ଗପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବଳଭଦ୍ର ମାଝି ।



ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ଗୁଣପୁର ଭାଜପା ପ୍ରାର୍ଥୀ ଶିଶିର ଗମାଙ୍ଗ ଭୋଟ ଦେବା ପାଇଁ ବୁଥ୍‌ରେ ପହଞ୍ଚିଛନ୍ତି।



ରାୟଗଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଲାଲବିହାରୀ ହିମିରିକା ।

## ସଂକ୍ଷେପରେ

### ଜଳିଗଲା ୧୫ ବଖରା

ବଇଣ୍ଡା,୧୧।୪(ଡି.ଏନ୍.ଏ.)- ଆଠମଲ୍ଲିକ ବ୍ଲକ କନ୍ତପଡ଼ା ଅଲେଖପୁର ସାହିରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ପରିବାରର ୧୫ରୁ ଊର୍ଦ୍ଧ୍ୱ ବଖରା ଜଳିଯାଇଥିବାବେଳେ ଛେଳି ଓ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲେ ହେଁ ରୋଷେଇ ଘରୁ ନିଆଁ ଲାଗିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ସ୍ଥାନୀୟ ଲୋକେ ଓ ଯୁବଗୋଷ୍ଠୀଙ୍କ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା



ବଇଣ୍ଡା, ୧୧।୪(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ସର୍କଲରୁ ଅବସର ନେଇଥିବା ୪ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କିଶୋରନଗର ବ୍ଲକ ଲୁହାମୁଣ୍ଡା ପ୍ରାଥମିକ ବିଦ୍ୟାଳୟଠାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ହଣ୍ଡପା ସର୍କଲ ପକ୍ଷରୁ ଅନୁଷ୍ଠିତ ସଭାରେ ଅବସର ନେଇଥିବା ଇଚ୍ଛାପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚାନନ ବିଶ୍ୱାଳ, ଜାମ୍ବୁନାଳୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଘନଶ୍ୟାମ ସାହୁ, ଧଉରାଗୋଠ ପ୍ରାଥମିକ ବିଦ୍ୟାଳୟର ତ୍ରିଲୋଚନ ନାୟକ, କରଡ଼ାବଣୀ ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ସଂଘ ସଭାପତି ହରିହର ସାହୁଙ୍କ ସଭାପତିତ୍ୱରେ ଏହି ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କିଶୋରନଗର ବିଆରସିସି ଯୁଗଳ କିଶୋର ପ୍ରଧାନ, କିଶୋରନଗର ଏବିଓ ନରୋତ୍ତମ ପ୍ରଧାନ, ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ହରିବନ୍ଧୁ ପ୍ରଧାନ, ସମ୍ପାଦକ ଭବାନୀଶଙ୍କର ପ୍ରଧାନ, ହଣ୍ଡପା ସର୍କଲ ଶିକ୍ଷକ ସଂଘର ସଭାପତି ବସନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଲୁହାମୁଣ୍ଡା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରେନ୍ଦ୍ର ମୋହନ ଦେହୁରୀ ଅତିଥି ପରିଚୟ ଓ ଲୁହାମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ଭୈରବ କୁମାର ଦେହୁରୀ ବିବରଣୀ ପାଠ କରିଥିଲେ। ଦିଲୀପ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ମଧୁସୂଦନ ପ୍ରଧାନ, ପ୍ରତାପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷା ବିନା ସମାଜ ଗଠନ ଅସମ୍ଭବ

ମାଧପୁର,୧୧।୪- ଆଠମଲ୍ଲିକ ବ୍ଲକ ମାଧପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିଦାନନ୍ଦ ହୋତାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାଧପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପରାସର ମେଣ୍ଡୁଲି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ କଲେଜର ଅବସରପ୍ରାପ୍ତ ଉପାଧ୍ୟକ୍ଷ ନବୀନ ଚନ୍ଦ୍ର ହୋତା ଯୋଗଦେଇ ଶିକ୍ଷା ବିନା ସମାଜ ଗଠନ ହୋଇପାରିବ ନାହିଁ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅତନୁ ପଟ୍ଟନାୟକ, ବିପିନ ବିହାରୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ପ୍ରିୟଦର୍ଶୀ ହୋତା ଶ୍ରୀମାଙ୍କ ଗାୟତ୍ରୀ ସ୍ତୋତ୍ର ପଠନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପୁରୋହିତ, ଅବକାଶ ହୋତା, କୁମାରୀ ସୁନିତା ପ୍ରଧାନ, ସୁଜିତ ସାହୁ ସହଯୋଗ କରିଥିଲେ।

### ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

ଅନୁଗୋଳ ଅଫିସ, ୧୧।୪- ଅନୁଗୋଳ ବିଜେଡି କାର୍ଯ୍ୟାଳୟରେ ଗୁରୁବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ ପୌରପାଳିକା ୮ ନମ୍ବର ୱାର୍ଡର କଂଗ୍ରେସ ନେତା ଶଙ୍କର ନାଏକ ଓ ବିଶ୍ୱଜିତ ନାଏକଙ୍କ ନେତୃତ୍ୱରେ ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେହିପରି ୧ ନମ୍ବର ୱାର୍ଡର ଭାଜପା ନେତା ବୁବୁନା ବେହେରାଙ୍କ ନେତୃତ୍ୱରେ ବହୁ କର୍ମୀ ବିଜେଡିରେ ମିଶିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂ, ମହେନ୍ଦ୍ର କୁମାର ବସ୍ତିଆ, ମୀନକେତନ ଅମାନ୍ତ, ଅଜିତ ପ୍ରସାଦ ଦ୍ୱିବେଦୀ, ସୁଜିତ ପ୍ରସାଦ ଦ୍ୱିବେଦୀ, ବିଶ୍ୱରଞ୍ଜନ ସାହୁ, ନୀଳାଦ୍ରି ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ଆସିଲେ ନିଯୁକ୍ତିକୁ ଅଗ୍ରାଧିକାର: ଧର୍ମେନ୍ଦ୍ର




ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟମାନେ।

ଫିରିଙ୍ଗିଆ, ୧୧।୪

ଭାଜପାକୁ ସରକାର କରିବାକୁ ଦିଅନ୍ତୁ। ରାଜ୍ୟରେ ଭାଜପା ସରକାର ଆସିଲେ ପ୍ରଥମେ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡାରେ କହିଛନ୍ତି। ବାଲନ୍ଦାପଡ଼ାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ୧୯ ବର୍ଷ ଧରି ରାଜ୍ୟରେ ଗୋଟିଏ ସରକାର ଥିଲେ ବି କନ୍ଧମାଳ ଆଜି ବି ଅବହେଳିତ। ଦୀର୍ଘ ବର୍ଷର ଶାସନରେ ଯଦି କିଛି ଉନ୍ନତି ହେଲା ନାହିଁ, ଆଉ କେବେ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଭାଜପା ପ୍ରାର୍ଥୀମାନଙ୍କୁ ଜିତାଇଲେ ଜିଲାରେ ଲାଗି ରହିଥିବା ରାସ୍ତା ଘାଟ, ପାନୀୟ ଜଳ ସମସ୍ୟା, ଡାକ୍ତର, କଲେଜରେ ଅଧ୍ୟାପକ ପଦବୀ ପୂରଣ କରାଯିବ। ଜିଲାକୁ ରେଳ ଲାଇନ ସଂଯୋଗ କରାଯିବା ସହ ମେଡିକାଲ କଲେଜ ଖୋଲାଯିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପରେ ସେ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ, ଫୁଲବାଣୀ ବିଧାୟକ ପ୍ରାର୍ଥୀ ଦେବନାରାୟଣ ପ୍ରଧାନଙ୍କ ପାଇଁ ଭୋଟ ମାଗିଥିଲେ। ନିର୍ବାଚନୀ ସଭାରେ ଜିଲାର ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଭୋଟିଂ ବେଳେ ଶାସକ ଦଳର ଗୁଣ୍ଡାଗିରି: ଭାଜପା

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

ରାଜ୍ୟର ୨୧ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୪୭ ବିଧାନସଭା କ୍ଷେତ୍ରରେ ରହିଥିବା ସମ୍ବେଦନଶୀଳ ବୁଥ୍‌ର ତାଲିକା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭାଜପା ଦେଇଥିଲା। ସେହି ବୁଥ୍ ଗୁଡିକରେ ବିଜେଡି ନେତା ଓ କର୍ମୀମାନେ ସାଧାରଣ ଭୋଟରମାନଙ୍କୁ ଡରାଇ ଧମକାଇ ଭୋଟ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହିଥିବା ଭାଜପା ଆଗରୁ କହି ଆସୁଥିଲା। ହେଲେ ମୁଖ୍ୟ ନିର୍ବାଚନ ଅଧିକାରୀ ସେହି ବୁଥ୍‌ରେ କେନ୍ଦ୍ରୀୟ ସାମରିକ ବଳ ମୁତୟନ କଲେନାହିଁ। ଫଳରେ ଶାସକ ଦଳ ଗୁଣ୍ଡାମାନେ କେତେଗୁଡିଏ ବୁଥ୍‌ରେ ରିଗିଂ କରିବା ସହ ଭାଜପା ପ୍ରାର୍ଥୀଙ୍କୁ ଆକ୍ରମଣ କରିଛନ୍ତି ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଗଞ୍ଜାମ ଜିଲା ଚିକିଟିରେ ୪୭ଟି ସମ୍ବେଦନଶୀଳ ବୁଥ୍‌କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି କରିଥିଲୁ। ହେଲେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀଙ୍କୁ ମଧ୍ୟ ମୁତୟନ କରାଗଲା ନାହିଁ। ୧୮ଟି ବୁଥ୍‌ରେ ଭାଜପା ଏଜେଣ୍ଟମାନଙ୍କୁ ଭିତରକୁ ଛଡାଗଲା ନାହିଁ। ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କୁ ଝାଟିପଦରରେ ଯୁବ ବିଜେଡିର ଜଣେ ନେତା ଆକ୍ରମଣ କରିବା ସହ ଆହୁରି ଅନେକ ବୁଥରେ ହିଂସାତ୍ମକ କାର୍ଯ୍ୟକଳାପ କରିଛନ୍ତି। ଗୋଟିଏ ବୁଥ୍‌ରେ ୪୦ଜଣ ଭୋଟରଙ୍କୁ ନେଇ ବିଜେଡି ଜବରଦସ୍ତ ନିଜ ସପକ୍ଷରେ ଭୋଟ ଦେବାକୁ ଉଦ୍ୟମ କରି ସଫଳ ହୋଇଛି। ବୁଥ୍ ନମ୍ବର ୯୬, ୯୭ରେ ଭାଜପା ଭୋଟର ଏବଂ ଏଜେଣ୍ଟଙ୍କୁ ଭୋଟିଙ୍ଗ ରୁମରୁ ଖାଲି କରାଯାଇ ବିଜେଡି ୨ଘଣ୍ଟା ପାଇଁ ବୁଥ୍‌କୁ ଜବରଦଖଲ କରିଥିଲା। ସେହିପରି କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀର ୧୫୯ ନମ୍ବର ବୁଥ୍‌ରେ ଆମ ଏଜେଣ୍ଟଙ୍କୁ ସ୍କୁଲ୍ ଘରେ ତାଲା ପକାଇ ଦେଲେ ବୋଲି ସମୀର ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣା ଉପରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ସମୀର କହିଛନ୍ତି।

# ବିଜେଡିର ସାଙ୍ଗଠନିକସ୍ତରରେ ପରିବର୍ତ୍ତନ

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

- ବିଜୟ ନାୟକ ସାଧାରଣ ସମ୍ପାଦକ
- କିଶୋର କେନ୍ଦ୍ରାପଡ଼ା ଜିଲା ସଭାପତି
- ସୁମିତ୍ରା ଜେନା ବାଲେଶ୍ୱର, ଭଦ୍ରକ ସହ ପର୍ଯ୍ୟବେକ୍ଷକ
- ଶେଷ ମେହେର ଦଳରୁ ବହିଷ୍କୃତ

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସାଙ୍ଗଠନିକସ୍ତରରେ କିଛି ପରିବର୍ତ୍ତନ ଆଣିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଗୁରୁବାର ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘଦିନ ଧରି ରାଜ୍ୟ ସମ୍ପାଦକ ଦାୟିତ୍ୱ ତୁଲାଉଥିବା ବିଜୟ ନାୟକଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ସେହିପରି ବିଧାୟକ କିଶୋର ତରାଇଙ୍କୁ କେନ୍ଦ୍ରାପଡା ଜିଲା ସଭାପତି ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ରାପଡ଼ା ଜିଲା ବିଜେଡି ମହାସଚିବ ଭାବେ ନିଶିକାନ୍ତ ପ୍ରଧାନ ଓ ଜିଲା ବିଜେଡି ଉପ ସଭାପତି ଭାବେ ଅଜିତ ନାୟକଙ୍କୁ ନିଯୁକ୍ତ କରିଛନ୍ତି। କିନ୍ନର ନେତ୍ରୀ ମୀରା ପରିଡାଙ୍କୁ ଭୁବନେଶ୍ୱର(ମଧ୍ୟ) ପର୍ଯ୍ୟବେକ୍ଷକ ଓ ନିମାଇଁ ମୁର୍ମୁଙ୍କୁ ଦଳର ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

ଦୁଇ ଦିନ ତଳେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ସୁମିତ୍ରା ଜେନାଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଏଥିସହିତ ସୁମିତ୍ରାଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲାର ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। କମଳା ତିରିଆଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାନେତ୍ରୀ ଏବଂ ବାରିପଦା ନିର୍ବାଚନମଣ୍ଡଳୀ ପାଇଁ ସହପର୍ଯ୍ୟବେକ୍ଷକ, ସୁଜାତା ଜେନାଙ୍କୁ ମହିଳା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ସହିତ ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀ ପାଇଁ ସହପର୍ଯ୍ୟବେକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଭାଗ୍ୟଶ୍ରୀ ପ୍ରଧାନଙ୍କୁ ମହିଳା ବିଜେଡି ରାଜ୍ୟ ସମ୍ପାଦିକା ଏବଂ ତନ୍ମୟ ସ୍ୱାଇଁଙ୍କୁ ଏରସମା-ବାଲିକୁଦା ଓ ପାରାଦୀପ ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସୁଦର୍ଶନ ବେହେରାଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ସହ ପାଲଲହଡ଼ା ପାଇଁ ସଂଯୋଜକ, ଡ. ହୁସେନ୍ ରବି ଗାନ୍ଧୀଙ୍କୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଏବଂ କୁନାଲ ରାଉତଙ୍କୁ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ନିର୍ବାଚନ ସମୟରେ ଦଳ ବିରୋଧୀ କାର୍ଯ୍ୟ କରୁଥିବାରୁ ବୌଦ୍ଧ ଜିଲା କଣ୍ଟାମାଳର ଶେଷ କୁମାର ମେହେରଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି।

## ଭୋଟ ବର୍ଜନ ପାଇଁ ଆହ୍ୱାନ

### ନୃସିଂହନାଥରେ ମାଓବାଦୀ ବ୍ୟାନର

ପାଇକମାଳ,୧୧।୪(ଡି.ଏନ.ଏ): ବରଗଡ଼ ଜିଲା ପାଇକମାଳ ଅଞ୍ଚଳରେ ମାଓବାଦୀମାନେ ଏବେ ସକ୍ରିୟ ହୋଇଛନ୍ତି। ସେମାନେ ବୁଧବାର ରାତିରେ ନୃସିଂହନାଥର ବିନ୍ଧ୍ୟବାସିନୀ ଡାକବଙ୍ଗଳା ସମ୍ମୁଖରେ ବ୍ୟାନର ଓ ପୋଷ୍ଟର ଲଗାଇ ସାଧାରଣ ନିର୍ବାଚନ ବର୍ଜନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଉକ୍ତ ବ୍ୟାନରରେ କଂଗ୍ରେସ, ବିଜେଡି, ଭାଜପା ପ୍ରାର୍ଥୀ ଗାଁକୁ ଆସିଲେ ତଡି ଦେବା ସହ ଭୋଟ ବର୍ଜନ କରିବାକୁ ଆହ୍ୱାନ ଦିଆଯାଇଛି। ବ୍ୟାନର ତଳେ ବିବିଏମ ମାଓବାଦୀ ଡିଭିଜନ କମିଟି ଭାକପା ମାଓବାଦୀ ବୋଲି ଉଲ୍ଲେଖ ରହିଛି। ଗୁରୁବାର ସକାଳେ ଖବର ପାଇ ପାଇକମାଳ ପୋଲିସ ଘଟଣାସ୍ଥଳକୁ ଯାଇ ମାଓବାଦୀ ବ୍ୟାନର ଓ ପୋଷ୍ଟର ଜବତ କରିଛି। ଏ ସମ୍ପର୍କରେ ପାଇକମାଳ ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ କହିଲେ, ମାଓବାଦୀମାନେ ବ୍ୟାନର ଲଗାଇବା ପରେ ଘଟଣାର ତଦନ୍ତ ଚାଲିଛି। ଏହାସହ ଜଙ୍ଗଲ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି ବୋଲି ସେ କହିଥିଲେ। ଗତ କିଛିଦିନ ତଳେ ମାଓବାଦୀମାନେ ଛତିଶଗଡ଼ରେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ଗୋଟିଏ ଗାଡି ଉଡାଇ ଦେଇଥିଲେ। ଏଥିରେ ଛତିଶଗଡ଼ର ଜଣେ ଭାଜପା ବିଧାୟକଙ୍କ ସମେତ ୫ଜଣ ମୃତ୍ୟୁବରଣ କରିଥିଲେ। ଏହାପରେ ସେଠାରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯିବାରୁ ମାଓବାଦୀମାନେ ଗନ୍ଧମାର୍ଦ୍ଦନ ଜଙ୍ଗଲକୁ ପଳାଇ ଆସିଥିବା ଜଣାପଡିଛି।

## କଟକରେ ଉତ୍ତରପ୍ରଦେଶର ୩୦ ପୋଲିସ କର୍ମଚାରୀ
## ସରିଲା ସ୍ୱାସ୍ଥ୍ୟ ପରୀକ୍ଷା, ଆଜି ଠାରୁ ପ୍ରଶିକ୍ଷଣ

କଟକ ଅଫିସ, ୧୧।୪- କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନ ପକ୍ଷରୁ କଟକରେ ଉତ୍ତରପ୍ରଦେଶର ୩୦ଜଣ ପୋଲିସ କର୍ମଚାରୀଙ୍କୁ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ଦିଆଯିବ। ବୁଧବାର ବିଳମ୍ବିତ ରାତିରେ ନୀଳାଚଳ ଏକ୍ସପ୍ରେସ ଯୋଗେ ପୋଲିସ କର୍ମଚାରୀମାନେ କଟକ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କୁ ସ୍ୱାଗତ କରାଯିବା ସହ ମଠସାହି ସ୍ଥିତ ରାମକୃଷ୍ଣ ଭବନକୁ ପାଛୋଟି ନିଆଯାଇଥିଲା। ଗୁରୁବାର ପୂର୍ବାହ୍ଣରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯାଇଥିବା ଫାଉଣ୍ଡେଶନର ମୁଖ୍ୟ ତଥା ଖ୍ୟାତିସମ୍ପନ୍ନ ସ୍କୁବା ଡାଇଭର ଲିମ୍‌କା ବୁକ୍ ରେକର୍ଡ ଧାରୀ ସବୀର ବକ୍ସ ସୂଚନା ଦେଇଛନ୍ତି। ଶୁକ୍ରବାର ଠାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ସୁଇମିଂ ପୁଲରେ ପ୍ରଥମେ ପହଁରା ଶିକ୍ଷା ଦିଆଯିବ ବୋଲି ସବୀର କହିଛନ୍ତି।

# ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା



ସାଧାରଣ ପର୍ଯ୍ୟବେକ୍ଷକ ଓ ଅନ୍ୟ ଅଧିକାରୀମାନେ।

ଆଠମଲ୍ଲିକ,୧୧।୪(ଡି.ଏନ.ଏ.)

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଅଶୋକ ଏ. ସିଙ୍ଗାରେ ଏବଂ ଆରକ୍ଷୀ ପର୍ଯ୍ୟବେକ୍ଷକ ଚନ୍ଦ୍ର କିଶୋର ମିନା ଗୁରୁବାର ପୂର୍ବାହ୍ନରେ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳଙ୍କ କକ୍ଷରେ ନିର୍ବାଚନୀ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫୦ଟି ବୁଥ୍‌ରେ ଭୋଟରଙ୍କ ନାମ ଇଲେକ୍ଟୋରାଲ୍ ରୋଲ୍‌ରେ ସ୍ଥାନ ପାଇଛି। ସେଥିରେ ପୁରୁଷ ଭୋଟର ଏବଂ ମହିଳା ଭୋଟର ଓ ତୃତୀୟ ଲିଙ୍ଗ ୩ ଜଣ ଅଛନ୍ତି। ୬୨୩୮ ଜଣ ଯୁବ ଭୋଟରଙ୍କ ନାମ ସ୍ଥାନ ପାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଆଦର୍ଶ ଆଚରଣ ବିଧି, ଷ୍ଟ୍ରଙ୍ଗ ରୁମ୍ ତଥା ଇଭିଏମ ଏବଂ ଭିଭିପିଏଟି କମିଶନିଂ, ତୃତୀୟ ପର୍ଯ୍ୟାୟ ତାଲିମ, ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ବିଷୟରେ ରିଟର୍ଣ୍ଣିଂ ଅଫିସରଙ୍କଠାରୁ ତଥ୍ୟ ନେଇଥିଲେ। ପରେ ଆଠମଲ୍ଲିକ କଲେଜର ଷ୍ଟ୍ରଙ୍ଗ ରୁମ୍ ପରିଦର୍ଶନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଡ. ଚିତ୍ତରଞ୍ଜନ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସେକ୍ ଅବଦୁଲ କରିମ୍, ଆଠମଲ୍ଲିକ ଥାନା ଆରକ୍ଷୀ ନିରୀକ୍ଷକ କ୍ଷୀତିଶ ଚନ୍ଦ୍ର ପାତ୍ର, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଆକାଉଣ୍ଟିଂ ଟିମ୍‌ର ମୁଖ୍ୟ ଏଲଏନଏସ ରାଜିନ୍ଦ୍ର, ଅବକାରୀ ବିଭାଗର ଇନ୍ସପେକ୍ଟର ସୁମିତ୍ରା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶଙ୍ଖମୁର, ଖମାରରେ ମୁକେଶଙ୍କ ପ୍ରଚାର



ପାଲଲହଡ଼ା, ୧୧।୪(ଡି.ଏନ.ଏ.)

ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଗୁରୁବାର ପାଲଲହଡ଼ାରେ ପ୍ରଚାର ଆରମ୍ଭ କରିଛନ୍ତି। ସେ ପ୍ରଥମେ ପାଲଲହଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଢେଇବୀରଙ୍କ ପୀଠରେ ପୂଜା କରି ପାଲଲହଡା ମୁଖ୍ୟବଜାରଠାରେ ଥିବା ଦଳୀୟ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ସମର୍ଥକଙ୍କ ସହ ପ୍ରଥମେ ଶଙ୍ଖମୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ପଥପ୍ରାନ୍ତ ସଭା କରି ଲୋକମାନଙ୍କୁ ଭୋଟ ପାଇଁ ନିବେଦନ କରିଥିଲେ। ପରାଛାଟ, ଆଲୋରି, ଇଞ୍ଜିଡି, କୁଞ୍ଜମ ଏବଂ ପରେ ଖମାର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଶୋଭାଯାତ୍ରାରେ ଯାଇଥିଲେ। ବ୍ଲକ ବିଜେଡି ସଭାପତି ଲଳିତ ମୋହନ ପ୍ରଧାନ, ବରିଷ୍ଠ ବିଜେଡି ନେତା ଯୋଗେଶ ଭୁକ୍ତା, ଗଣେଶ୍ୱର ଗାଙ୍ଗୁ, ରଞ୍ଜନ ଘଟୁଆରୀ, କହ୍ନେଇ ସେଠୀ, ପ୍ରସନ୍ନ କୁମାର ସାହୁ, ପ୍ରହଲ୍ଲାଦ ପ୍ରଧାନଙ୍କ ସହ ବହୁ ବିଜେଡି ନେତା ଓ କର୍ମୀ ସାମିଲ ଥିଲେ।

# ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ଶୋଭାଯାତ୍ରା

ମାଧପୁର, ୧୧।୪

ସମ୍ବଲପୁର ଭାଜପା ଏମ୍‌ପି ପ୍ରାର୍ଥୀ ନିତେଶ ଗଙ୍ଗଦେବ ଓ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ଭାଗୀରଥି ପ୍ରଧାନ ଗୁରୁବାର ପ୍ରଚାର ଶୋଭାଯାତ୍ରାରେ ଆସି ଆଠମଲ୍ଲିକ ବ୍ଲକ ମାଧପୁରରେ ପହଞ୍ଚିଥିଲେ। ଏହି ଅବସରରେ ମାଧପୁର ବଜାର ଉପକଣ୍ଠରେ ଏକ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା। ଭାଜପା ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜିତ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଡିଲେଶ୍ୱର ପ୍ରଧାନ, ଆଠମଲ୍ଲିକ ରାଜପରିବାରର ସଦସ୍ୟ ପରେଶ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଆଠମଲ୍ଲିକ ନଗର ଏବଂ କିଆକଟା ଅଞ୍ଚଳରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ଜିଲା ଯୁବମୋର୍ଚ୍ଚା ସମ୍ପାଦକ ମନୋଜ କୁମାର ପ୍ରଧାନ, ରାଜେଶ ମିଶ୍ର, ଭବାନୀ ଜ୍ୟୋତିଷରାୟ, ରମେଶ ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି, ରଞ୍ଜନ ପ୍ରଧାନ, ଅଲେଖ ଭୋଇ, ପରଞ୍ଜୁ ଡାଙ୍ଗ ପ୍ରମୁଖ ଯୋଗଦେଇଥିଲେ।

■ପଞ୍ଚାୟତ ଟଙ୍କା ଆତ୍ମସାତ ମାମଲା

# ଦୁଇ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ ଅଫିସ, ୧୧।୪

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତରେ ୨୦୦୩ରେ ହୋଇଥିବା ଟଙ୍କା ହେରଫେର ମାମଲାର ଶୁଣାଣି କରି ଅନୁଗୋଳ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କମ୍ ସହକାରୀ ଦୌରାଜଜ୍ ସୌମ୍ୟକ ପାତ୍ରଙ୍କ କୋର୍ଟ ତତ୍କାଳୀନ ସରପଞ୍ଚ ହେମନ୍ତ କୁମାର ବେହେରା ଓ ସମ୍ପାଦକ ପ୍ରାଣବନ୍ଧୁ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ଉଭୟଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରାଯାଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଆଡିଶନାଲ ପିପି ଧ୍ରୁବଚରଣ ସାହୁ ସୂଚନା ଦେଇଛନ୍ତି। ଦୁହେଁ ଜେଜିଏସ୍‌ୱାଇ ପାଣ୍ଠିର ୧ ଲକ୍ଷ ୩୨ ହଜାର ୬୫୮ ଟଙ୍କା ୫୦ ପଇସା ଓ ୧ ଲକ୍ଷ ୨୨ ହଜାର ୬୯୮ ଟଙ୍କା ୫୦ ପଇସା ଆତ୍ମସାତ କରିଥିବା ଅଡିଟ୍ ରିପୋର୍ଟରେ ଧରାପଡ଼ିଥିଲା। ଏଥିସହ ୫୨ କୁଇଣ୍ଟାଲ ୨୦ କିଲୋଗ୍ରାମ ଚାଉଳ ମଧ୍ୟ ଆତ୍ମସାତ କରିଥିଲେ। ଅଡିଟ୍ ରିପୋର୍ଟରେ ଏହି ଜାଲିଆତି ଧରାପଡ଼ିବା ପରେ ବନ୍ତଳା ଥାନାରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଉଭୟଙ୍କୁ ଗିରଫ କରିବା ପରେ କୋର୍ଟରେ ଶୁଣାଣି ଚାଲିଥିଲା।

# ସୁରକ୍ଷିତ ମାତୃତ୍ୱ ପାଇଁ ସଚେତନତା ଜରୁରୀ

କଣିହାଁ, ୧୧।୪(ଡି.ଏନ.ଏ.)



ସୁରକ୍ଷିତ ମାତୃତ୍ୱ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିମାନେ।

କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଗୁରୁବାର ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ କୁମାର ପଟେଲ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି ଯୋଗଦେଇ ସୁରକ୍ଷିତ ମାତୃତ୍ୱ ପାଇଁ ସଚେତନତା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଜିଲା ଜନସ୍ୱାସ୍ଥ୍ୟ ସଂଯୋଜିକା ମନ୍ଦାକିନୀ ବେହେରା, ଡା. ରୋଜାଲିନ ପଣ୍ଡା ଯୋଗଦେଇ ସ୍ୱାସ୍ଥ୍ୟ କର୍ମୀ ଓ ପ୍ରସବ ସହାୟିକାମାନେ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବା ସହ ପ୍ରସୂତିଙ୍କୁ ସଚେତନ କରାଇଲେ ନବଜାତ ସନ୍ତାନ ସୁରକ୍ଷିତ ରହିପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଏଥିସହ ଅତିଥିମାନେ ସଭାରେ ଉପସ୍ଥିତ ଗର୍ଭବତୀମାନଙ୍କୁ ପ୍ରସବକାଳୀନ ସୁରକ୍ଷା ତଥା ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଦେଇଥିଲେ। ଡା. ଗୌରବ ମାଳି, ଡା. ଶକ୍ତିକାନ୍ତ ତ୍ରିପାଠୀ, ଡା. ରାଜେଶ ମହରଣା ଉପସ୍ଥିତ ୪୦ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। ପରେ ଏକ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ, ଆଶା, ଅଙ୍ଗନୱାଡି ତଥା ସ୍ୱାସ୍ଥ୍ୟକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ସିଡିଏମ୍‌ଓଙ୍କ ଦ୍ୱାରା ନୂତନ ପ୍ରେସକ୍ରିପ୍‌ଶନ ସ୍ଲିପ ଉଦ୍‌ଘାଟିତ ହୋଇଥିଲା।



ନିର୍ମଳ କୁମାର ମିଶ୍ର

# ଆଇସିସି ବିଶ୍ୱକପ୍



**ମେ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପର ଦ୍ୱାଦଶ ସଂସ୍କରଣ। ଇଂଲଣ୍ଡରେ ଆୟୋଜନ ହେବାକୁ ଥିବା କ୍ରିକେଟର ଏହି ସର୍ବବୃହତ୍ ଇଭେଣ୍ଟ ଜୁଲାଇ ୧୪ ତାରିଖରେ ଶେଷ ହେବ। ଆୟୋଜକ ଇଂଲଣ୍ଡ ଓ ଭାରତ ସହ ମୋଟ ୧୦ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ। ରାଉଣ୍ଡ ରବିନ ଓ ନକ୍‌ଆଉଟ ଫର୍ମାଟରେ ମୋଟ ୪୮ଟି ମ୍ୟାଚ୍ ଖେଳାଯିବ। ଭାରତ ସମେତ ଇଂଲଣ୍ଡ ଏହି ବିଶ୍ୱକପ୍‌ର ହଟ୍ ଫେଭରାଇଟ ବିବେଚିତ ହେଉଛନ୍ତି। ଜୁନ୍ ୫ ତାରିଖରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ୧୬ ତାରିଖରେ ମାଞ୍ଚେଷ୍ଟରରେ ଭାରତ– ପାକିସ୍ତାନ ହାଇଭୋଲ୍ଟେଜ ମ୍ୟାଚ୍ ଖେଳାଯିବ...**

### ବିଶ୍ୱକପ୍- ୨୦୧୯

ତାରିଖ: ୩୦ ମେ– ୧୪ ଜୁଲାଇ
କ୍ରିକେଟ ଫର୍ମାଟ: ଦିନିକିଆ
ଟୁର୍ନାମେଣ୍ଟ ଫର୍ମାଟ: ରାଉଣ୍ଡ ରବିନ ଆଣ୍ଡ ନକ୍‌ଆଉଟ୍
ଆୟୋଜକ: ଇଂଲଣ୍ଡ ଆଣ୍ଡ ୱେଲ୍ସ
ଦଳ: ୧୦
ମ୍ୟାଚ୍ ସଂଖ୍ୟା: ୪୮


### ଅଂଶଗ୍ରହଣକାରୀ ଦେଶ

ଆୟୋଜକ– ଇଂଲଣ୍ଡ
ଅଟୋମେଟିକ କ୍ୱାଲିଫିକେଶନ– ଅଷ୍ଟ୍ରେଲିଆ, ବାଂଲାଦେଶ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା
କ୍ୱାଲିଫାୟର– ଆଫ୍‌ଗାନିସ୍ତାନ, ୱେଷ୍ଟଇଣ୍ଡିଜ୍

### ଭେନ୍ୟୁ

ଏଜବାଷ୍ଟନ (ବର୍ମିଂହାମ), ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ (ବ୍ରିଷ୍ଟଲ), ସୋଫିଆ ଗାର୍ଡେନ୍ସ (କାର୍ଡିଫ୍), ରିଭରସାଇଡ୍ ଗ୍ରାଉଣ୍ଡ (ଚେଷ୍ଟର– ଲି– ଷ୍ଟ୍ରିଟ୍), ହେଡିଙ୍ଗଲି (ଲିଡ୍ସ), ଲର୍ଡ୍ସ (ଲଣ୍ଡନ), ଦି ଓଭାଲ (ଲଣ୍ଡନ), ଓଲ୍ଡ ଟ୍ରାଫୋର୍ଡ (ମାଞ୍ଚେଷ୍ଟର), ଟ୍ରେଣ୍ଟ ବ୍ରିଜ୍ (ନଟିଂହାମ), ରୋଜ ବାଓଲ୍ (ସାଉଥାମ୍ପଟନ୍), କାଉଣ୍ଟି ଗ୍ରାଉଣ୍ଡ (ଟନ୍‌ଟନ)

ଇଂଲଣ୍ଡ ଓ ୱେଲସ୍ କ୍ରିକେଟ ବୋର୍ଡକୁ ୨୦୧୯ କ୍ରିକେଟ୍ ବିଶ୍ୱକପ୍ ଆୟୋଜନ ଅଧିକାର ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପ୍ରଦାନ କରିଛି। ଏଥି ସହିତ ୧୯୯୯ ପରେ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଛି ଆଇସିସିର ଏହି ସମ୍ମାନଜନକ ସର୍ବବୃହତ୍ ମର୍ଯ୍ୟାଦାସମ୍ପନ୍ନ ଟୁର୍ନାମେଣ୍ଟ। ଏହା ପୂର୍ବରୁ ଇଂଲଣ୍ଡ ୧୯୭୫, ୧୯୭୯, ୧୯୮୩ ଏବଂ ୧୯୯୯ ଦିନିକିଆ ବିଶ୍ୱକପ୍ ଆୟୋଜନ କରିଥିଲା। ୧୦ଟି ଦଳକୁ ନେଇ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ୨୦୧୯ ମେ ୩୦ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧୪ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏହି ମେଗା ଟୁର୍ନାମେଣ୍ଟ ପାଇଁ ବ୍ୟାପକ ପ୍ରସ୍ତୁତି ହେବା ସହିତ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ବର୍ତ୍ତମାନ ଆମ ଦେଶରେ ଚାଲିଥିବା ଆଇପିଏଲ୍ ଯୋଗୁଁ ଯଦିଓ କ୍ରୀଡ଼ାପ୍ରେମୀମାନେ ଏହାର ପ୍ରକୃତ ରୂପରେଖ ବିଷୟରେ ବିଶେଷ ଭାବେ ଅବଗତ ନୁହନ୍ତି। ତେବେ ଅନ୍ୟ ଅଂଶଗ୍ରହଣକାରୀ ଦେଶଗୁଡ଼ିକଠାରେ ଏହି




ମେଗାଇଭେଣ୍ଟର ପ୍ରସ୍ତୁତି ପାଇଁ ଏବେଠାରୁ ଉଷ୍ମତା ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ଏପ୍ରିଲ୍ ୨୦୦୬ ଏବଂ ୨୦୧୫ରେ ଅନୁଷ୍ଠିତ ହୋଇଥିବା ବିଶ୍ୱକପ୍ ବିଡିଂରୁ ଶେଷ ମୁହୂର୍ତ୍ତରେ ଇଂଲଣ୍ଡ ଏବଂ ୱେଲସ୍ ବୋର୍ଡ ଓହରି ଯାଇଥିବାରୁ ଶେଷରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ପଞ୍ଚମଥର ପାଇଁ ଏକଦିବସୀୟ ଆଇସିସି ବିଶ୍ୱକପ୍ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ ଓଭାଲ ଗ୍ରାଉଣ୍ଡରେ ଆୟୋଜନ ହେବ। ଫାଇନାଲ ମ୍ୟାଚ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି।

ଏହି ମେଗା ଟୁର୍ନାମେଣ୍ଟରେ ଭାଗନେଉଥିବା ୧୦ଟି ଦଳ ଗୋଟିଏ ଗ୍ରୁପରେ ରହୁଥିବା ବେଳେ ପ୍ରତ୍ୟେକ ଦଳ ଅନ୍ୟ ୯ଟି ଟିମ୍ ସହିତ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ରାଉଣ୍ଡ ରବିନ୍ ଏବଂ ନକଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଗ୍ରୁପ ପର୍ଯ୍ୟାୟରୁ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିବେ ଏବଂ ସେମିଫାଇନାଲରେ ବିଜୟୀ ଦଳ ପରସ୍ପର ସହିତ ଫାଇନାଲରେ ମୁକାବିଲା କରିବେ। ମୋଟ ୧୨ଟି ଭେନ୍ୟୁରେ ୪୮ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। କୋଲକାତାଠାରେ ଏପ୍ରିଲ୍ ୨୬ ତାରିଖରେ ଅନୁଷ୍ଠିତ ଆଇସିସି ବାର୍ଷିକ କାର୍ଯ୍ୟକାରିଣୀ ବୈଠକରେ ଓଲ୍ଡ ଟ୍ରାଫୋର୍ଡ ଏବଂ ଏଜବାଷ୍ଟନଠାରେ ଦୁଇଟି ସେମିଫାଇନାଲ ଓ ଲର୍ଡସ୍‌ଠାରେ ଫାଇନାଲ ଖେଳାଯିବା କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ୧୨ଟି ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଲଣ୍ଡନ ଷ୍ଟାଡିୟମକୁ ନୂତନ ଭେନ୍ୟୁ ରୂପେ ଏଥିରେ ସାମିଲ କରାଯାଇଛି ଯାହାକି ପ୍ରଥମରୁ ଭେନ୍ୟୁ ତାଲିକାରେ ସ୍ଥାନ ପାଇନଥିଲା। ଅନ୍ୟ ଷ୍ଟାଡିୟମଗୁଡିକ ହେଲା ଲର୍ଡ୍ସ, ଏଜବାଷ୍ଟନ, ରୋଜ ବାଉଲ୍, ଦି ଓଭାଲ, ଓଲ୍ଡ ଟ୍ରାଫୋର୍ଡ, ରିଭରସାଇଡ୍ ଗ୍ରାଉଣ୍ଡ, ହେଡିଙ୍ଗଲେ, ଟ୍ରେଣ୍ଟ ବ୍ରିଜ, କଣ୍ଟ୍ରି କ୍ରିକେଟ୍ ଗ୍ରାଉଣ୍ଡ, ସୋଫିଆ ଗାର୍ଡେନ।

ଏହି ବିଶ୍ୱକପ୍‌ରେ ଆଇସିସିର ୧୦ଟି ଟେଷ୍ଟମ୍ୟାଚ୍ ଖେଳୁଥିବା ଦେଶ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ବର୍ତ୍ତମାନ ଟେଷ୍ଟ ଖେଳୁଥିବା ଦେଶ ୧୦ରୁ ୧୨କୁ ବୃଦ୍ଧି ପାଇଛି। ଅନ୍ୟ ଦୁଇ ଆସୋସିଏଟ୍ ମେମ୍ବର ଦେଶ ସ୍କଟଲାଣ୍ଡ ଏବଂ ୟୁନାଇଟେଡ୍ ଆରବ ଏମିରେଟସ୍ (ୟୁଏଇ) ସୁଯୋଗରୁ ବଞ୍ଚିତ ହେବା ଯୋଗୁଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୧ ଏବଂ ୨୦୧୫ରେ ଆୟୋଜିତ ବିଶ୍ୱକପ୍‌ରେ ୧୪ଟି ଦେଶ ଭାଗନେଇଥିଲେ। ଏହି ଦ୍ୱାଦଶ ସଂସ୍କରଣରେ ଆଇସିସିର କେତୋଟି ଆସୋସିଏଟ୍ ଏବଂ ଆଫିଲିଏଟ୍ ମେମ୍ବର୍ସ ଦେଶଗୁଡିକ ଭାଗନେବାରୁ ବଞ୍ଚିତ ହୋଇଛନ୍ତି। ଆୟୋଜକ ଇଂଲଣ୍ଡ ସହିତ ଆଇସିସି ଏକଦିବସୀୟ ର୍‍ୟାଙ୍କିଙ୍ଗ ୩୦ ସେପ୍ଟେମ୍ବର ୨୦୧୭ ଆଧାରରେ ଶ୍ରେଷ୍ଠ ୭ଟି ଦେଶ ଏବଂ ୨୦୧୮ରେ ଅନୁଷ୍ଠିତ ବିଶ୍ୱକପ୍‌ର କ୍ୱାଲିଫାୟର ଦେଶ ଭାଗ ନେବେ।

କ୍ୱାଲିଫାୟର ମ୍ୟାଚ ପାଇଁ ଆୟରଲାଣ୍ଡ ଏବଂ ଆଫଗାନିସ୍ଥାନ ଯେଉଁମାନେ ନୂତନ ଟେଷ୍ଟ ପ୍ଲେଇଙ୍ଗ୍ ଦେଶ ରୂପେ ଆଇସିସିର ପୂର୍ଣ୍ଣ ସଦସ୍ୟତା ପାଇଛନ୍ତି ଏବଂ ଆଇସିସି ଏକଦିବସୀୟ ର୍‍ୟାଙ୍କିଙ୍ଗ୍‌ରେ ଭଲ ସ୍ଥାନରେ ରହିଛନ୍ତି ସେମାନଙ୍କୁ ଏହି କ୍ୱାଲିଫାୟର ମ୍ୟାଚ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ପଡିବ। ଯଦିଓ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ଆଫଗାନିସ୍ଥାନ ୱେଷ୍ଟଇଣ୍ଡିଜକୁ ହରାଇ ଚାମ୍ପିୟନ ହୋଇଛି। ଏହି ଦୁଇ ଦେଶ ବାଂଲାଦେଶଠାରେ ଗତ ମାର୍ଚ୍ଚ ୨୦୧୮ରେ ଖେଳାଯାଇଥିବା କ୍ୱାଲିଫିକେସନ୍ ଟୁର୍ନାମେଣ୍ଟରେ ସ୍ଥାନ ପାଇଥିଲେ। ଅନ୍ୟତମ ଟେଷ୍ଟ ଖେଳୁଥିବା ଦେଶ ଜିମ୍ବାୱେ ୧୯୮୩ ପରଠାରୁ ପ୍ରଥମ ଥର ପାଇଁ ଏହି ବିଶ୍ୱକପ୍‌ରେ ଭାଗ ନେଇପାରିବ ନାହିଁ। ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ଦେଶଗୁଡିକ ହେଲେ– ଇଂଲଣ୍ଡ, ଅଷ୍ଟ୍ରେଲିଆ, ବାଂଲଦେଶ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଆଫଗାନିସ୍ଥାନ ଏବଂ ୱେଷ୍ଟଇଣ୍ଡିଜ।

୨୦୧୫ ଆଇସିସି ଏକଦିବସୀୟ ବିଶ୍ୱକପ୍ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୪ଟି ଦଳ ଭାଗନେଇଥିଲେ। ମୋଟ ଉପରେ ଏହି ମେଗା ଇଭେଣ୍ଟରେ ୪୯ଟି ମ୍ୟାଚ ଖେଳାଯାଇଥିଲା। ଆୟୋଜକ ଅଷ୍ଟ୍ରେଲିଆ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଏହା ଫେବୃୟାରୀ ୧୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଅଷ୍ଟ୍ରେଲିଆରେ ୨୬ଟି ଓ ନ୍ୟୁଜିଲାଣ୍ଡରେ ୨୩ଟି ମ୍ୟାଚ ଖେଳାଯାଇଥିଲା। ଅନ୍ୟ ସଂସ୍କରଣ ଅପେକ୍ଷା ଏଥର ବିଶ୍ୱକପ୍ ଫର୍ମାଟ ଅଧିକ ସହଜ କରାଯିବା ସଙ୍ଗେ ସଙ୍ଗେ କମ୍ ସମୟ ମଧ୍ୟରେ ସାରିବା ପାଇଁ ଆଇସିସି ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ମେ ୩୦, ୨୦୧୯ରେ ଇଂଲଣ୍ଡ ଏବଂ ସାଉଥ୍ ଆଫ୍ରିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଭାରତ ତା'ର ପ୍ରଥମ ମ୍ୟାଚ ଜୁନ୍ ୫ ତାରିଖ ସାଉଥ୍ ଆଫ୍ରିକା ସହିତ ଖେଳିବ। ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଜୁନ ୧୬ ତାରିଖରେ ଭେଟିବ।

ବିଶ୍ୱକପ୍‌ର ଏହି ଦ୍ୱାଦଶ ସଂସ୍କରଣରେ ଭାରତ ତା'ର ପ୍ରଦର୍ଶନ ମାଧ୍ୟମରେ କ୍ରିକେଟ୍ ପ୍ରେମୀମାନଙ୍କର ଫେଭରାଇଟ୍ ରହିଥିବା ବେଳେ ସାଉଥ୍ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ମଧ୍ୟ ଦୃଢ ଦାବିଦାର ରହିଛନ୍ତି। ଅଷ୍ଟ୍ରେଲିଆ ଦଳକୁ ଷ୍ଟିଭ ସ୍ମିଥ ଏବଂ ଡେଭିଡ ୱାର୍ନର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ଅଷ୍ଟ୍ରେଲିଆ ନିଶ୍ଚିତ ଅଧିକ ଶକ୍ତିଶାଳୀ ହେବ। ଟୁର୍ନାମେଣ୍ଟର କାଉଣ୍ଟଡାଉନ ଆରମ୍ଭ ହେବା ସହିତ ବିବାଦ ଆରମ୍ଭ ହୋଇଯାଇଛି।

ଟୁର୍ନାମେଣ୍ଟକୁ ଅଧିକ କାଟଛାଣ୍ଟ କରି ଅଳ୍ପଦିନରେ ସାରିବାକୁ ଚାହିଁଥିବା ଆଇସିସି ଏଥିପାଇଁ ବେଶ୍ ସମାଲୋଚିତ ହୋଇଛି। ଫଳରେ ଆସୋସିଏଟସ୍ ମେମ୍ବରମାନଙ୍କଠାରୁ ଆଇସିସିକୁ କଡା ସମାଲୋଚନା କରାଯାଇଛି। ଲଣ୍ଡନ ଷ୍ଟାଡିୟମ ଆଇସିସିର ଟୁର କାର୍ଯ୍ୟ ତାଲିକାରେ ପ୍ରଥମେ ନ ଥିଲା। ପରବର୍ତ୍ତୀ ଅବସ୍ଥାରେ ଏହାକୁ ସାମିଲ କରାଯାଇଛି। ଏହାକୁ ମଧ୍ୟ ବିରୋଧ କରାଯାଇଅଛି। କାରଣ ଆଇସିସି ନିୟମ ଅନୁସାରେ ଷ୍ଟାଡିୟମର ବାଉଣ୍ଡାରି ଅତି ଛୋଟ ରହିଛି।

ଆଇପିଏଲ୍‌ର ୨୦୧୯ ସଂସ୍କରଣ ମାର୍ଚ୍ଚ ୧୧ତାରିଖରେ ଆରମ୍ଭ ହୋଇ ମେ ୧୯ତାରିଖରେ ଶେଷ ହେବ। ଅନ୍ୟପକ୍ଷରେ ମେ ୩୦ ତାରିଖରେ ବିଶ୍ୱକପ୍ ଆରମ୍ଭ ହେବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଫଳସ୍ୱରୂପ ଲୋଧା କମିଟି ସୁପାରିସ୍ ଅନୁସାରେ ୧୫ ଦିନ ବ୍ୟବଧାନ ପରେ ଭାରତ ମେ ୫ତାରିଖରୁ ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଭାରତ ତା'ର ପ୍ରଥମ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। କ୍ରିକେଟ୍‌ପ୍ରେମୀଙ୍କ ମନରେ ଉତ୍ସାହ ଏବଂ ଉଦ୍ଦିପନା ଭରିଦେବା ପାଇଁ ସମସ୍ତ ମେଗା ଟୁର୍ନାମେଣ୍ଟରେ ଭାରତ ସହ ପାକିସ୍ତାନର ମ୍ୟାଚ ଆରମ୍ଭ ହୋଇଥାଏ। ପୂର୍ବରୁ ୨୦୧୫ ବିଶ୍ୱକପ୍ (ଅଷ୍ଟ୍ରେଲିଆ) ଏବଂ ୨୦୧୭ ଚାମ୍ପିୟନ୍ସ ଟ୍ରଫି (ଇଂଲଣ୍ଡ) ରେ ଭାରତ ଏବଂ ପାକିସ୍ତାନ ପ୍ରଥମେ ମୁହାଁମୁହିଁ ହୋଇଥିଲେ। ଏଥର ଗ୍ରୁପ୍ ପର୍ଯ୍ୟାୟ ବ୍ୟବସ୍ଥାକୁ ଏଡାଇ ଦିଆଯାଇଛି। ଅଧିକ ଟିମକୁ ସୁଯୋଗ ନ ମିଳିବା ଫଳରେ ଆସୋସିଏଟ୍ ମେମ୍ବର୍ସ ଦେଶଗୁଡିକ ଏବେଠାରୁ ଆଇସିସି ଉପରେ ଚାପ ପକାଇଛନ୍ତି। ଆଇପିଏଲର ଦୀର୍ଘ କ୍ୟାଲେଣ୍ଡର ଅନ୍ତର୍ଜାତୀୟ କ୍ରିକେଟ୍‌ର ଦ୍ୱିପାକ୍ଷିକ ସିରିଜ୍‌କୁ ପ୍ରଭାବିତ କରିଛି ବୋଲି ଅଭିଯୋଗ କରିବା ଆଇସିସି ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି। ଆଉ ଏକ ସଫଳ ଏକଦିବସୀୟ ବିଶ୍ୱକପ୍ ଆୟୋଜନ କରିବା ପାଇଁ ଆଇସିସି ତରଫରୁ ତତ୍ପରତା ପ୍ରକାଶ ପାଇଛି। କ୍ରିକେଟ୍‌ପ୍ରେମୀମାନେ ଏପରି ଏକ ମେଗା ଟୁର୍ନାମେଣ୍ଟକୁ ଅତି ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଛନ୍ତି। ବର୍ତ୍ତମାନ ଅନେକ ଦ୍ୱିପାକ୍ଷିକ ସିରିଜ ଖେଳାଯାଉଛି। ସମସ୍ତ ଦେଶର କ୍ରିକେଟ୍ ବୋର୍ଡମାନେ ଏକଦିବସୀୟ ଏବଂ ଟି୨୦ ମ୍ୟାଚ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ବୋର୍ଡ ସେମାନଙ୍କ ଷ୍ଟାର ଖେଳାଳିମାନଙ୍କୁ ଆଘାତଜନିତ ସମସ୍ୟା ଠାରୁ ଦୂରେଇ ରଖିବା ପାଇଁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ଟି୨୦ ଲିଗ୍ ଆଇପିଏଲ ପରେ ପରେ ଏହି ବିଶ୍ୱକପ୍ ଆରମ୍ଭ ହେଉଥିବାରୁ କ୍ରିକେଟ୍‌ପ୍ରେମୀ ବେଶ୍ ଉତ୍ସାହିତ ଅଛନ୍ତି। ଇଂଲଣ୍ଡର ପରିବେଶରେ ଆଉ ଏକ ରୋମାଞ୍ଚକ ଏକଦିବସୀୟ ବିଶ୍ୱକପ୍ ଜିତିବା ପାଇଁ ସମସ୍ତ ଆଇସିସି ମାନ୍ୟତାରେ ଥିବା ଶ୍ରେଷ୍ଠ ଦଳଗୁଡିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଏହି ବିଶ୍ୱକପ ଅବସରରେ ବହୁ ରୋମାଞ୍ଚକର ମ୍ୟାଚ ହେବା ସହିତ ଅନେକ ନୂତନ କୀର୍ତ୍ତିମାନ ସ୍ଥାପନ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ICC CRICKET WORLD CUP 2019



ରୁଦ୍ର ପ୍ରସନ୍ନ ରଥ

# ଲିନ୍ ଡାନ୍ : ପ୍ରତୀକ୍ଷା ଶେଷ



ସେ ହେଉଛନ୍ତି ପାଞ୍ଚଥରର ବିଶ୍ୱ ଚାମ୍ପିୟନ। ମାତ୍ର ଗତ ଦୁଇବର୍ଷଧରି ତାଙ୍କ ଖେଳ ଦେଖିଲେ ଲାଗୁଥିଲା ଯେପରି ସେ ନିଜର ଫର୍ମ ହରାଇଛନ୍ତି। ଜିତିବାର କୌଶଳ ଭୁଲିଯାଇଛନ୍ତି। ଯେଉଁ ଯାଦୁକରୀ ଏବଂ ପ୍ରଭାବୀ ପ୍ରଦର୍ଶନ ବଳରେ ସେ ବିଶ୍ୱ ବ୍ୟାଡମିଣ୍ଟନରେ ନିଜର ସ୍ୱକୀୟ ପରିଚୟ ଛାଡି ଚାଲିଥିଲେ ବୋଧହୁଏ ସେ କଳାକୁ କେହି ହରଣ କରିନେଇଛି। ଗତ ଦୁଇବର୍ଷ ହେଲା ତାଙ୍କ ପାଖରେ ସେମିତି ଦେଖାଇବା ପରି କିଛି ପ୍ରଦର୍ଶନ ନଥିଲା। ସମାଲୋଚକଙ୍କ ମତରେ ତ ଲିନ୍ ଡାନଙ୍କ କ୍ୟାରିୟରର ଦୀପ ପ୍ରାୟ ଲିଭି ଆସୁଥିଲା। ୨୦୧୯ ର ଆରମ୍ଭ ବି ସେମିତି କିଛି ଖାସ୍ ନଥିଲା। ବର୍ଷର ପ୍ରଥମ ତିନିମାସ ମଧ୍ୟରେ ଖେଳାଯାଇଥିବା ଇଣ୍ଡୋନେସିଆ, ଜର୍ମାନୀ ଏବଂ ଅଲ ଇଂଲଣ୍ଡ ଓପନର ପ୍ରଥମ କେଇ ରାଉଣ୍ଡରୁ ବାଦ୍ ପଡୁଥିଲେ ସେ। ଯେଉଁ ଲିନ୍ ଡାନଙ୍କୁ ଦୁନିଆ ବ୍ୟାଡମିଣ୍ଟନ କୋର୍ଟରେ ସମ୍ମାନ ଦେଉଥିଲେ ତାଙ୍କ ପ୍ରଦର୍ଶନ ସେହି ତୁଳନାରେ କେବଳ ଛାୟାମାତ୍ର ଥିଲା। ଏହି ଚାଇନା ଯୋଦ୍ଧାଙ୍କର ପ୍ରଦର୍ଶନ ଏତେ ତଳକୁ ଖସିଥିଲା ଯେ ଏବେ ତାଙ୍କର ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ୧୬କୁ ଖସି ଆସିଥିଲା। ବଡ ପ୍ରତିଯୋଗିତାରେ ସଫଳତା ନ ମିଳିଲେ ସେ ଖୁବ୍ ଶୀଘ୍ର କ୍ୟାରିୟରକୁ ଅଲବିଦା କହିପାରନ୍ତି ବୋଲି ଆଲୋଚନା ମଧ୍ୟ ହେଉଥିଲା। ମାତ୍ର ଏ ସବୁ ଆଲୋଚନାକୁ ଖାତିର ନକରି ସେ ଫିନିକ୍ସ ପକ୍ଷୀ ପରି ଝାଡିଝୁଡି ହୋଇ ଉଠିବସିଲେ। ଯେଉଁ କ୍ୟାରିୟରର ଗ୍ରାଫ ରସାତଳଗାମୀ ହୋଇ ଚାଲୁଥିଲା ତାକୁ ଗୋଟିଏ ଝଟ୍‌କାରେ ସେ ଉପରକୁ ଉଠାଇନେଲେ ମାଲେସିଆନ ଓପନ ଜିତିକରି। ୭୮ ମିନିଟର ଏହି ମ୍ୟାଚ୍‌ରେ ସେ ହରାଇଲେ ନିଜ ଦେଶର ଅନ୍ୟତମ ପ୍ରସିଦ୍ଧ ଖେଳାଳି ଚେନ୍ ଲଙ୍ଗ୍‌ଙ୍କୁ। ସେ ବି ପୁଣି ପ୍ରଥମ ଗେମରେ ହାରି। ଫାଇନାଲ ସ୍କୋର ଲାଇନ ଥିଲା ୯–୨୧, ୨୧–୭ ଆଉ ୨୧–୧୧। ଚେନଙ୍କ ବିପକ୍ଷରେ ଏହି ବିଜୟ କଷ୍ଟସାଧ୍ୟ ଥିଲା କାରଣ ଚେନ୍ ପୂରା ଫର୍ମରେ ଥିଲେ ଏବଂ ଏହି ପ୍ରତିଯୋଗିତାରେ ଚେନ୍ ନିଜ ପ୍ରତିପକ୍ଷ ଖେଳାଳିଙ୍କ ବିରୋଧରେ ସିଧାସଳଖ ଜିତି ଆସିଥିଲେ। ମାତ୍ର ଲିନ୍‌ଙ୍କର ବେଶ୍ ପ୍ରିୟ ନେଟ୍ ପାଖରେ ଖେଳ ଏବଂ ଫ୍ରଣ୍ଟକୋର୍ଟ ସ୍ମାଶ୍ ଆଗରେ ମୁଣ୍ଡ ନୁଆଁଇଥିଲେ ଚେନ୍। ଚେନ୍ ପ୍ରଥମ ସେଟ୍ ଜିତିକରି ଲିନ୍‌ଙ୍କ ଉପରେ ଚାପ ସୃଷ୍ଟି କରିଥିଲେ ବି ତାହା ଟୁର୍ନାମେଣ୍ଟ ଜିତିବା ପାଇଁ ପର୍ଯ୍ୟାପ୍ତ ନ ଥିଲା। ଲିନ ମାଲେସିଆରେ କିଛି ଅଲଗା କରି ଦେଖାଇବାକୁ ଚାହୁଁଥିଲେ ଏବଂ ୨୦୧୭ ରେ ମାଲେସିଆନ ଓପନ ଜିତିବା ପରେ ବିଶ୍ୱସ୍ତରରେ ଆଉ କୌଣସି ଚମତ୍କୃତ କଳାପରି ପ୍ରଦର୍ଶନ ଦେଇ ନ ଥିବା ଲିନ୍ ସତରେ ଏଥର ବିଜୟ ସହ ପ୍ରତ୍ୟାବର୍ତ୍ତନ ପାଇଁ ବେଶ୍ ବ୍ୟଗ୍ର ଥିଲେ। ଦୁଇଥର ଅଲିମ୍ପିକ୍ସ ଚାମ୍ପିୟନ ଏହି ମହାନ୍ ଖେଳାଳି ଜଣଙ୍କ ଏଥର କେବଳ ଜିତିବା ପାଇଁ ଚାହୁଁନଥିଲେ ବରଂ ୩୫ ବର୍ଷ ବୟସରେ ମଧ୍ୟ ତାଙ୍କ ପାଖରେ ଆହୁରି ଅନେକ ବ୍ୟାଡମିଣ୍ଟନ ବାକି ଅଛି ତାହା ଦେଖାଇବାକୁ ଚାହୁଁଥିଲେ। ଆଉ ସେଥିରେ ସେ ସଫଳ ହେଲେ ମଧ୍ୟ। ୪୯୦୦୦ ଡଲାର ପୁରସ୍କାର ଅର୍ଥରାଶି ସହ ଏହି ମାଲେସିଆନ୍ ଓପନ ଜିତିବା ସହ ତାଙ୍କର ଖରାପ ସମୟ ଶେଷ ହୋଇଯାଇଛି ବୋଲି ସେ ଘୋଷଣା କରିଥିଲେ। ଆଉ ଏ ପୁରସ୍କାର ସେ ଗ୍ରହଣ କରିଥିଲେ ନିଜ ମାଲେସୀୟ ପ୍ରତିପକ୍ଷ ଲି ଚୋଙ୍ଗ ୱିଙ୍କଠାରୁ ଯିଏ କି ନିଜ ନାକରେ କ୍ୟାନ୍‌ସର ପାଇଁ ଏବେ କିଛିଦିନ କୋର୍ଟରୁ ବାହାରେ ଅଛନ୍ତି। ଆଉ ଏହି ଲି ଚୋଙ୍ଗ ୱେଇଙ୍କୁ ହରାଇ ୨୦୧୭ରେ ଲିନ୍ ଡାନ ନିଜର ପ୍ରଥମ ଏବଂ ଏକମାତ୍ର ମାଲେସିଆନ ଓପନ ଟାଇଟଲ ଜିତିଥିଲେ। ବିଗତ ୧୫ ବର୍ଷ ମଧ୍ୟରେ ଅଣସିଡେଡ୍ ଖେଳାଳିମାନଙ୍କ ମଧ୍ୟରେ ପ୍ରଥମ ଖେଳାଳିଭାବେ ଏହି ପ୍ରତିଯୋଗିତା ଜିତିବାର ରେକର୍ଡ ମଧ୍ୟ ଲିନ୍ କରିଛନ୍ତି। ଲିନ୍ ଡାନ୍‌ଙ୍କର ଏହି ବିଜୟ ସାରା ବିଶ୍ୱରେ ପ୍ରମାଣିତ କରୁଛି ଯେ ଏବେବି ଲିନ, ଲି ଏବଂ ଲଙ୍ଗଙ୍କର କ୍ୟାରିୟର ଶେଷ ହୋଇନାହିଁ। ୨୦୨୦ ଜାପାନ ଅଲିମ୍ପିକ୍ସ ପାଇଁ ସମସ୍ତେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଯାହା ଜଣା ପଡୁଛି ଏହି ତିନିଜଣ ହିଁ ସେଠାରେ ପୋଡିୟମ ଫିନିସ୍ କରିବେ। ତେବେ ଲିନ ତାଙ୍କ ମାଲେସିଆ ଓପନର ସଫଳତା ଆଗାମୀ ଦିନରେ ବଜାୟ ରଖିବା ପାଇଁ କେତେଦୂର ସମର୍ଥ ହେଉଛନ୍ତି ତାହା ଉପରେ ହିଁ ତାଙ୍କ କ୍ୟାରିୟରର ଭବିଷ୍ୟତ ନିର୍ଭର କରିବ।

## ଚାନ୍ସ

ପଞ୍ଜାବ ହାତରୁ ମ୍ୟାଚ୍ ଛଡାଇ
ପୋଲାର୍ଡ ପାୱାର ମ୍ୟାନ
ଏକତିରିଶ ବଲ୍‌ରୁ ଦଶ ଛକା ସହ
କଲା ତେୟାଅଶୀ ରନ
କାମଚଳା କ୍ୟାପଟେନ୍
ମୁମ୍ବାଇର ନାଆ ବୁଡିଗଲା ବେଳେ
ରଖିଲା ଦଳର ମାନ।।୧

ସର୍ବଭାରତୀୟ ଫୁଟବଲ ଫେଡେରେଶନ
ସଭାପତି ୱିସ୍ ଘେନ
ଫାଷ୍ଟ ଇଣ୍ଡିଆନ ଭାବେ ପାଇବାରୁ
ଫିଫା ପ୍ୟାନେଲରେ ସ୍ଥାନ
ପ୍ରଫୁଲ୍ଲ ପଟେଲ ପୁନଃ
ଚାନ୍ସ ପାଇ ଲେଡି ଫିଫା ୱାର୍ଲ୍ଡ କପ୍
କରିବ ସେ ଆୟୋଜନ।।୨

ୱାର୍ଲ୍ଡ କପ୍ କ୍ରିକେଟ ବିଗୁଲ ବାଜିଲାଣି
କିଏ କରେ ରଣନୀତି
ଆଉ କେଉଁ ଦଳ ବଛା ବଛା ଯୋଦ୍ଧା
ସିଲେକ୍‌ଶନ କରେ ନିତି
ଟିମ୍ ବାଘ ଅଛି ମାତି
ଏ ଚାନ୍ସ ନ ଛାଡ଼ି ୱାର୍ଲ୍ଡକପ୍ ଆଣ
ଟିମ ରଥୀ ମହାରଥୀ।।୩

–ସୁବାସ ଚନ୍ଦ୍ର ପ୍ରଧାନ



"ସମସ୍ତ ଋଣପ୍ରଦାନକାରୀଙ୍କୁ ସେମାନଙ୍କ ବକେୟା ଫେରସ୍ତ କରାଯିବ। ଏସେଲ ଗ୍ରୁପ୍ କାହାର ଟଙ୍କାଟିଏ ରଖିବ ନାହିଁ ।
– ସୁଭାଷ ଚନ୍ଦ୍ରା, ଅଧ୍ୟକ୍ଷ, ଏସେଲ ଗ୍ରୁପ୍

"ବିଶ୍ୱ ଅର୍ଥନୀତିର କେନ୍ଦ୍ରବିନ୍ଦୁ ପାଶ୍ଚାତ୍ୟ ଦେଶ ବଦଳରେ ଅଣପାଶ୍ଚାତ୍ୟ ଦେଶ ହେବାକୁ ଯାଉଛି। ଏଣୁ ଆଗାମୀ ଦିନରେ ବର୍ତ୍ତମାନର ବହୁ ଚାକିରୀ ଅଦରକାରୀ ହୋଇଯିବ।
– ଲର୍ଡ ସ୍ୱରାଜ ପଲ୍, ଏନ୍ଆର୍ଆଇ ଶିଳ୍ପପତି



## ସଂକ୍ଷେପରେ

### ବ୍ୟାଙ୍କ ଏନ୍‌ପିଏକୁ ନେଇ ଆଇଏମ୍ଏଫ୍‌ର ପରାମର୍ଶ



**ନୂଆଦିଲ୍ଲୀ,୧୧-୪:** ଭାରତରେ ଅନାଦାୟ ଋଣ (ଏନ୍‌ପିଏ) ଏକ ବଡ଼ ସମସ୍ୟା ହୋଇ ରହିଛି। ଏହାକୁ ଦୃଷ୍ଟିରେ ରଖି ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଭାରତୀୟ ବ୍ୟାଙ୍କଗୁଡ଼ିକ ବିଶେଷ କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପୁଞ୍ଜୀକରଣ ସ୍ତରକୁ ଅଧିକ ସୁଦୃଢ଼ କରିବାକୁ ପରାମର୍ଶ ଦେଇଛି। ଆଇଏମ୍ଏଫ୍‌ର ମୁଦ୍ରା ଏବଂ ପୁଞ୍ଜିବଜାର ବିଭାଗ ପ୍ରମୁଖ ଏନା ଇଲିୟାନା କହିଛନ୍ତି ଯେ, ଆର୍ଥିକ କ୍ଷେତ୍ର ଆକଳନ କାର୍ଯ୍ୟକ୍ରମ (ଏଫ୍ଏସ୍ଏପି)ର ସୁପାରିସ ଅନୁଯାୟୀ ଭାରତକୁ ବ୍ୟାଙ୍କଗୁଡ଼ିକର ପୁଞ୍ଜୀକରଣ ସ୍ତର ମଜଭୁତ କରିବାକୁ ହେବ। ଅନ୍ୟପକ୍ଷରେ ଆଇଏମ୍ଏଫ୍‌ର ମୁଦ୍ରା ଏବଂ ପୁଞ୍ଜିବଜାର ବିଭାଗ ନିର୍ଦ୍ଦେଶକ ତଥା ଆର୍ଥିକ ପରାମର୍ଶଦାତା ଟୋବିସ ଆଡ୍ରିୟନ କହିଛନ୍ତି ଯେ, ଭାରତରେ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ସ୍ତର ଅତ୍ୟଧିକ। ଏ କ୍ଷେତ୍ରରେ ଅନେକ ସୁଧାର ହୋଇଛି। ତେବେ ଭାରତ ପକ୍ଷରୁ ଏନ୍‌ପିଏ କମାଇବା ନେଇ ନିଆଯିବାକୁ ଥିବା ପଦକ୍ଷେପକୁ ଆଇଏମ୍ଏଫ୍ ସ୍ୱାଗତ କରିବ।

### କେୟାର୍ନ ଇଣ୍ଡିଆ ସିଇଓ, ସିଏଫ୍ଓଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୧-୪:** କେୟାର୍ନ ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ସୁଧୀର ମାଥୁର କମ୍ପାନୀରୁ ଇସ୍ତଫା ଦେଇଛନ୍ତି। ଶିଳ୍ପପତି ଅନିଲ ଅଗ୍ରୱାଲଙ୍କ ନେତୃତ୍ୱାଧୀନ ବେଦାନ୍ତ ଗ୍ରୁପ୍ ୭ ବର୍ଷ ପୂର୍ବେ କେୟାର୍ନକୁ ଅଧିଗ୍ରହଣ କରିଥିଲା, ଯାହା ପରେ ଇସ୍ତଫା ଦେବାରେ ସୁଧୀର ଚତୁର୍ଥ ସିଇଓ ହୋଇଛନ୍ତି। ଏହି ଘଟଣାକ୍ରମ ସହ ପରିଚିତ ଜଣେ ଅଧିକାରୀ କହିଛନ୍ତି ଯେ, ସୁଧୀରଙ୍କ ସମେତ କେୟାର୍ନ ଇଣ୍ଡିଆର ମୁଖ୍ୟ ଆର୍ଥିକ ଅଧିକାରୀ(ସିଏଫ୍ଓ) ପଙ୍କଜ କାଲରା ମଧ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ମାଥୁର ମାସକ ପୂର୍ବରୁ ଇସ୍ତଫା ଦେଇଥିଲେ, କିନ୍ତୁ ଏହାକୁ ଗତ ସପ୍ତାହରେ ସାର୍ବଜନୀନ କରାଯାଇଛି। ସେ ଏବେ ନୋଟିସ ପିରିୟଡରେ କାମ କରୁଛନ୍ତି, ଯାହାକି ମେ'ରେ ଶେଷ ହେବ। କିନ୍ତୁ ସେ ଚଳିତ ମାସ ଶେଷରେ କମ୍ପାନୀ ଛାଡ଼ି ପାରନ୍ତି ବୋଲି ଶୁଣାଯାଉଛି।

### ଶେୟାରଧାରୀଙ୍କୁ ମିଳିପାରେ ୧.୧୦ ଲକ୍ଷ କୋଟି ଲାଭାଂଶ

**ମୁମ୍ବାଇ,୧୧-୪:** ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ଶୀର୍ଷ ୫୦୦ କମ୍ପାନୀ ମଧ୍ୟରୁ ୭୫ଟି ଶେୟାରଧାରୀଙ୍କୁ ଲାଭାଂଶ ଅଥବା ପୁନଃଖରିଦ ଜରିଆରେ ୧.୧୦ ଲକ୍ଷ କୋଟି ଟଙ୍କା ଦେଇପାରେ। ପରାମର୍ଶ ଦେଉଥିବା କମ୍ପାନୀ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର ଆଡ୍‌ଭାଇଜରୀ ସର୍ଭିସେସ୍ ଇଣ୍ଡିଆ ୫୦୦ କମ୍ପାନୀଙ୍କ ଗତବର୍ଷର ଫଳାଫଳ ଅଧ୍ୟୟନ କରିବା ପରେ ପ୍ରସ୍ତୁତ ରିପୋର୍ଟରେ ଏହା କହିଛି। କମ୍ପାନୀ ପକ୍ଷରୁ ଗତବର୍ଷର ରିପୋର୍ଟରେ ୯୨ କମ୍ପାନୀଙ୍କୁ ଚିହ୍ନଟ କରାଯାଇଥିଲା, ଯିଏ କି ୩୪ ହଜାର କୋଟି ଟଙ୍କାର ଲାଭାଂଶ ଦେବାକୁ ସକ୍ଷମ ଥିଲେ।

# ଗୋୟଲଙ୍କ ଜେଟ୍ କବ୍‌ଜା ଅଭିଯାନ

**ନୂଆଦିଲ୍ଲୀ,୧୧-୪**



- ପିଏନ୍‌ବିରେ ବନ୍ଧା ପକାଇଲେ ୨୬% ଶେୟାର
- ଗୋୟଲଙ୍କୁ ମିଳିଛି ୫.୭୯ କୋଟି ଶେୟାର
- ସମସ୍ତ ଅନ୍ତର୍ଜାତୀୟ, ପୂର୍ବ-ଉତ୍ତରପୂର୍ବ ଭାରତର ଉଡ଼ାଣ ରଦ୍ଦ
- ମାତ୍ର ୧୪ ବିମାନ ଉଡ଼ୁଛି

ଜେଟ୍ ଏୟାରୱେଜର ଅଂଶଧନ କିଣି ଏହାକୁ କବ୍‌ଜା କରିବା ଲାଗି ପୂର୍ବତନ ଅଧ୍ୟକ୍ଷ ନରେଶ ଗୋୟଲ ଏବେ ଅଣ୍ଟା ଭିଡ଼ିଛନ୍ତି। ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଦାଖଲ କରିବା ଲାଗି ଶୁକ୍ରବାର ଶେଷ ଦିନ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ସେ ତାଙ୍କର ଆଗ୍ରହପତ୍ର ଦାଖଲ କରିବେ ବୋଲି ଆଶାକରାଯାଉଛି। ଇତିମଧ୍ୟରେ ଜେଟ୍ ଏୟାରୱେଜରେ ଥିବା ନିଜର ୨୬ ପ୍ରତିଶତ ଅଂଶଧନକୁ ଗୋୟଲ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରେ ସେ ବନ୍ଧା ପକାଇଛନ୍ତି। ଏହା ଋଣ ଲାଗି ସୁରକ୍ଷା ଗ୍ୟାରେଣ୍ଟି କୁହାଯାଉଛି। ସୂଚନାଥାଉ କି, ଋଣ ସମାଧାନ ଯୋଜନା ଅଧୀନରେ ଗୋୟଲ ଓ ତାଙ୍କ ସ୍ତ୍ରୀ ଅନୀତା ଗୋୟଲ ଗତ ମାସରେ ଜେଟ୍ ଏୟାରୱେଜ ବୋର୍ଡରୁ ଇସ୍ତଫା ଦେଇଥିଲେ। ଗୁରୁବାର ଜେଟ୍ ଏୟାରୱେଜ ଶେୟାର ବଜାରକୁ ସୂଚନା ଦେଇ କହିଛି ଯେ, ଗୋୟଲ ପିଏନ୍‌ବି ନିକଟରେ ୨.୯୫ କୋଟି ଶେୟାର ଅର୍ଥାତ୍ ୨୬.୦୧ ପ୍ରତିଶତ ଅଂଶଧନକୁ ବନ୍ଧା ପକାଇଛନ୍ତି। ଗୁରୁବାର ଗୋୟଲଙ୍କୁ ୫.୭୯ କୋଟିରୁ ଅଧିକ ଶେୟାର ଜାରି କରାଯାଇଥିଲା। ଏହାକୁ କମ୍ପାନୀ ପକ୍ଷରୁ ବିକ୍ରି ହୋଇପାରିବନି ଶ୍ରେଣୀରେ ରଖାଯାଇଛି। ଜେଟ୍‌ର ନିଲାମୀ ନରେଶ ଗୋୟଲ, ଏତିହାଦ ସମେତ ସମସ୍ତ ଆର୍ଥିକ ସଂସ୍ଥା, ଏୟାରଲାଇନ୍ସ ଅଂଶଗ୍ରହଣ କରିପାରିବେ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ଗତ ମାସରେ କହିଥିଲେ। ଅନ୍ୟପକ୍ଷରେ ଗୁରୁବାର ସୁଦ୍ଧା ଜେଟ୍‌ର ମାତ୍ର ୧୪ ବିମାନ ଉଡ଼ାଣ ଭରୁଛି। ତେବେ ସରକାରଙ୍କ ନିୟମ ଅନୁଯାୟୀ ବିଦେଶରେ ଉଡ଼ାଣ ଭରିବାକୁ ହେଲେ କମ୍ପାନୀ ନିକଟରେ ଅତିକମ୍‌ରେ ୨୦ ବିମାନ ରହିବା ଆବଶ୍ୟକ ବୋଲି ଡିଜିସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି କାରଣରୁ ଏହାର ଅନ୍ତର୍ଜାତୀୟ ରୁଟ୍‌ରେ ଉଡ଼ାଣ ଯୋଗ୍ୟତାର ପରୀକ୍ଷା କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା କହିଛନ୍ତି। ଅପରପକ୍ଷରେ ସିଙ୍ଗାପୁର ସମେତ ସମସ୍ତ ଅନ୍ତର୍ଜାତୀୟ ଉଡାଣକୁ ଜେଟ୍ ଏୟାରୱେଜ୍ ରଦ୍ଦ କରିଦେଇଛି। ଏହି କାରଣରୁ ଯାତ୍ରୀମାନଙ୍କୁ ବିକଳ୍ପ ସନ୍ଧାନ କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ମାତ୍ର ୧୪ ବିମାନ ସହାୟତାରେ ଉଡ଼ାଣ ଭରିବା ଅସମ୍ଭବ ମନେ କରି ଜେଟ୍ ଏୟାରୱେଜ ଗୁରୁବାରଠାରୁ ପୂର୍ବ ଓ ଉତ୍ତର-ପୂର୍ବ ଭାରତକୁ ଏହାର ସମସ୍ତ ଉଡ଼ାଣକୁ ରଦ୍ଦ କରିଦେଇଛି। ଫଳରେ କୋଲକାତା, ପାଟନା, ଗୌହାଟୀ ଏବଂ ଅନ୍ୟ ସ୍ଥାନରୁ ଜେଟ୍‌ର ବିମାନ ଉଡ଼ାଣ ବନ୍ଦ କରାଯାଇଛି। ଅପରପକ୍ଷରେ ଜେଟ୍ ଏୟାରୱେଜ ପକ୍ଷରୁ କୁହାଯାଇଛି ଯେ, ଅପରେଶନାଲ କାରଣରୁ ମୁମ୍ବାଇ-କୋଲକାତା, କୋଲକାତା-ଗୌହାଟୀ ଏବଂ ଡେରାଡୁନ-ଗୌହାଟୀ ଭାୟା କୋଲକାତା ଉଡ଼ାଣକୁ ଶୁକ୍ରବାର ବନ୍ଦ କରାଯାଇଛି। ପୂର୍ବରୁ ଟିକେଟ କାଟିଥିବା ଯାତ୍ରୀମାନଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଶକ୍ତିଶାଳୀ ଇଞ୍ଜିନ ସହ ଆସିଲା ନୂଆ ଡୋମିନାର ୪୦୦



**ନୂଆଦିଲ୍ଲୀ,୧୧-୪**

ବଜାଜ ଅଟୋ ଲିମିଟେଡ ପକ୍ଷରୁ ୨୦୧୯ର ନୂଆ ଡୋମିନାର ୪୦୦ ମଡେଲ ବଜାରକୁ ଆସିଛି। ଏହା ଜାତୀୟ ତଥା ଓଡିଶା ବଜାରରେ ଉନ୍ମୋଚିତ ହୋଇ ସାରିଛି। ମଡେଲଟି ଶକ୍ତିଶାଳୀ ଇଞ୍ଜିନ ବୈଶିଷ୍ଟ୍ୟ ସହ ଆସୁଛି। ଏଥିରେ ଡୁଆଲ ଚ୍ୟାନେଲ ଏବିଏସ୍ ସିଷ୍ଟମକୁ କମ୍ପାନୀ ସ୍ଥାନିତ କରିଛି। ଅରୋରା ଗ୍ରୀନ ଏବଂ ଭାଇନ ବ୍ଲାକ କଲର ବିକଳ୍ପରେ ଏହା ଉପଲବ୍ଧ। ୩୭୩.୨୭ ସିସିର ଲିକ୍ୟୁଡ କୁଲଡ ଇଞ୍ଜିନ ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ସ୍ପୋର୍ଟସ ଟୁରର ଭାବେ ଜଣାଶୁଣା ଏହି ବାଇକ ଘଣ୍ଟାପ୍ରତି ସର୍ବାଧିକ ବେଗ ୧୫୬ କିମି ରହିଛି। ଡୋମିନାର ୪୦୦ ଦୀର୍ଘପଥ ଯାତ୍ରା ଲାଗି ସିଟି ରାଇଡରଙ୍କ ଏକ ପସନ୍ଦ ଯୋଗ୍ୟ ମଡେଲ ହୋଇ ପାରିଛି ବୋଲି ବଜାଜ ଅଟୋର ମୋଟର ସାଇକେଲ ସଭାପତି ସାରଙ୍ଗ କନାଦେ ସୂଚନା ଦେଇଛନ୍ତି। ଚ୍ୟାଲେଞ୍ଜିଂ ଭୌଗୋଳିକ ସ୍ଥିତିରେ ମଧ ଏହି ବାଇକକୁ ଗ୍ରାହକ ନିଜ ଯାତ୍ରାର ସାଥୀ ଭାବେ ବାଛୁଥିବାରୁ ନୂଆ ସ୍ପୋର୍ଟସ ଟୁରର ଯାନକୁ ପ୍ରସ୍ତୁତ କରିବାକୁ ପ୍ରେରଣା ଯୋଗାଇଛି ବୋଲି ସେ କହିଛନ୍ତି। ୨୦୧୭ରେ ଡୋମିନାର ମଡେଲକୁ ବଜାଜ ପ୍ରଥମେ ବଜାରକୁ ଆଣିଥିଲା। ଏଥିରେ ୩୫ ପିଏସ୍ ସୁବିଧା ରହିଥିଲା। ମାତ୍ର ବର୍ତ୍ତମାନ ଆସିଥିବା ମଡେଲଟିରେ ଡିଓଏଚ୍‌ସି ଇଞ୍ଜିନ ୪୦ ପିଏସ୍ କ୍ଷମତା ରହିଛି। ଏହା ବାଦ ୩୫ ଏନ୍ଏମ୍ ଟର୍କକୁ ଏଥିରେ ସ୍ଥାନିତ କରାଯାଇଛି। ଏହା ୭.୧ ସେକେଣ୍ଡରେ ୦-୧୦୦ କିମି ପ୍ରତି ଘଣ୍ଟା କ୍ଷମତା ଦେଖାଇବ। ନୂଆ ମଡେଲଟି ମୋଜାଇକ ସେପ୍ଡ ସହ ଆସୁଛି। ପୁନଃ ଡିଜାଇନ ହୋଇଥିବା ଏହି ମଡେଲ ହେଡ ଲ୍ୟାମ୍ପ, ଅଟୋମେଟିକ ହେଡ ଲାଇଟ ଅନ୍ ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ସହ ବଜାରରେ ଉପଲବ୍ଧ।

## ରୁଚି ସୋୟା ଅଧିଗ୍ରହଣ ନିକଟତର ହେଲା ପତଞ୍ଜଳି

**ନୂଆଦିଲ୍ଲୀ,୧୧-୪**



ଯୋଗଗୁରୁ ରାମଦେବ

ଯୋଗଗୁରୁ ରାମଦେବଙ୍କ ନେତୃତ୍ୱାଧୀନ କମ୍ପାନୀ ପତଞ୍ଜଳି ଆୟୁର୍ବେଦ ରୁଚି ସୋୟାକୁ କିଣିବା ପ୍ରୟାସ ଜାରି ରହିଛି। ଏହି କମ୍ପାନୀକୁ ଅଧିଗ୍ରହଣ କରିବାର ନିକଟତର ହୋଇଛି ପତଞ୍ଜଳି। ଋଣ ପ୍ରଦାନକାରୀ କମିଟି (ସିଓସି) ମଙ୍ଗଳବାର ବୈଠକରେ ପ୍ରସ୍ତାବିତ ଅଧିଗ୍ରହଣକୁ ଅନୁମୋଦନ କରିଛି। ଏହି ମାମଲା ସହ ଜଡ଼ିତ ଦୁଇ ଜଣ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଏହି କାରବାର ସମ୍ପର୍କରେ ଚଳିତ ମାସରେ ଘୋଷଣା କରାଯିବ। ଅନ୍ୟପକ୍ଷରେ ପତଞ୍ଜଳି ଆୟୁର୍ବେଦ ମୁଖପାତ୍ର ଏସ୍.କେ.ତିଜାରାୱାଲା ମଙ୍ଗଳବାର ସିଓସି ବୈଠକ ବସିଥିବା ସ୍ୱୀକାର କରିଛନ୍ତି। ତେବେ ସେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବାକୁ ମନା କରିଦେଇଛନ୍ତି। ଅପରପକ୍ଷରେ ରୁଚି ସୋୟା ପକ୍ଷରୁ ଏଥିନେଇ କିଛି କୁହାଯାଇନାହିଁ। ସୂଚନାଥାଉ କି, ଗତ ମାସରେ ପତଞ୍ଜଳି ଋଣରେ ବୁଡ଼ି ରହିଥିବା ରୁଚି ସୋୟାକୁ କିଣିବା ଲାଗି ନିଲାମ ରାଶିକୁ ବଢ଼ାଇ ୪୩୫୦ କୋଟି ଟଙ୍କା କରିଥିଲା, ଯାହାକି ଆଡାନି ୱିଲମର ଦ୍ୱାରା ଦିଆଯାଇଥିବା ନିଲାମ ରାଶି ୪୧୦୦ କୋଟି ଟଙ୍କା ଠାରୁ ୨୫୦ କୋଟି ଟଙ୍କା ଅଧିକ ଥିଲା। ଉକ୍ତ ୪୩୫୦ କୋଟି ଟଙ୍କା ମଧ୍ୟରୁ ୧୧୫ କୋଟି ଟଙ୍କା କମ୍ପାନୀର ଶେୟାର ରୂପରେ ଦିଆଯିବ ଏବଂ ଅବଶିଷ୍ଟ ୪୨୩୫ କୋଟି ଟଙ୍କା ଋଣପ୍ରଦାନକାରୀଙ୍କୁ ବଣ୍ଟା ଯିବ। ରାଷ୍ଟ୍ରାୟତ୍ତ ଆଇଡିବିଆଇ ବ୍ୟାଙ୍କ ଏବଂ ଏସ୍‌ବିଆଇ ରୁଚି ସୋୟାକୁ ସର୍ବାଧିକ ଋଣ ଦେଇଛନ୍ତି। ଆଡାନି ୱିଲମର ମଧ ଦେବାଳିଆ ହୋଇଯାଇଥିବା ଏହି କମ୍ପାନୀକୁ କିଣିବା ଲାଗି ନିଲାମରେ ଅଂଶଗ୍ରହଣ କରିଥିଲା, କିନ୍ତୁ ନିଲାମୀ ପ୍ରକ୍ରିୟା ବିଳମ୍ବ ହେଉଥିବା କାରଣରୁ ଏହା ପଛକୁ ହଟିଯାଇଛି। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ପତଞ୍ଜଳି ପକ୍ଷରୁ ୪୨୩୫ କୋଟି ଟଙ୍କା ଦେବା ସମ୍ପର୍କରେ ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକୁ ଜଣାଇ ଦିଆଯିବ। ପାଣ୍ଠି ଅର୍ଥକୁ ନିଜ ନିଜ ଭିତରେ ବାଣ୍ଟିବା ଲାଗି ସିଓସିର ବୈଠକ ଚଳିତ ମାସ ତୃତୀୟ ସପ୍ତାହରେ ବସିବାକୁ ଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ରୁଚି ସୋୟା ଉପରେ ଏବେ ପାଖାପାଖି ୧୨ ହଜାର କୋଟି ଟଙ୍କାର ଋଣ ରହିଛି। ଏହା ନିକଟରେ ନ୍ୟୁଟ୍ରେଲା, ମହାକୋଷ, ସନରିଚ, ରୁଚି ଷ୍ଟାର ଏବଂ ରୁଚି ଗୋଲ୍ଡ ଭଳି ବ୍ରାଣ୍ଡ ରହିଛି। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଏବଂ ଡିବିଏସ୍ ବ୍ୟାଙ୍କ ପକ୍ଷରୁ ଆଗତ ଆବେଦନ ଉପରେ ବିଚାର କରାଯିବା ପରେ ରୁଚି ସୋୟାକୁ ଏନ୍‌ସିଏଲ୍‌ଟିଙ୍କ ନିକଟରେ ଦେବାଳିଆ ପ୍ରକ୍ରିୟା ପାଇଁ ପଠାଯାଇଥିଲା।


## ଆମେରିକାରେ ନିବେଶକଙ୍କ ସହ ଜେଟ୍‌ଲୀଙ୍କ ଆଲୋଚନା

**ନ୍ୟୁୟର୍କ,୧୧-୪**

ଭାରତର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଦେଶର ଆର୍ଥିକ ସଂସ୍କାର ଏବଂ ଭବିଷ୍ୟତର ଆର୍ଥିକ ଦୃଶ୍ୟପଟ ନେଇ ନିବେଶକମାନଙ୍କ ସହ ଆଲୋଚନା କରିଛନ୍ତି। ଏଠାରେ ଭାରତୀୟ ମହାବାଣିଜ୍ୟ ଦୂତାବାସରେ ଏହି ଆଲୋଚନା ହୋଇଥିଲା। ଦୂତାବାସ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଟୁଇଟ୍ କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତରେ ନିବେଶ ନେଇ ନିବେଶକମାନେ ଆଶାବାଦୀ ଅଛନ୍ତି। ସୂଚନାଥାଉ କି, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଏବଂ ବିଶ୍ୱବ୍ୟାଙ୍କର ବୈଠକରେ ଯୋଗ ଦେବା ଲାଗି ଜେଟ୍‌ଲୀ ଏବେ ଆମେରିକା ଗସ୍ତରେ ରହିଛନ୍ତି। ଫିକି, ଭାରତୀୟ ବାଣିଜ୍ୟ ଦୂତାବାସ ଓ ଆମେରିକା-ଭାରତ ରଣନୈତିକ ଫୋରମ ଦ୍ୱାରା ଆୟୋଜିତ ବୈଠକରେ ଜେଟ୍‌ଲୀ ଯୋଗ ଦେଇ ଭାରତର ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ମାଷ୍ଟରକାର୍ଡ ସିଇଓ ଅଜୟ ବଙ୍ଗାଙ୍କ ସମେତ ବହୁ ଶୀର୍ଷ ଅଧିକାରୀ ଏବଂ ନିବେଶକ ଯୋଗ ଦେଇଥିଲେ।

## ଆର୍‌ବିଆଇ ମୁଖ୍ୟାଳୟରେ ସୁରକ୍ଷା ଅଭ୍ୟାସ

**ମୁମ୍ବାଇ,୧୧-୪**



- ଚକିତ ହେଲେ ଦେଖଣାହାରି
- ମୁଖ୍ୟାଳୟ ଉପରେ ଉଡ଼ିଲା ହେଲିକପ୍ଟର
- ଏକାଧିକ ସୁରକ୍ଷା ଏଜେନ୍ସି ପକ୍ଷରୁ ମକ୍ ଡ୍ରିଲ୍

ସୁରକ୍ଷା ଏଜେନ୍ସି ପକ୍ଷରୁ ଗୁରୁବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଖ୍ୟାଳୟର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଲାଗି ଅଭ୍ୟାସ(ମକ୍ ଡ୍ରିଲ) କରାଯାଇଥିଲା। ଏଥିରେ ହେଲିକପ୍ଟର ମଧ ସାମିଲ ହୋଇଥିଲା। ଏହା ମୁଖ୍ୟାଳୟର କୋଠା ଉପରେ ଚକ୍କର ମାରୁଥିବା ଏବଂ ଏଥିରୁ ସୁରକ୍ଷାକର୍ମୀ ତଳକୁ ଆସୁଥିବା ଦେଖାଯାଇଥିଲା। ଆର୍‌ବିଆଇ ମୁଖ୍ୟାଳୟରେ ସୁରକ୍ଷା ଏଜେନ୍ସିଙ୍କ ଏଭଳି ଅଚାନକ କାର୍ଯ୍ୟାନୁଷ୍ଠାନକୁ ଦେଖି ଦେଖଣାହାରି ହତଚକିତ ହୋଇଯାଇଥିଲେ। ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଥିବା ନେଇ ବେଶ କିଛି ସମୟଧରି କଳ୍ପନାଜଳ୍ପନା ଲାଗି ରହିଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସୁରକ୍ଷା ଏଜେନ୍ସି ପକ୍ଷରୁ ମୁଖ୍ୟାଳୟର ଗୋଟିଏ ମହଲାରେ ଥିବା କର୍ମଚାରୀଙ୍କୁ ପଣବନ୍ଦୀ କରାଯିବା ସ୍ଥିତିର ମୁକାବିଲା ଲାଗି ଅଭ୍ୟାସ କରାଯାଇଥିଲା। ଲୋକଙ୍କୁ ସୁରକ୍ଷିତ ଭାବେ ଉକ୍ତ ମହଲାରୁ ବାହାରକୁ ଆଣିବାର ଅଭ୍ୟାସ କରାଯାଇଥିଲା। ଜଣେ ଅଧିକାରୀ କହିଛନ୍ତି ଯେ, ଏହି ସୁରକ୍ଷା ଅପରେଶନରେ ଏକାଧିକ ସୁରକ୍ଷା ଏଜେନ୍ସି ଅଂଶଗ୍ରହଣ କରିଥିଲେ ଏବଂ ଏହାର ପ୍ରସ୍ତୁତି ଶେଷ ମୁହୂର୍ତ୍ତରେ କରାଯାଇଥିଲା। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କରେ ଏକାଧିକ ଥର ସୁରକ୍ଷା ଏବଂ ଫାୟର ଡ୍ରିଲ କରାଯାଇଥାଏ। କିନ୍ତୁ ଗୁରୁବାର ଅଭ୍ୟାସ ସ୍ୱତନ୍ତ୍ର ଧରଣର ଥିଲା, କାରଣ ଏଥିରେ ହେଲିକପ୍ଟରକୁ ସାମିଲ କରାଯାଇଥିଲା। ୨୦୦୮ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ବେଳେ ଏନ୍ଏସ୍‌ଜି କମାଣ୍ଡୋମାନେ ଏଭଳି ଅପରେଶନ ଜରିଆରେ ଚାବଡ ହାଉସରେ ପହଞ୍ଚି ଆତଙ୍କବାଦୀଙ୍କୁ ମାରିଥିଲେ।

## 'ଗରିବଙ୍କ ସାମାଜିକ ସୁରକ୍ଷା ନଷ୍ଟ କରିଛି ବିମୁଦ୍ରୀକରଣ'

**ନୂଆଦିଲ୍ଲୀ,୧୧-୪:** ବିମୁଦ୍ରୀକରଣ ଓ ଜିଏସ୍‌ଟି ଗରିବଙ୍କ ପାଇଁ ବିପଦ ହୋଇଛି। ଏହା ଲାଗୁ ହେବା ପରେ ଭାରତରେ ଅତି ଦରିଦ୍ର ଶ୍ରେଣୀର ପରିବାରର ସାମାଜିକ ସୁରକ୍ଷାକୁ ନଷ୍ଟ କରିଛି। ସମାଜ ସମ୍ମୁଖୀନ ହେଉଥିବା ନୂଆ ଆହ୍ୱାନର ମୁକାବିଲାରେ ଘରୋଇ କ୍ଷେତ୍ର ସହାୟତାର ହାତ ବଢ଼ାଇପାରିବ ବୋଲି ବିଶ୍ୱବ୍ୟାଙ୍କର ଅଗ୍ରଣୀ ଅର୍ଥନୀତିଜ୍ଞ ଇଜାଜ୍ ଘନୀ କହିଛନ୍ତି। ଖବର କାଗଜ ଫାଇନାନ୍ସିଆଲ ଏକ୍ସପ୍ରେସରେ ନିଜ ଲେଖାରେ ଘନୀ ଦର୍ଶାଇଛନ୍ତି ଯେ, ପାରମ୍ପରିକ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ପୁନରୁଜ୍ଜୀବିତ କରିବାକୁ ହେବ, ଯାହାକି ୧୯୭୦ ଦଶକରେ ବିକାଶ ହୋଇଥିଲା। ପବ୍ଲିକ-ପ୍ରାଇଭେଟ ପାର୍ଟନରସିପ୍ ମଡେଲ ଏବଂ ଗୋଷ୍ଠୀ ସମନ୍ୱୟ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ ଭାରତରେ ଏମଜିଏନଆରଜିଏ, ପିଡିଏସ୍ ବ୍ୟବସ୍ଥା, ଇନ୍ଦିରା ଆୱାସ ଯୋଜନା, ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓଲ୍ଡ ଏଜ୍ ପେନସନ ସ୍କିମ୍, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଭଳି ଅନେକ ସାମାଜିକ ସୁରକ୍ଷା ଯୋଜନା ରହିଛି। କୌଣସି ଦେଶର ଆର୍ଥିକ ଅଭିବୃଦ୍ଧିରେ ସାମାଜିକ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ବ୍ୟବସ୍ଥାରେ ଜଣେ ବ୍ୟକ୍ତି ନିଜର ବିପଦ ସହ ଲାଭକୁ ନେଇ ଆକଳନ କରିପାରେ ବୋଲି ଘନୀ କହିଛନ୍ତି। ସେ ଲେଖିଛନ୍ତି ଯେ, ଜିଏସ୍‌ଟି ଲାଗୁ କରାଯିବା ପରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ନିୟମ ପାଳନ କରିବା ଏକ ବୋଝ ହୋଇଥିବା ବେଳେ ବିମୁଦ୍ରୀକରଣ ଯୋଗୁ ବ୍ୟାପକ ହାରରେ ବେକାରୀ ସଂଖ୍ୟା ବଢ଼ିଛି।

# ପର୍ଯ୍ୟଟନ ବିକାଶରେ 'ବ୍ରାଣ୍ଡିଂ' ଗୁରୁତ୍ୱପୂର୍ଣ୍ଣ

ପର୍ଯ୍ୟଟନ ଓ ହୋଟେଲ ଶିଳ୍ପର ଜଣେ ପରିଚିତ ଚେହେରା ଜେ.କେ. ମହାନ୍ତି। ଦୀର୍ଘ ୩୫ବର୍ଷ ହେଲା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ଥିବା ମହାନ୍ତି ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟରେ ଏକାଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନ ସମ୍ମିଳନୀ ଆୟୋଜନ କରିବାରେ ସେ ମୁଖ୍ୟ ଭୂମିକା ତୁଲାଇଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସହ ପର୍ଯ୍ୟଟନ ଭିତ୍ତିଭୂମି ସଜାଡ଼ିବା ଲାଗି ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ପରାମର୍ଶ ଦେଇଛନ୍ତି।



ଜେ.କେ. ମହାନ୍ତି

**✪ ରାଜ୍ୟ ତଥା ଦେଶର ଅର୍ଥନୀତିରେ ପର୍ଯ୍ୟଟନର ଭୂମିକା?**

❏ ପର୍ଯ୍ୟଟନ ଏଭଳି ଏକ ଶିଳ୍ପ, ଯାହା ମାଧ୍ୟମରେ ବିଦେଶକୁ କୌଣସି ସାମଗ୍ରୀ ରପ୍ତାନୀ ନ କରି ମଧ ଆମେ ବିଦେଶୀ ମୁଦ୍ରା ଅର୍ଜନ କରିପାରିବା। କେବଳ ଏତିକି ନୁହେଁ, ଏହା ଏଭଳି ଏକ କ୍ଷେତ୍ର, ଯେଉଁଥିରେ ସର୍ବାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଯୁବବର୍ଗଙ୍କୁ ନିଯୁକ୍ତ କରାଯାଇପାରିବ। ତେଣୁ ଅର୍ଥନୀତିର ବିକାଶ ପାଇଁ ଏହି କ୍ଷେତ୍ରକୁ ସର୍ବଦା ପ୍ରାଥମିକତା ଦିଆଯିବା ଉଚିତ।

**✪ ଓଡ଼ିଶା ନିକଟରେ ଯେଉଁ ପର୍ଯ୍ୟଟନ ସମ୍ବଳ ରହିଛି, ତାହାର ଉପଯୋଗ ଠିକ୍ ଭାବେ ହେଉଛି କି?**

❏ ପଡ଼ୋଶୀ ରାଜ୍ୟ ସହ ତୁଳନା କଲେ ଓଡ଼ିଶା ନିକଟରେ ଯଥେଷ୍ଟ ଅଧିକ ପର୍ଯ୍ୟଟନ ସମ୍ବଳ ରହିଛି। ମାତ୍ର ଏହାର ଉପଯୁକ୍ତ ସଂରକ୍ଷଣ, ରକ୍ଷଣାବେକ୍ଷଣା ଓ ପରିଚାଳନା ହେଉନି। ବ୍ରାଣ୍ଡିଂ, ପ୍ରଚାର ପ୍ରସାର, ପର୍ଯ୍ୟଟକଙ୍କ ପାଇଁ ଯଥେଷ୍ଟ ହୋଟେଲ ଏବଂ ପର୍ଯ୍ୟଟନସ୍ଥଳୀରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବଜାୟ ରହିଲେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବହୁ ଆଗକୁ ଯାଇପାରିବ।

**✪ ଓଡ଼ିଶାକୁ ସ୍ୱଳ୍ପ ବିଦେଶୀ ପର୍ଯ୍ୟଟକଙ୍କ ଆଗମନର କାରଣ କ'ଣ?**

❏ ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କେରଳ ଭଳି ରାଜ୍ୟ ଗତ କିଛିବର୍ଷ ମଧ୍ୟରେ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବିଶେଷ ସଫଳତା ହାସଲ କରିଛନ୍ତି। ମାତ୍ର ଓଡ଼ିଶାରେ ଏହିବର୍ଷ ମଧ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ସେଭଳି ବୃଦ୍ଧି ପରିଲକ୍ଷିତ ହୋଇନି। ବିଦେଶରୁ ଓଡ଼ିଶାକୁ ସିଧାସଳଖ ବିମାନ ଚଳାଚଳ ନ କରିବା ଏହାର ପ୍ରମୁଖ କାରଣ ହୋଇଥିବା ବେଳେ ପର୍ଯ୍ୟଟନସ୍ଥଳୀର ଦୁର୍ବଳ ଭିତ୍ତିଭୂମି, ଷ୍ଟାର୍ ହୋଟେଲର ଅଭାବ ମଧ ପ୍ରତିବନ୍ଧକ ସାଜିଛି। ଭୁବନେଶ୍ୱର, ପୁରୀକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ ପ୍ରମୁଖ ପର୍ଯ୍ୟଟନ ସ୍ଥାନରେ ତାରକା ବର୍ଗରେ ପ୍ରାୟ ୬୫୦୦ ହୋଟେଲ ରୁମ୍‌ର ଆବଶ୍ୟକତା ରହିଛି।

**✪ ଏ ଦିଗରେ କ'ଣ ପଦକ୍ଷେପ ନିଆଯିବା ଆବଶ୍ୟକ?**

❏ ଭାରତକୁ ବାଂଲାଦେଶ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆ, ମାଲେସିଆ, ଶ୍ରୀଲଙ୍କା, ଜର୍ମାନୀ, ଫ୍ରାନ୍ସ ଭଳି ରାଷ୍ଟ୍ରରୁ ସର୍ବାଧିକ ବିଦେଶୀ ପର୍ଯ୍ୟଟକ ଆସୁଥିବାରୁ ଏହି ସବୁ ସ୍ଥାନରେ ରୋଡ୍ ଶୋ' ସହ 'ଭିଜିଟ୍ ଓଡ଼ିଶା କ୍ୟାମ୍ପେନ୍'ର ଜୋର୍‌ଦାର ପ୍ରଚାର ପ୍ରସାର କରାଯିବାର ଆବଶ୍ୟକତା ରହିଛି। ଏହାସହ ଉକ୍ତ ରାଷ୍ଟ୍ରର ଟୁର୍ ଅପରେଟର, ଲେଖକ ଓ ଫଟୋଗ୍ରାଫରମାନଙ୍କୁ ଓଡ଼ିଶା ଆଣି ବିଭିନ୍ନ ସ୍ଥାନକୁ ଫ୍ୟାମ୍ ଟୁର୍‌ରେ ନିଆଯିବା ଆବଶ୍ୟକ।

**✪ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କ'ଣ ପଦକ୍ଷେପ ନେବା ଆବଶ୍ୟକ ବୋଲି ଆପଣ ଭାବୁଛନ୍ତି?**

❏ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି କରିବାକୁ ହେଲେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାର ଏସିଆ ଓ ଏୟାର ଇଣ୍ଡିଆ ବ୍ୟତୀତ ଆହୁରି ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବାର ଆବଶ୍ୟକତା ରହିଛି। ଏହାବ୍ୟତୀତ ଜିଏସ୍‌ଟି ଏବେ ପର୍ଯ୍ୟଟନ ଶିଳ୍ପକୁ ବହୁଳ ଭାବେ ପ୍ରଭାବିତ କରୁଛି। ଯେଉଁ ହୋଟେଲଗୁଡ଼ିକ ୨୮ ପ୍ରତିଶତ ଜିଏସ୍‌ଟି ଦେଉଛନ୍ତି, ସେମାନଙ୍କ ଉପରେ ଏହା ବେଶି ପ୍ରଭାବ ପକାଇଛି। ବିଶ୍ୱରେ ଭାରତ ସର୍ବାଧିକ ଜିଏସ୍‌ଟି ଲାଗୁକରିଥିବା ରାଷ୍ଟ୍ର। ୨୮ ପ୍ରତିଶତକୁ କମାଇ ଅତିକମ୍‌ରେ ୧୮ ପ୍ରତିଶତ କରିବା ଉଚିତ।

**✪ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ କି ପଦକ୍ଷେପ ନେବା ଉଚିତ?**

❏ ଓଡ଼ିଶା ପର୍ଯ୍ୟଟନ ସ୍ୱତନ୍ତ୍ର ଡିଜିଟାଲ ମାର୍କେଟିଂ ଟିମ୍ ରଖିବା ସହ ଅତିକମ୍‌ରେ ବଜେଟର ୨୦ ପ୍ରତିଶତ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ଖର୍ଚ୍ଚ କରିବା ଉଚିତ। ନାଇଟ୍ ଲାଇଫ୍, ରକ୍ ବ୍ୟାଣ୍ଡ, କାର୍ ରାଲି, ଆଡ୍‌ଭେଞ୍ଚର ଓ ୱାଟର ସ୍ପୋର୍ଟସ, ବ୍ରାଣ୍ଡିଂ ଓ ମାର୍କେଟିଂ, ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡାର, ଷ୍ଟାର୍ ହୋଟେଲ ପ୍ରତିଷ୍ଠା ଆଦି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ହୋଟେଲ ଓ ପର୍ଯ୍ୟଟନ ଶିଳ୍ପରେ ପ୍ରଫେସନାଲଙ୍କୁ ନିଯୁକ୍ତି ଦିଆଯିବା ସହ ରାଜ୍ୟରେ ମାଇସ୍ ଏବଂ ମେଡିକାଲ ଟୁରିଜମ୍ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବାରୁ ଏହାର ବିକାଶ କଥା ଚିନ୍ତା କରିବାର ସମୟ ଆସିଛି। ଏହାସହ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିବାର ମଧ ସମୟ ଆସିଛି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୦୧୦୫/ଭୁ.ଉ.କ., ଭୁବନେଶ୍ୱର ତା୦୫।୦୪।୨୦୧୯ରିଖ
KNM - 199/93
ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ପ୍ଲଟେଡ୍ ଡେଭ୍‌ଲପ୍‌ମେଣ୍ଟ ସ୍କିମ ଅନ୍ତର୍ଗତ MIG plot No.K-8-515 କୁ ଶ୍ରୀ ଭକ୍ତ ବତ୍ସଳ ତ୍ରିପାଠୀ, ପିତା-ସ୍ୱର୍ଗତ ରାମଚନ୍ଦ୍ର ତ୍ରିପାଠୀ, ଗ୍ରାମ-କୁମୁଟିସାହି, ପୋଅ-ପୁରୀ, ଥାନା-ପୁରୀଟାଉନ, ଜିଲ୍ଲା-ପୁରୀ ବର୍ତ୍ତମାନର ସ୍ଥାୟୀ ଠିକଣା-ଦେୱାନ ବଗିଚା, ତଳମାଳୀ ସାହି, ହସ୍‌ପିଟାଲ ଛକ, ପୋଅ-ପୁରୀ, ଥାନା-କୁମ୍ଭାରପଡ଼ା, ଜିଲ୍ଲା-ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଉକ୍ତ ଆବଣ୍ଟିତ ପ୍ଲଟର ସମ୍ପାଦିତ ଲିଜ ଦଲିଲକୁ ପଞ୍ଜୀକୃତ କରିସାରିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଆବଣ୍ଟନଗ୍ରାହୀ ଶ୍ରୀ ଭକ୍ତ ବତ୍ସଳ ତ୍ରିପାଠୀ ଗତ ତା.୨୬।୦୯।୨୦୧୮ରିଖରେ ମୃତ୍ୟୁବରଣ କରିଅଛନ୍ତି। ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ-ସଂଯୁକ୍ତା ଦେବୀ, ମାନସୀ ତ୍ରିପାଠୀ(ଅବିବାହିତା ଝିଅ) ଏବଂ ବିଦୁଭୂଷଣ ତ୍ରିପାଠୀ(ପୁଅ) ଉକ୍ତ ପ୍ଲଟ୍‌କୁ ଉତ୍ତରାଧିକାରୀ ସୂତ୍ରେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।
ସ୍ୱା./- ଆବଣ୍ଟନ ଅଧିକାରୀ-୨

କୌଣସି ମ୍ୟାଚରେ ପ୍ରବଳ ଚାପରେ ରହିଲେ ଶାନ୍ତ ରହିବା ସହ ମୁଁ ମ୍ୟାଚକୁ ଶେଷ କରିବାକୁ ଚେଷ୍ଟା କରିଥାଏ ।

–କିରନ ପୋଲାର୍ଡ, ମୁମ୍ବାଇ ଇଣ୍ଡିଆନ୍ସ କାମଚଳା ଅଧିନାୟକ



ବିସ୍ଫୋରକ ବ୍ୟାଟ୍ସମ୍ୟାନ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ଫର୍ମକୁ ଫେରିଛନ୍ତି। ଆମ ଦଳ ତାଙ୍କଠାରୁ ଏହି ଆଶା କରୁଥିଲା ।

– ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ



## ଆଜିର ମ୍ୟାଚ



କୋଲକାତା ନାଇଟ ରାଇଡର୍ସ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ

ପ୍ରସାରଣ
ସ୍ଥାନ : କୋଲକାତା
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ଡିସି କ୍ୟାମ୍ପରେ ମନୋଜ ତିୱାରୀ

କୋଲକାତା,୧୧।୪(ପିଟି): ବେଙ୍ଗଲ ଅଧିନାୟକ ମନୋଜ ତିୱାରୀଙ୍କୁ ଆଇପିଏଲ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) କ୍ୟାମ୍ପରେ ଦେଖିବାକୁ ମିଳିଛି। ତାଙ୍କ ବ୍ୟତୀତ ମୁମ୍ବାଇ ପେସର ତୁଷାର ଦେଶପାଣ୍ଡେ ଓ ପଞ୍ଜାବ ପେସର ମନପ୍ରୀତ ସିଂ ଗୋନୀ ମଧ ଟ୍ରାୟଲର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଏମାନଙ୍କ ସମ୍ପର୍କରେ ଡିସି ମ୍ୟାନେଜମେଣ୍ଟ କୌଣସି ନିଷ୍ପତ୍ତି ନେଇ ନାହିଁ। ସମସ୍ତ ଖେଳାଳି ଶୁକ୍ରବାର ଆଉ ଏକ ଟ୍ରାୟଲ ରାଉଣ୍ଡ ସମ୍ମୁଖୀନ ହେବେ। ଆସନ୍ତା ୧୪ ତାରିଖରେ ସନରାଇଜର୍ସ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍ ଲାଗି ମନୋଜ ଆମ ସହ ଗସ୍ତ କରିବେ। ସେ ଆମ ସହ ଅଭ୍ୟାସ କରିବେ। ପରେ ଏ ସମ୍ପର୍କରେ ଆମେ ନିଷ୍ପତ୍ତି ନେବୁ ବୋଲି ଡିସି ଉପଦେଷ୍ଟା ସୌରଭ ଗାଙ୍ଗୁଲି କହିଛନ୍ତି। ପେସର ହର୍ଶଲ ପଟେଲଙ୍କ ହାତ ଫ୍ରାକଚର ହୋଇଥିବାବେଳେ ମନଜୋତ କାଲରା ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିଛନ୍ତି। ଏଣୁ ଡିସିକୁ ଅତିକମ୍‌ରେ ଦୁଇଟି ବଦଳ ଖେଳାଳି ଦରକାର। ଗତ ସଂସ୍କରଣ ଖେଳିଥିବା ତିୱାରୀ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ କୌଣସି ଫ୍ରାଞ୍ଚାଇଜକୁ ଆକୃଷ୍ଟ କରିପାରି ନ ଥିଲେ। ଚଳିତ ସଂସ୍କରଣରେ ଏପର୍ଯ୍ୟନ୍ତ ସେ ବଙ୍ଗାଳି କମେଣ୍ଟ୍ରି କରୁଥିବାବେଳେ ତାଙ୍କୁ ଟ୍ରାୟଲ ପାଇଁ ଡକରା ଦିଆଯାଇଥିଲା। ମୁଁ ଟ୍ରାୟଲରେ ଯୋଗଦେଇଥିଲି। ଏହା ମୋ ପାଇଁ ଭଲ ଥିଲା। ଦଳର ଉପଦେଷ୍ଟା ସୌରଭ ଗାଙ୍ଗୁଲି ଓ କୋଚ୍ ରିକି ପଣ୍ଟିଂଙ୍କ ସହ କଥା ହୋଇଛି। ହେଲେ ମୋତେ ଅଫିସିଆଲି କିଛି କୁହାଯାଇନାହିଁ ବୋଲି ତିୱାରୀ କହିଛନ୍ତି।

### ପାରାଅଲିମ୍ପିକ୍ସ ପଦକଧାରୀ ଦୀପାଙ୍କୁ ସ୍ୱତନ୍ତ୍ର ସମ୍ମାନ

ନୂଆଦିଲ୍ଲୀ,୧୧।୪(ପିଟି): ରିଓ ପାରାଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ଦୀପା ମଲିକଙ୍କୁ ଗୁରୁବାର ସ୍ୱତନ୍ତ୍ର ସମ୍ମାନ ମିଳିଛି। ଦୀପାଙ୍କ ସଫଳତା ପ୍ରେରଣା ଦାୟକ ହୋଇଥିବାରୁ ତାଙ୍କୁ ୨୦୧୯ ବର୍ଷ ପାଇଁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସାର୍ ଏଡମଣ୍ଡ ହିଲାରୀ ଫେଲୋଶିପ୍ ପ୍ରଦାନ କରାଯାଇଛି। ୪୮ ବର୍ଷୀୟ ଦୀପା ଏବେଠାରୁ ଭାରତ ଓ ନ୍ୟୁଜିଲାଣ୍ଡରେ କ୍ରୀଡ଼ା ଓ ପରମ୍ପରାର ଉନ୍ନତି ଦିଗରେ କାର୍ଯ୍ୟ କରିବେ। ସେ ଏଫ୍‌୫୩ ଶଟ୍‌ପୁଟ ଇଭେଣ୍ଟରେ ରିଓ ପାରାଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ଏହି କାଟେଗୋରୀରେ ଆଥ୍‌ଲେଟଙ୍କୁ ହ୍ୱିଲ ଚେୟାରରେ ବସି ଥ୍ରୋ କରିବାକୁ ପଡ଼େ। ୨୦୧୯ ବର୍ଷ ପାଇଁ ଭାରତୀୟ ପାରାଆଥଲେଟ ଦୀପାଙ୍କୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ସାର ଏଡମୁଣ୍ଡ ହିଲାରୀ ଫେଲୋଶିପ ପ୍ରଦାନ କରି ଆମେ ଅତ୍ୟନ୍ତ ଖୁସି। ଏହାକୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନ ପ୍ରଦାନ କରିଛନ୍ତି। ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ଏହାର ଲକ୍ଷ୍ୟ ବୋଲି ନ୍ୟୁଜିଲାଣ୍ଡ ହାଇ କମିଶନ ପକ୍ଷରୁ କୁହାଯାଇଛି।

# ଚେନ୍ନାଇର ରୋମାଞ୍ଚକ ବିଜୟ

ଜୟପୁର, ୧୧।୪

ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ଅମ୍ବାତି ରାୟୁଡୁଙ୍କ ୯୫ ରନର ଭାଗୀଦାରି ଏବଂ ମିଚେଲ ସାଣ୍ଟନରଙ୍କ ଶେଷ ବଲ୍ ଛକା ସହାୟତାରେ ଚେନ୍ନାଇ ସୁପର କିଙ୍ଗ୍ସ ଗୁରୁବାର ଅନୁଷ୍ଠିତ ଆଇପିଏଲ ମ୍ୟାଚରେ ରୋମାଞ୍ଚକ ବିଜୟ ହାସଲ କରିଛି। ଧୋନୀଙ୍କ ଦଳ ରାଜସ୍ଥାନ ରୟାଲ୍ସକୁ ୪ ଉଇକେଟରେ ପରାସ୍ତ କରିଛି। ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୫୨ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ନେଇଛି। ବଡ଼ ବିଜୟ ଲକ୍ଷ୍ୟ ନ ଥିଲେ ହେଁ ସୁପର କିଙ୍ଗ୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବାରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଓପନର ଶେନ ୱାଟସନ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିବାବେଳେ ସୁରେଶ ରାଇନା ୪ ରନ କରି ରନଆଉଟ ହୋଇ ଯାଇଥିଲେ। ଫାଫ୍ ଡୁ ପ୍ଲେସି ୭ ଓ କେଦାର ଯାଦବ ୧ ରନ କରି ଆଉଟ ହେବାରୁ ୨୪ ରନ ମଧ୍ୟରେ ଚେନ୍ନାଇ ଟପ୍ ଅର୍ଡରର ୪ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ତେବେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କ୍ରିଜକୁ ଆସିବାପରେ ସ୍ଥିତି ବଦଳିଥିଲା। ଅମ୍ବାତି ରାୟୁଡୁ ଓ ଧୋନୀ ଆତ୍ମ ବିଶ୍ୱାସର ସହ ବ୍ୟାଟିଂ କରି ଦଳକୁ ଚାପରୁ ମୁକୁଳାଇଥିଲେ। ଦୁହେଁ ୫ମ ଉଇକେଟରେ ୯୫ ରନର ଭାଗୀଦାରି ଗଢ଼ିଥିଲେ। ଦଳୀୟ ସ୍କୋର ୧୧୯ରେ ପହଞ୍ଚିବାପରେ ରାୟୁଡୁ ୪୭ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ୫୭ ରନ କରି ଆଉଟ ହୋଇଥିଲେ। ୧୮ତମ ଓଭରର ୪ର୍ଥ ବଲ୍‌ରେ ରାୟୁଡୁଙ୍କୁ ଆଉଟ କରି ବେନ୍ ଷ୍ଟୋକ୍ସ ଏହି ଯୋଡ଼ି ଭାଙ୍ଗିଥିଲେ। ୧୯ତମ ଓଭରରୁ ଧୋନୀ ଓ ରବୀନ୍ଦ୍ର ଜାଡେଜା ୧୨ ରନ ସଂଗ୍ରହ କରିବାରୁ ଶେଷ ଓଭରରୁ ବିଜୟ ପାଇଁ ୧୮ ରନ ଆବଶ୍ୟକ ହେଉଥିଲା। ଅନ୍ତିମ ଓଭର ବୋଲିଂ କରିବାକୁ ଆସିଥିବା ଷ୍ଟୋକ୍ସଙ୍କ ପ୍ରଥମ ବଲ୍‌କୁ ଛକାରେ ପରିଣତ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ ଜାଡେଜା। ଦ୍ୱିତୀୟ ବଲ୍‌ଟି ନୋ ପଡ଼ିଥିବାବେଳେ ପରବର୍ତ୍ତୀ ବଲ୍‌ରୁ ୨ ରନ ସଂଗ୍ରହ କରିଥିଲେ ଧୋନୀ। ୩ୟ ବଲ୍‌ରେ ଧୋନୀଙ୍କୁ କ୍ଲିନ୍ ବୋଲ୍ଡ କରି ଚେନ୍ନାଇ ସମର୍ଥକଙ୍କୁ ସ୍ତବ୍ଧ କରିଦେଇଥିଲେ ଷ୍ଟୋକ୍ସ। ୪୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଧୋନୀ ୨ ଚୌକା ଓ ୩ ଛକା ସହାୟତାରେ ୫୮ ରନ ସ୍କୋର କରିଥିଲେ। ୪ର୍ଥ ଓ ୫ମ ବଲ୍‌ରୁ ସାଣ୍ଟନର ୨ ରନ ଲେଖାଏ ସଂଗ୍ରହ କରିବାରୁ ଶେଷ ବଲ୍‌ରୁ ବିଜୟ ପାଇଁ ୪ ରନ ଆବଶ୍ୟକ ହେଉଥିଲା। ମାତ୍ର ଏହାକୁ ୱାଇଡ୍ ପକାଇଥିଲେ ଷ୍ଟୋକ୍ସ। ଚାପକୁ ନ ଆସି ଅନ୍ତିମ ବଲ୍‌କୁ ଛକାରେ ପରିଣତ କରି ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ ସାଣ୍ଟନର। ଏହି ଓଭରର ୪ର୍ଥ ବଲ୍‌କୁ ଅମ୍ପାୟର ପ୍ରଥମେ ନୋ ଡାକିବା ଏବଂ ପରେ ନିଷ୍ପତ୍ତି ପ୍ରତ୍ୟାହାର କରିନେବା ଘଟଣାକୁ ନେଇ କିଛି ସମୟ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ଧୋନୀ ପଡ଼ିଆ ମଧ୍ୟରେ ପ୍ରବେଶ କରି ଅମ୍ପାୟରଙ୍କ ସହିତ କିଛି ସମୟ ଯୁକ୍ତି କରିଥିବା ପରିଲକ୍ଷିତ ହୋଇଥିଲା। ମାତ୍ର ଶେଷରେ ଚେନ୍ନାଇ ବିଜୟୀ ହେବାରୁ ଏହି ଅଧ୍ୟାୟର ଅବସାନ ଘଟିଥିଲା। ଜାଡେଜା ୪ ବଲ୍‌ରୁ ୯ ଓ ସାଣ୍ଟନର ୩ ବଲ୍‌ରୁ ୧୦ ରନକରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଷ୍ଟୋକ୍ସ ୨ଟି ଏବଂ ଧାୱଲ କୁଲକର୍ଣ୍ଣୀ, ଜୟଦେବ ଉନାଡ଼କଟ ଓ ଜୋଫ୍ରା ଆର୍ଚେର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଟସ୍ ଜିତି ପ୍ରଥମେ ରାଜସ୍ଥାନ ରୟାଲ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଦଳ ଭଲ ଆରମ୍ଭ କରିଥିଲେ ହେଁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ ବଡ଼ ସ୍କୋର କରିପାରି ନ ଥିଲା। ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଜୋସ ବଟଲର ଓପନିଂ ଯୋଡ଼ିରେ ୧୭ ବଲ୍‌ରୁ ୩୧ ରନ ସଂଗ୍ରହ କରିଥିଲେ। ଖରାପ ଫର୍ମଦେଇ ଗତି କରୁଥିବା ରାହାନେ ୧୧ ବଲ୍‌ରୁ ୧୪(୩ ଚୌକା) ରନ କରି ଆଉଟ ହୋଇଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ପରିଚିତ ବଟଲର ୧୦ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୨୩ ରନ କରିଥିବାବେଳେ ଶାର୍ଦ୍ଦୁଲ ଠାକୁରଙ୍କ ବଲ୍‌ରେ ଅମ୍ବାତି ରାୟୁଡୁଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଯୁବ ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ୬, ଅଭିଜ୍ଞ ଷ୍ଟିଭେନ ସ୍ମିଥ ୧୫ ଓ ରାହୁଲ ତ୍ରିପାଠୀ ୧୦ ରନ କରି ଆଉଟ ହେବାରୁ ରାଜସ୍ଥାନ ଇନିଂସ ୧୦.୫ ଓଭରରେ ୭୮/୫ ହୋଇ ଯାଇଥିଲା। ଲୋୟର ଅର୍ଡରରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ବେନ୍ ଷ୍ଟୋକ୍ସ ୨୬ ବଲ୍‌ରୁ ୨୮, ରିୟାନ ପାରଗ ୧୪ ବଲ୍‌ରୁ ୧୬ ରନ କରି ଆଉଟ ହୋଇଥିବାବେଳେ ଜୋଫ୍ରା ଆର୍ଚେର ୧୨ ବଲ୍‌ରୁ ୧୩ ଓ ଶ୍ରେୟାସ ଗୋପାଳ ମାତ୍ର ୭ ବଲ୍‌ରୁ ଦ୍ରୁତ ୧୯(୨ ଚୌକା, ୧ ଛକା) ରନ ସଂଗ୍ରହ କରିବାରୁ ରାଜସ୍ଥାନ ସ୍କୋର ୧୫୦ ଅତିକ୍ରମ କରିଥିଲା। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡେଜା ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୨୦ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ଚହର ଓ ଶାର୍ଦ୍ଦୁଲ ଠାକୁର ୨ଟି ଲେଖାଏ ଏବଂ ମିଚେଲ ସାଣ୍ଟନର ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

- ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୫୧/୭(ଷ୍ଟୋକ୍ସ-୨୮, ବଟଲର-୨୩, ଗୋପାଳ-୧୯*, ଜାଡେଜା-୨/୨୦, ଠାକୁର-୨/୪୪, ଚହର-୨/୩୩, ସାଣ୍ଟନର-୧/୨୫)।
- ଚେନ୍ନାଇ ସୁପରକିଙ୍ଗ୍ସ ୨୦ଓଭରରେ ୧୫୫/୬(ଧୋନୀ-୫୮, ରାୟୁଡୁ-୫୭, ଷ୍ଟୋକ୍ସ-୨/୩୯, କୁଲକର୍ଣ୍ଣୀ-୧/୧୪, ଉନାଡକଟ-୧/୨୩, ଆର୍ଚେର-୧/୧୯)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୭ | ୬ | ୧ | ୧୨ | +୦.୨୯୯ |
| ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୦.୬୧୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | ୦.୨୯୦ |
| କିଙ୍ଗ୍ସ ଇଲେଭେନ | ୭ | ୪ | ୩ | ୮ | -୦.୦୫୭ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | ୦.୧୩୧ |
| ରାଜସ୍ଥାନ ରୟାଲ୍ସ | ୬ | ୧ | ୫ | ୨ | -୦.୭୨୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | -୧.୪୫୩ |

# ରସେଲଙ୍କୁ ରୋକିବା ଲକ୍ଷ୍ୟରେ ରାବାଡା

କୋଲକାତା, ୧୧।୪(ପି.ଟି.)

ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଶୁକ୍ରବାର ଘରୋଇ କୋଲକାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏକ ହାଇଭୋଲଟେଜ ମ୍ୟାଚ୍ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଚଳିତ ପ୍ରତିଯୋଗିତାରେ ଦୁଇ ଦଳ ପରସ୍ପରକୁ ୨ୟଥର ପାଇଁ ଭେଟିବାକୁ ଯାଉଛନ୍ତି। ଏଥିପୂର୍ବରୁ ମାର୍ଚ୍ଚ ୩୦ରେ ଫିରୋଜ ଶାହ କୋଟଲା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ



କାଗିଶୋ ରାବାଡ଼ା

ଦିଲ୍ଲୀ ସୁପର୍ ଓଭରରେ ବିଜୟୀ ଲାଭ କରିଥିଲା। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୮୬ ରନର ଟାର୍ଗେଟ୍‌କୁ ପିଛା କରି କୋଲକାତା ଆନ୍ଦ୍ରେ ରସେଲ (୨୮ ବଲ୍, ୬୨ ରନ)ଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୮ ଉଇକେଟ୍ ହରାଇ ୧୮୫ ରନ କରିଥିଲା। ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଏହାପରେ ସୁପର ଓଭରରେ ଦିଲ୍ଲୀ ୧୦ ରନ କରିଥିବାବେଳେ ନାଇଟ୍ ରାଇଡର୍ସ ୭ ରନ କରିବାକୁ ସକ୍ଷମ ହୋଇଥିଲା। ତେଣୁ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ଏହି ପରାଜୟର ପ୍ରତିଶୋଧ ଘରୋଇ ଗ୍ରାଉଣ୍ଡରେ ନେବା ଲକ୍ଷ୍ୟରେ ରହିଛି। ଦିଲ୍ଲୀରେ ଅମିତ୍ ମିଶ୍ରା, ଅକ୍ଷର ପଟେଲଙ୍କ ପରି ସ୍ପିନର ରହିଥିବାରୁ ସେମାନେ ମଧ୍ୟ ଏହି ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି।

ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ କୋଲକାତାର ପ୍ରଦର୍ଶନ ବେଶ୍ ଭଲ ରହିଛି। ଦଳ ୬ ମ୍ୟାଚ୍‌ରୁ ୪ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ଟେବୁଲ ତାଲିକାର ୨ୟ ସ୍ଥାନରେ ରହିଛି। ବ୍ୟକ୍ତିଗତ ପ୍ରଦର୍ଶନକୁ ଦେଖିଲେ କୋଲକାତାର ବିସ୍ଫୋରକ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ରସେଲ ୬ ମ୍ୟାଚ୍‌ରୁ ୨୫୭ ରନ କରିଛନ୍ତି। ଯେଉଁଥିରେ ସେ କେବଳ ଛକା ମାରି ଦେଢ଼ଶହ ରନ ସଂଗ୍ରହ କରିଛନ୍ତି। ରସେଲଙ୍କ ବ୍ୟାଟିଂ ଆଭରେଜ ୧୨୮.୫୦ ରହିଥିବାବେଳେ ଷ୍ଟ୍ରାଇକରେଟ୍ ୨୧୨ରୁ ଊର୍ଦ୍ଧ୍ୱ ରହିଛି। ତେଣୁ ଦମ୍‌ଦାର ଫର୍ମରେ ଥିବା ରସେଲଙ୍କୁ ଇଡେନ ଗାର୍ଡେନ୍ସରେ ଅଟକାଇବା ଲାଗି ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଦଳ ଚିନ୍ତାରେ ରହିଛି। ମହେନ୍ଦ୍ର ସିଂ ଧୋନୀଙ୍କ ସ୍ପିନ ବୋଲିଂ ଫର୍ମୁଲାକୁ ଆୟାର ଏହି ମ୍ୟାଚ୍‌ରେ ମଧ୍ୟ ପ୍ରୟୋଗ କରିପାରନ୍ତି। ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ କୋଲକାତାର ଅନ୍ତିମ ମ୍ୟାଚ୍ ଖେଳିଥିଲା। ଏହି ମ୍ୟାଚ୍‌ରେ ରସେଲଙ୍କୁ ଅଟକାଇବା ପାଇଁ ଧୋନୀ ତାଙ୍କର ସ୍ପିନ ଅସ୍ତ୍ରକୁ ପ୍ରୟୋଗ କରିଥିଲେ ଏବଂ ଏହାମଧ୍ୟ ସଫଳ ହୋଇଥିଲା। ଏହି ମ୍ୟାଚ୍‌ରେ ଚେନ୍ନାଇ ୭ ଉଇକେଟ୍‌ରେ ବିଜୟୀ ଲାଭ କରିଥିଲା।

ସେହିଭଳି ରସେଲଙ୍କୁ ରୋକିବା ଲାଗି ଦିଲ୍ଲୀ ନିକଟରେ କାଗିସୋ ରାବାଡାଙ୍କ ପରି ଦକ୍ଷ ବୋଲର ମଧ୍ୟ ରହିଛନ୍ତି। ସୁପର୍ ଓଭର ମ୍ୟାଚ୍‌ରେ ରସେଲଙ୍କୁ ଏକ ଚମତ୍କାର ୟର୍କର ବଲ୍‌ରେ କ୍ଲିନ ବୋଲ୍ଡ କରି ରାବାଡା ଦିଲ୍ଲୀକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବଲ୍‌କୁ ଦିଲ୍ଲୀ ମେଣ୍ଟର ସୌରଭ ଗାଙ୍ଗୁଲି 'ବଲ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ବୋଲି ଆଖ୍ୟା ମଧ୍ୟ ଦେଇଥିଲେ। ତେଣୁ ଶୁକ୍ରବାର ହେବାକୁ ଥିବା ଏହି ମ୍ୟାଚ୍‌ରେ ମୁଖ୍ୟତଃ ରସେଲ ଓ ରାବାଡାଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଦିଲ୍ଲୀ ୬ ମ୍ୟାଚ୍‌ରୁ ୩ଟି ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପାଇ ଟେବୁଲ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଏହି ମ୍ୟାଚ୍ ଜିତି ପଏଣ୍ଟ ଟେବୁଲରେ ନିଜ ସ୍ଥାନକୁ ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଦଳ।

# ପ୍ରଥମ ଦିନିକିଆରେ ଜିମ୍ବାୱେର ସହଜ ବିଜୟ

**ହରାରେ, ୧୧।୪:** ଭ୍ରମଣକାରୀ ୟୁଏଇ ବିପକ୍ଷରେ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଜିମ୍ବାୱେ ସହଜ ବିଜୟ ହାସଲ କରିଛି। ୟୁଏଇ ପକ୍ଷରୁ ଧାର୍ଯ୍ୟ ୧୧୧ ରନର ଛୋଟିଆ ଲକ୍ଷ୍ୟକୁ ଘରୋଇ ଜିମ୍ବାୱେ ୩ ଉଇକେଟ୍ ହରାଇ ହାସଲ କରିନେଇଥିଲା। ବିଜୟ ସହ ଜିମ୍ବାୱେ ୪ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ୪୪.୫ ଓଭରରେ ୧୧୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଛୋଟିଆ ଟାର୍ଗେଟ୍‌କୁ ପିଛା କରିଥିବା ଜିମ୍ବାୱେ ୨୩.୧ ଓଭରରେ ୩ ଉଇକେଟ୍ ହରାଇ ହାସଲ କରିନେଇଥିଲା।

# ରାଇନାଙ୍କ ରେକର୍ଡ ଭାଙ୍ଗିବାରୁ ବଞ୍ଚିତ ହେଲେ ରୋହିତ୍

ମୁମ୍ବାଇ, ୧୧।୪

ଆଘାତଜନିତ ସମସ୍ୟା ଲାଗି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍ ଶର୍ମା ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ବୁଧବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍ ଖେଳିବାରୁ ବଞ୍ଚିତ ହୋଇଥିଲେ। ଏଥିସହ ରୋହିତ୍ ଦୀର୍ଘ ୧୧ ବର୍ଷର ବ୍ୟବଧାନ ପରେ ପ୍ରଥମଥର ଲାଗି ଆଇପିଏଲ୍‌ର ଏକ ମ୍ୟାଚ୍ ଖେଳିପାରିନାହାନ୍ତି। ଶେଷଥର ପାଇଁ ରୋହିତ୍ ୨୦୦୮ରେ ଡେକାନ ଚାର୍ଜସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ଖେଳି ନ ଥିଲେ। ଏହାପରେ ରୋହିତ୍ ୨୦୧୧ରେ ମୁମ୍ବାଇ ଦଳରୁ ଖେଳିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଷ୍ଟାଇଲିସ ମୁମ୍ବାଇ ବ୍ୟାଟ୍ସମ୍ୟାନ ଆଇପିଏଲ୍‌ରେ ମୋଟ୍ ୧୬୫ ମ୍ୟାଚ୍ (ଡେକାନ ପକ୍ଷରୁ ୩୨ ଓ ମୁମ୍ବାଇ ପକ୍ଷରୁ ୧୩୩) ଖେଳିସାରିଛନ୍ତି। ତେବେ ପଞ୍ଜାବ ବିପକ୍ଷ ମୁକାବିଲାରୁ ବାଦ୍ ପଡ଼ିବା ପୂର୍ବରୁ ରୋହିତ୍ ମୁମ୍ବାଇ ଫ୍ରାଞ୍ଚାଇଜ୍ ପକ୍ଷରୁ ଲଗାତର ୧୩୩ ମ୍ୟାଚ୍ ଖେଳିସାରିଥିଲେ। ଆଇପିଏଲ୍‌ରେ ଗୋଟିଏ ଫ୍ରାଞ୍ଚାଇଜ ପକ୍ଷରୁ ସର୍ବାଧିକ ଲଗାତର ମ୍ୟାଚ୍ ଖେଳିବାର ରେକର୍ଡ ସୁରେଶ ରାଇନାଙ୍କ ନାମରେ ରହିଛି। ରାଇନା ଚେନ୍ନାଇ ପକ୍ଷରୁ ଲଗାତର ୧୩୪ ମ୍ୟାଚ୍ ଖେଳି ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ରୋହିତ୍‌ଙ୍କ ଅନୁପସ୍ଥିତିରେ କିରନ ପୋଲାର୍ଡ ପଞ୍ଜାବ ବିପକ୍ଷରେ ମ୍ୟାଚ୍‌ରେ ମୁମ୍ବାଇର ନେତୃତ୍ୱ ନେଇଥିଲେ। ଫଳରେ ୨୦୧୩ ପରେ ପ୍ରଥମଥର ଲାଗି ରୋହିତ୍‌ଙ୍କ ସ୍ଥାନରେ ଆଉ ଜଣେ ଖେଳାଳିଙ୍କୁ ମୁମ୍ବାଇ ଦଳର ଅଧିନାୟକ ଦାୟିତ୍ୱ ନେଇଥିଲେ। ୨୦୧୩ରେ ରିକି ପଣ୍ଟିଂଙ୍କ ପରେ ରୋହିତ୍ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇ ଆସୁଛନ୍ତି।



ସୁରେଶ ରାଇନା

# ଏଆଇଟିଏ–ଏସ୍‌ଟିଏଫ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

ନୂଆଦିଲ୍ଲୀ,୧୧।୪(ପିଟି)

ସର୍ବଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ଓ ସର୍ବିଆ ଟେନିସ ଫେଡେରେଶନ (ଏସ୍‌ଟିଏଫ୍) ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ଦେଶର ଜୁନିୟର ଟେନିସ ଖେଳାଳିଙ୍କୁ ବିଶ୍ୱ ସ୍ତରୀୟ ସର୍ବିଆନ କୋଚ୍‌ମାନେ ପ୍ରଶିକ୍ଷଣ ଦେବେ। ଏଆଇଟିଏ ସାଧାରଣ ସମ୍ପାଦକ ହିରୋନମୟ ଚାଟାର୍ଜୀ ଓ ଏସ୍‌ଟିଏଫ୍ ସିଇଓ ଡୁସାନ ଓର୍ଲାଣ୍ଡିକଙ୍କ ମଧ୍ୟରେ ବୁଧବାର ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ଭାରତୀୟ ଜୁନିୟର ଟେନିସ ଖେଳାଳିଙ୍କ ଉନ୍ନତି ଦିଗରେ ଉଭୟ ଫେଡେରେଶନ କାର୍ଯ୍ୟ କରିବ। ସର୍ବିଆର କୋଚ ଓ ଟ୍ରେନର ଭାରତ ଆସି ଗୋଟିଏ କିମ୍ବା ୨ ସପ୍ତାହ ଧରି ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଏହି ଶିବିରରେ ୧୨, ୧୪, ୧୬ ଓ ୧୮ ବର୍ଷରୁ କମ୍ ଖେଳାଳିମାନେ ଅଂଶଗ୍ରହଣ କରିବେ। ଏହାବାଦ୍ ଉଭୟ ଫେଡେରେଶନ ଟେନିସ ଅଫିସିଆଲ, କୋଚ ଓ ଟ୍ରେନରଙ୍କ ଶିକ୍ଷା ସମ୍ପର୍କରେ ମଧ୍ୟ କାର୍ଯ୍ୟ କରିବାକୁ ଏକମତ ହୋଇଛନ୍ତି।

# ଘରୋଇ ପରିବେଶ ଆମକୁ ସୁହାଇବ

ଜ୍ୟାକ କାଲିସ୍

ଚଳିତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ଆନ୍ଦ୍ରେ ରସେଲଙ୍କ ବ୍ୟାଟିଂ ଚମତ୍କାର ହୋଇପାରିଛି ଓ ସେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସ୍ଥିର ପ୍ରଦର୍ଶନ କରିଛନ୍ତି। କେବଳ ବ୍ୟାଟ ବୁଲାଇ ସେ ରନ୍ ସଂଗ୍ରହ କରିନାହାନ୍ତି। ସେ ଟି୨୦ ଫର୍ମାଟକୁ ବୁଝିଛନ୍ତି ଓ ଏଥିପାଇଁ ତାଙ୍କଠାରେ ଉଚ୍ଚକୋଟୀର ଟେକ୍‌ନିକ ରହିଛି। ବୋଲରମାନେ ତାଙ୍କୁ ଅଟକାଇବା ପାଇଁ କେଉଁଠାରେ ବଲ ପକାଇବେ ସେ ନେଇ କାର୍ଯ୍ୟ କରିବା ଦରକାର। କାରଣ ସେ ଅବିଶ୍ୱସନୀୟ ଶଟ୍ ଖେଳି ସବୁ ବଲ୍‌କୁ ଛକା କିମ୍ବା ଚୌକା ପାଇଁ ପ୍ରହାର କରିଥାନ୍ତି।

ଗତ ଦୁଇ ସପ୍ତାହ ମଧ୍ୟରେ ବାହାର ଗ୍ରାଉଣ୍ଡରେ ଆମେ ଦୁଇଟି କଷ୍ଟସାଧ୍ୟ ବିଜୟ ହାସଲ କରିଛୁ। ଆମେ ମଧ୍ୟ ଉଚ୍ଚକୋଟୀର କ୍ରିକେଟ ଖେଳିଛୁ ଓ ଠିକଣା ସମୟରେ ଉଚିତ୍ ନିଷ୍ପତ୍ତି ନେବାରେ ସଫଳ ହୋଇଛୁ। ଏହି ବିଜୟଗୁଡ଼ିକରେ ରସେଲଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେବେ ଦଳଗତ ପ୍ରଦର୍ଶନ ଯୋଗୁ ଆମେ ବିଜୟୀ ହୋଇଛୁ ବୋଲି ପ୍ରଥମ ବ୍ୟକ୍ତି ଭାବେ ସେ କହିଛନ୍ତି। ଗତ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଆମେ ସେତେଟା ଭଲ ପ୍ରଦର୍ଶନ କରି ନ ଥିଲୁ। ଗତ କେତେବର୍ଷ ହେବ ଚେନ୍ନାଇ ଜବରଦସ୍ତ ପ୍ରଦର୍ଶନ କରିଆସୁଛି। ଚେନ୍ନାଇ ଦଳ ବେଶ୍ ସନ୍ତୁଳିତ। ଏହି ଦଳରେ କେତେକ ଜଣାଶୁଣା ଖେଳାଳି ରହିଆସିଛନ୍ତି। ଚେନ୍ନାଇ ଓ କୋଲକାତା ଦଳ ମଧ୍ୟରେ ବହୁ ସମାନତା ରହିଛି। ସବୁଠାରୁ ବଡ଼ କଥା ହେଉଛି ଇଡେନ ଗାର୍ଡେନର ଘରୋଇ ପରିବେଶରେ ଆମେ କୋଡ଼ିଏଟି ମ୍ୟାଚ୍ ଖେଳିବାକୁ ଯାଉଛୁ। ଇଡେନ ଗାର୍ଡେନରେ ଅନ୍ୟ ଦଳଗୁଡ଼ିକ ବିଜୟୀ ହେବା କଷ୍ଟକର ହେବ। ଏଠାରେ ଘରୋଇ ଦର୍ଶକ ଆମ ପାଇଁ ଅତିରିକ୍ତ ଫିଲ୍ଡର ଭାବେ କାର୍ଯ୍ୟ କରୁଛନ୍ତି। ଆଗାମୀ ଦୁଇଟି ମ୍ୟାଚ୍ ପରେ ଆମେ ଲମ୍ବା ବିଶ୍ରାମ ମଧ୍ୟ ପାଇବୁ। ଏହା ଦଳ ପାଇଁ ବେଶ୍ ସହାୟକ ହେବ। ଯଦି ସବୁକିଛି ଠିକ୍‌ଠାକ ଚାଲେ ତେବେ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ଆମେ ଶ୍ରେଷ୍ଠ ଦୁଇଟି ସ୍ଥାନକୁ ଉଠିପାରିବୁ। ଦଳରେ କେତୋଟି ଇଞ୍ଜୁରି ସମସ୍ୟା ରହିଛି। ଅବଶ୍ୟ ଏହାକୁ ଆମେ ସମ୍ଭାଳିବାରେ ସକ୍ଷମ ହେବୁ। ଟୁର୍ଣ୍ଣାମେଣ୍ଟର ଏହି ପର୍ଯ୍ୟାୟରେ କୌଣସି ଦଳ ହାରିବାକୁ ଚାହିଁବେ ନାହିଁ। ତେବେ ଆମେ ଆଗକୁ ଭଲ ପ୍ରଦର୍ଶନ କରିବୁ।

(ଗେମ୍ ପ୍ଲାନ/ ଟିଭାକ ସ୍ପୋର୍ଟ୍ସ)




# ସିନ୍ଧୁ, ସାଇନା, ଶ୍ରୀକାନ୍ତ କ୍ୱାର୍ଟରରେ

## ସିଙ୍ଗାପୁର ଓପନ୍

ସିଙ୍ଗାପୁର, ୧୧।୪ (ପି.ଟି.)

ଭାରତର ୩ ପ୍ରମୁଖ ଖେଳାଳି ପି. ଭି. ସିନ୍ଧୁ, ସାଇନା ନେହ୍ୱାଲ ଓ କିଡାମ୍ବି ଶ୍ରୀକାନ୍ତ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ ଏଠାରେ ଚାଲିଥିବା ୩୫୫,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରିଓ ଗେମ୍ସ ରୌପ୍ୟ ବିଜୟିନୀ ଚତୁର୍ଥ ସିଡ୍ ସିନ୍ଧୁ ତାଙ୍କ ମ୍ୟାଚ ଜିତିବାକୁ ମାତ୍ର ୩୯ ମିନିଟ୍ ସମୟ ନେଇଥିଲେ। ସେ ବିଶ୍ୱର ୨୨ ନମ୍ବର ଖେଳାଳି ମିଆ ବ୍ଲିଚ୍ ଫେଲ୍‌ଡିଟ୍‌ଙ୍କୁ ୨୧–୧୩, ୨୧–୧୯ରେ ହରାଇ ଦେଇଛନ୍ତି। ଡେନମାର୍କର ଏହି ଖେଳାଳିଙ୍କ ବିପକ୍ଷରେ ତାଙ୍କର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ବିଶ୍ୱର ୬ ନମ୍ବର ଖେଳାଳି ପରବର୍ତ୍ତୀ ରାଉଣ୍ଡରେ ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଚାଇନାର କାଇ ୟାନ୍ ୟାନ୍‌ଙ୍କ ସହିତ ମୁକାବିଲା କରିବେ। ୬ଷ୍ଠ ସିଡ୍ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସରେ ଡେନମାର୍କର ହାନ୍ସ–କ୍ରିଷ୍ଟିଆନ ସୋଲ୍‌ବର୍ଗ ଭିଟିଙ୍ଗସଙ୍କୁ ୨୧–୧୨, ୨୩–୨୧ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ ଜାପାନର କେଣ୍ଟୋ ମୋମୋଟା ଏବଂ ଭାରତର ଏଚ.ଏସ. ପ୍ରଣୟଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ୬ଷ୍ଠ ସିଡ୍ ସାଇନା କିନ୍ତୁ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କୁ ୨୧–୧୬, ୧୮–୨୧, ୨୧–୧୯ରେ ପରାସ୍ତ କରିଛନ୍ତି। ଏଥିସହିତ ଏହି ଖେଳାଳିଙ୍କଠାରୁ ସେ ମାଲେସିଆ ଓପନ୍ ପ୍ରଥମ ରାଉଣ୍ଡ ପରାଜୟର ପ୍ରତିଶୋଧ ନେଇପାରିଛନ୍ତି।



ପି.ଭି. ସିନ୍ଧୁ

ଅନ୍ୟପକ୍ଷରେ ପାରୁପଲ୍ଲୀ କାଶ୍ୟପ ଅଲିମ୍ପିକ ଚାମ୍ପିୟନ ତଥା ଚାଇନାର ଚେନ୍ ଲଙ୍ଗ୍‌ଙ୍କଠାରୁ ୯–୨୧, ୨୧–୧୫, ୧୬–୨୧ ଗେମ୍‌ରେ ହାରିଯାଇଛନ୍ତି। ସମୀର ବର୍ମା ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ ଚାଇନାର ଲୁ ଗୁଆଙ୍ଗଝୁଙ୍କୁ ୨୧–୧୫, ୨୧–୧୮ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଦ୍ୱିତୀୟ ସିଡ୍ ଚାଇପେ ଖେଳାଳି ଚୋଉ ଟିନ୍ ଚେନ୍ କିମ୍ବା ଡେନମାର୍କର ଜାନ୍ ଓ' ଜର୍ଗେନସେନ୍‌ଙ୍କ ସହିତ ମୁକାବିଲା କରିବେ। ପ୍ରଣବ ଜେରୀ ଓ ଏନ. ସିକ୍କି ରେଡ୍ଡୀ ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ବିଶ୍ୱର ୧୧ ନମ୍ବର ହଂକଂ ଯୋଡ଼ି ଟଙ୍ଗ ଚୁନ୍ ମନ୍ ଏବଂ ଟିସେ ୟିଙ୍ଗ୍ ସୁଏତ୍‌ଙ୍କୁ ୨୧–୧୭, ୬–୨୧, ୨୧–୧୯ରେ ପରାସ୍ତ କରିଛନ୍ତି।



'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଡ଼ା. ସୁବାସ ଚନ୍ଦ୍ର ରଥ
ଆବିର୍ଭାବ : ତା ୧୧.୦୯.୧୯୪୮ ତିରୋଧାନ : ତା ୦୨.୦୪.୨୦୧୯
ରଥ ପରିବାର, ଡ୍ରିମ୍ସ ପରିବାର, ଶ୍ରୀ ଦୁର୍ଗା କନ୍‌ଡେଭ୍ ପ୍ରା.ଲିଃ. ପରିବାର ଓ
ମା' ଶକ୍ତି ହସ୍‌ପିଟାଲ ପରିବାର ସଦସ୍ୟବୃନ୍ଦ ।
କଏରାପାରୀ, ଟାଙ୍ଗୀ, କଟକ
୧୯୪୮-୨୦୧୯

କାର୍ଯ୍ୟସୂଚୀ :
ଏକାଦଶାହ୍‌କର୍ମ
ତା ୧୨.୦୪.୨୦୧୯ (ଶୁକ୍ରବାର)
ଡ଼ା. ସୁବାସ ଚନ୍ଦ୍ର ରଥଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ଅପରାହ୍ନ ୫.୦୦ ଘଟିକା :
ସ୍ଥାନ : ଜୟଶ୍ରୀ ଅଡ଼ିଟୋରିୟମ୍, ଡ୍ରିମ୍ସ ପରିସର, ଟାଙ୍ଗୀ, କଟକ
ଦ୍ୱାଦଶାହ୍‌କର୍ମ
ତା ୧୩.୦୪.୨୦୧୯ (ଶନିବାର)
ଗୀତାପାରାୟଣ ଓ ସଂକୀର୍ତ୍ତନ : ପୂର୍ବାହ୍ନ ୯ ଘଟିକା
ସ୍ଥାନ : କଏରାପାରୀ ବାସଭବନ, ଟାଙ୍ଗୀ, କଟକ
ତା ୧୫.୦୪.୨୦୧୯ (ସୋମବାର)
ସ୍ମୃତିସଭା : ସନ୍ଧ୍ୟା ୭ ଘଟିକା
Venue : Crystal Courtyard
Kanan Vihar, Chandrasekharpur, Bhubaneswar


# କଳିଙ୍ଗ ଷ୍ଟାଡିୟମ ବ୍ୟବହାର ପାଇଁ ମିନର୍ଭାକୁ ଅନୁମତି

## ଏଏଫସି କପ୍ ଫୁଟ୍‌ବଲ ମେ'୧ ମ୍ୟାଚ

ନୂଆଦିଲ୍ଲୀ, ୧୧।୪(ପି.ଟି.)

ଦେଶର ଅନ୍ୟତମ ପ୍ରତିଷ୍ଠିତ ଫୁଟବଲ କ୍ଲବ ମିନର୍ଭା ପଞ୍ଜାବକୁ ଆଶ୍ୱସ୍ତି ମିଳିଛି। ମେ ୧ରେ ହେବାକୁଥିବା ଏଏଫ୍‌ସି କପ୍ ମ୍ୟାଚ ଆୟୋଜନ ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡଭାବେ ବ୍ୟବହାର ଲାଗି ଅନୁମତି ମିଳିଛି। ତେଣୁ କ୍ଲବ ବନ୍ଦ କରିଦେବା ଯୋଜନାରୁ ମିନର୍ଭା ଓହରିଛି।

ପ୍ରକାଶଯୋଗ୍ୟ ଯେ, ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ଜିଦ୍ ଯୋଗୁ ଓଡ଼ିଶା ସରକାର ନେପାଳର ମନଙ୍ଗ ମାରସ୍ୟାଙ୍ଗଡି କ୍ଲବ ବିପକ୍ଷ ଗ୍ରୁପ 'ଇ' ମ୍ୟାଚ ଆୟୋଜନ ପାଇଁ ଅନୁମତି ଦେବାରୁ ଓହରି ଯାଇଛନ୍ତି ବୋଲି ମିନର୍ଭା ଅଭିଯୋଗ କରିଥିଲା। କ୍ଲବ ମାଲିକ ରଣଜିତ ବଜାଜ ଏ ସମ୍ପର୍କରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ମିନର୍ଭା କେବଳ ମେ'୧ ମ୍ୟାଚ ପାଇଁ କଳିଙ୍ଗ ଷ୍ଟାଡିୟମକୁ ବ୍ୟବହାର କରିପାରିବ ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି। ବଜାଜ ଗୁରୁବାର ଏହା ପ୍ରକାଶ କରିଛନ୍ତି। "ମୁଁ ଅତ୍ୟନ୍ତ ଖୁସି, ମ୍ୟାଚ ଆୟୋଜନ ପାଇଁ ଅନୁମତି ଦେଇଥିବାରୁ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ା ସଚିବ ଓ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି" ବୋଲି ବଜାଜ କହିଛନ୍ତି। ଜୁନ ୧୯ ଓ ୨୬ରେ ଆମର ଆଉ ୨ଟି ମ୍ୟାଚ ଅଛି। ତେବେ ଏହି ୨ ମ୍ୟାଚ ପାଇଁ ଆମେ କଳିଙ୍ଗ ଷ୍ଟାଡିୟମକୁ ବ୍ୟବହାର କରିପାରିବୁ ନାହିଁ। ତେଣୁ ପରବର୍ତ୍ତୀ ୨ଟି ମ୍ୟାଚ ପାଇଁ ଆମେ ଅନ୍ୟ ଷ୍ଟାଡିୟମ ପାଇବାକୁ ଚେଷ୍ଟା କରିବୁ। ୨ ମାସରୁ ଊର୍ଦ୍ଧ୍ୱ ସମୟ ହାତରେ ଥିବାରୁ ଭେନ୍ୟୁ ପାଇବାନେଇ ଆମେ ଆଶାବାଦୀ ବୋଲି ବଜାଜ ପ୍ରକାଶ କରିଛନ୍ତି। କେତେକ ଭେନ୍ୟୁ ଆମ ମନରେ ରହିଛି। ଆସାମର ଗୁଆହାଟୀ ଓ ଗୋଆର ଫତୋର୍ଦାକୁ ଭେନ୍ୟୁ କରାଯିବା ଆଶା ରହିଛି। ଏ ଷ୍ଟାଡିୟମଗୁଡ଼ିକ ଏଏଫସି ଅନୁମୋଦନ ଲାଭ କରିଛି। ତେଣୁ ଆମେ ଗୁଆହାଟୀ, ଗୋଆ ଏବଂ ଅନ୍ୟମାନଙ୍କୁ ମଧ୍ୟ ଅନୁରୋଧ କରିବୁ। ଷ୍ଟାଡିୟମ ବ୍ୟବହାର ପାଇଁ ଫି' ମଧ୍ୟ ଅନ୍ୟତମ ପ୍ରସଙ୍ଗ ରହିବ ବୋଲି ସେ କହିଛନ୍ତି। ମିନର୍ଭାର ଅନ୍ୟ ୨ଟି ହୋମ୍ ଗେମ୍ ଚେନ୍ନାଇନ୍ ଏଫସି(ଜୁନ୍ ୧୯) ଓ ବାଂଲାଦେଶର ଆବାହନୀ ଲିମିଟେଡ ଢାକା(ଜୁନ ୨୬) ବିପକ୍ଷରେ ରହିଛି।

କ୍ଲବ ବନ୍ଦ କରିଦେବା ପାଇଁ ଚିନ୍ତା କରୁଥିବା ସମ୍ପର୍କରେ ବଜାଜ କହିଲେ ଯେ, "ମେ ୧ ମ୍ୟାଚ ପାଇଁ ଭେନ୍ୟୁ ନ ମିଳିଲେ ଆମେ ଏ ସମ୍ପର୍କରେ ଚିନ୍ତା କରିବୁ ବୋଲି କହିଥିଲି। ଆମେ ଏହି ମ୍ୟାଚ ଆୟୋଜନ ପାଇଁ ଭେନ୍ୟୁ ନ ପାଇଥିଲେ ଏଏଫ୍‌ସି ପକ୍ଷରୁ ଆମ କ୍ଲବକୁ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ବାସନ୍ଦ କରାଯାଇଥାନ୍ତା। ଏହା ସହିତ ମ୍ୟାଚ ପିଛା ୫୦,୦୦୦ ଆମେରିକୀୟ ଡଲାର ଜରିମାନା ମଧ୍ୟ ଆମ ଉପରେ ଲଗାଯାଇଥାନ୍ତା। ଏହା ଅର୍ଥ ୬ ଗ୍ରୁପ ମ୍ୟାଚ ପାଇଁ ୩ ଲକ୍ଷ ଆମେରିକୀୟ ଡଲାର ଜରିମାନା କରାଯିବା ସହ ଆମ ବିପକ୍ଷରେ ୦-୩ରେ ମ୍ୟାଚ ଫଳାଫଳ ମଧ୍ୟ ଲାଗୁ କରାଯାଇଥାନ୍ତା। ବାସନ୍ଦ ଅବଧି ଏବଂ ବଡ଼ଧରଣର ଜରିମାନାକୁ ଦୃଷ୍ଟିରେ ରଖି ଆମେ ଏପରି ନିଷ୍ପତ୍ତି ନେବାକୁ ଯାଉଥିଲୁ" ବୋଲି ବଜାଜ କହିଛନ୍ତି। କ୍ଲବ ବନ୍ଦ କରିବା ବ୍ୟତୀତ ଆମ ନିକଟରେ ଆଉ କୌଣସି ଚାରା ନ ଥିଲା। ମାତ୍ର ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଏବେ ଆମେ ମେ ୧ ମ୍ୟାଚ ଉପରେ ଫୋକସ କରିବୁ ବୋଲି ସେ ପ୍ରକାଶ କରିଛନ୍ତି।

ଲୋରେଟ୍ କପ୍ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟ

# ଭାରତୀୟ ଦଳରେ ଆର୍ଯ୍ୟନ



ଭୁବନେଶ୍ୱର, ୧୧।୪(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ପେନ୍‌ରେ ଆସନ୍ତା ୧୩ରୁ ୧୮ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଲୋରେଟ୍ କପ୍ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟରେ ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ୍ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ହ୍ୟାଣ୍ଡବଲ୍‌ରେ ସେ ପ୍ରଥମ ଓଡ଼ିଆ ଖେଳାଳି ଭାବେ ଦେଶ ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଛନ୍ତି। ସେ ୧୬ ବର୍ଷରୁ କମ୍ ଦଳରେ ଖେଳିବାକୁ ଚୟନ ହୋଇଛନ୍ତି ବୋଲି ହ୍ୟାଣ୍ଡବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ସମ୍ପାଦକ ଆନନ୍ଦେଶ୍ୱର ପାଣ୍ଡେ ସୂଚନା ଦେଇଛନ୍ତି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଭାରତୀୟ ଦଳ ଗୁରୁବାର ଦିଲ୍ଲୀରୁ ସ୍ପେନ୍ ଯାତ୍ରା କରିଛି। ଆର୍ଯ୍ୟନ୍ ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗାରେ ଦଶମ ଶ୍ରେଣୀରେ ପଢ଼ୁଛନ୍ତି। ୨୦୧୮ ଜୁଲାଇ ୨୬ରୁ ୩୧ ତାରିଖ ମଧ୍ୟରେ ଲଣ୍ଡନରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଜୁନିୟର ହ୍ୟାଣ୍ଡବଲ୍ କପ୍ ଚାମ୍ପିୟନଶିପ୍‌ରେ ଆର୍ଯ୍ୟନ୍ ଭାରତୀୟ ଦଳ ତରଫରୁ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ।

# ଦୁଇ ନୂଆ ଦଳ ମଧ୍ୟରେ ଲଢ଼େଇ

## ସୁପର କପ୍ ଫୁଟବଲ ଫାଇନାଲ

ଭୁବନେଶ୍ୱର, ୧୧।୪(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଯୋଗିତାର ଫାଇନାଲ ଶନିବାର ଏଫସି ଗୋଆ ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଏଫ୍‌ସି ଗୋଆ ୩-୦ ଗୋଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଚେନ୍ନାଇନ୍ ୨-୦ ଗୋଲରେ ଆଟଲେଟିକୋ ଡି କୋଲକାତା (ଏଟିକେ)କୁ ପରାସ୍ତ କରିଛି। ଗତବର୍ଷ ପ୍ରଥମ ସଂସ୍କରଣର ଚାମ୍ପିୟନ ବେଙ୍ଗାଲୁରୁ ଏଫସି କ୍ୱାର୍ଟର ଫାଇନାଲରୁ ବିଦାୟ ନେଇସାରିଥିବାରୁ ଏବଂ ରନର୍ସଅପ୍ ଇଷ୍ଟବେଙ୍ଗଲ ଓହରି ଯାଇଥିବାରୁ ଏଥର ଦୁଇ ନୂଆ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହେବାକୁ ଯାଉଛି।

ଗତ ଇଣ୍ଡିଆନ ସୁପର ଲିଗ୍(ଆଇଏସଲ)ର ଫାଇନାଲରେ ଗୋଆ ପ୍ରବେଶ କରିଥିଲା। ମାତ୍ର ବେଙ୍ଗାଲୁରୁ ଏଫସି ନିକଟରୁ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ତେଣୁ ଚଳିତ ସିଜନରେ ଏକ ଟ୍ରଫି ହାସଲ ପାଇଁ ଏହି ଦଳର ଖେଳାଳିମାନେ ବ୍ୟଗ୍ର। ଦଳର ଅନ୍ୟତମ ପ୍ରଭାବଶାଳୀ ଖେଳାଳି ଅହମ୍ମଦ ଜାହୋଉଙ୍କ ବିନା ଗୋଆ ଏହି ଟୁର୍ନାମେଣ୍ଟ ଖେଳୁଛି। ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଗୋଆ ଚମତ୍କାର ଫର୍ମ ଜାରି ରଖି ସୁପର କପ୍‌ର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫ୍‌ସି ନିକଟରୁ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ଶେଷରେ ଦଳ ୪-୩ ଗୋଲରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ସେମିଫାଇନାଲରେ ଦଳ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇବାପରେ ଖେଳାଳିଙ୍କ ମନୋବଳ କାହିଁ କେତେ ଉପରେ ପହଞ୍ଚିଛି। ଗୋଆର ଫେରେନ କୋରୋମିନାସ ଡବଲ ଗୋଲ ଦେଇ ମ୍ୟାଚକୁ ଏକ ପାଖିଆ କରି ଦେଇଥିଲେ। ବ୍ରେଣ୍ଡନ ଫର୍ନାଣ୍ଡିଜ ଗୋଟିଏ ଗୋଲ ଦେବାରୁ ଗୋଆ ୩-୦ ଗୋଲରେ ଚେନ୍ନାଇ ସିଟି ଏଫସିକୁ ପରାସ୍ତ କରିଥିଲା।

ଅନ୍ୟପକ୍ଷରେ ଗତ ଆଇଏସଏଲରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଚେନ୍ନାଇନ୍ ଦଳଗତଭାବେ ଏପର୍ଯ୍ୟନ୍ତ ସୁପର କପ୍‌ରେ ଚମତ୍କାର ଖେଳିଛି। ଫାଇନାଲ ପଥରେ ଏହି ଦଳ ମୁମ୍ବାଇ ସିଟି ଏଫସି, ନର୍ଥଇଷ୍ଟ ୟୁନାଇଟେଡ ଓ ଏଟିକେକୁ ପରାସ୍ତ କରିଛି। ସବୁଠାରୁ ବଡ଼ କଥା ହେଲା ଦଳ ଏପର୍ଯ୍ୟନ୍ତ ମାତ୍ର ଗୋଟିଏ ଗୋଲ ବରଣ କରିଛି। ମିଡ୍‌ଫିଲ୍ଡକୁ ଧନପାଲ ଗଣେଶଙ୍କ ପ୍ରତ୍ୟାବର୍ତ୍ତନ ଏବଂ ଅନିରୁଦ୍ଧ ଥାପା ଫର୍ମକୁ ଫେରିବା ଚେନ୍ନାଇନ୍‌କୁ ବେଶ୍ ସୁହାଇଛି। ମାଲିସନ ଆଲସେଙ୍କ ନେତୃତ୍ୱାଧୀନ ରକ୍ଷଣଭାଗ ଏବଂ ଗୋଲପୋଷ୍ଟରେ କରନଜିତ ସିଂଙ୍କ ଚମତ୍କାର ସେଭ୍ ଦଳକୁ ଅଗ୍ରଣୀ ସିଟ୍‌ରେ ବସାଇଛି। ଏଟିକେ ବିପକ୍ଷରେ ଥାପାଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ଜେଜେ ଲାଲପେଖଲୁଆ ଓ ସି.କେ. ଭିନିଥ ଏପର୍ଯ୍ୟନ୍ତ ମାତ୍ର ୩ଟି ଗୋଲ ଦେଇପାରିଛନ୍ତି। ତାଙ୍କ ନିକଟରୁ ଗ୍ରେଗୋରି ଅଧିକ କିଛି ଆଶା କରୁଛନ୍ତି।



ଏଟିକେ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ଚେନ୍ନାଇନ୍ ଏଫ୍‌ସି ଦଳର ଖେଳାଳିମାନେ।



ମାଲେସିଆ ବିପକ୍ଷ ହକି ସିରିଜର ଗୁରୁବାର ମ୍ୟାଚରେ ବଲ ନେଇ ଆଗେଇ ଯାଉଛନ୍ତି ଭାରତର ନଭଜୋତ କୌର।

# ମାଲେସିଆ ବିପକ୍ଷରେ ଭାରତ ଅପରାଜେୟ

## ମହିଳା ହକି ସିରିଜ

କୁଆଲାଲମ୍ପୁର(ମାଲେସିଆ), ୧୧।୪

ଭାରତୀୟ ମହିଳା ହକି ଦଳ ଗୁରୁବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ମ୍ୟାଚରେ ମାଲେସିଆକୁ ୧-୦ ଗୋଲରେ ପରାସ୍ତ କରିଛି। ମ୍ୟାଚର ୩୫ତମ ମିନିଟରେ ନଭଜୋତ କୌର ଭାରତ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଏଥିସହ ଦ୍ୱିପାକ୍ଷିକ ସିରିଜକୁ ୪-୦ରେ ଜିତିଛି ଭାରତ। ପ୍ରଥମ ମ୍ୟାଚକୁ ୩-୦ ଓ ଦ୍ୱିତୀୟ ମ୍ୟାଚକୁ ୫-୦ରେ ଜିତିଥିବା ଭାରତ ତୃତୀୟ ମ୍ୟାଚକୁ ୪-୪ ଗୋଲରେ ଡ୍ର ରଖିଥିଲା। ୪ର୍ଥ ମ୍ୟାଚକୁ ୧-୦ ଓ ୫ମ ମ୍ୟାଚକୁ ୧-୦ରେ ଜିତି ଅପରାଜେୟ ରହିବା ସହ ଗସ୍ତ ଶେଷ କରିଛି ଭାରତୀୟ ଦଳ।

ସିରିଜର ପୂର୍ବ ମ୍ୟାଚଗୁଡ଼ିକ ଭଳି ଭାରତ ଅନ୍ତିମ ମ୍ୟାଚରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମାତ୍ର ଅନେକଥର ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲା। ବିଶେଷ କରି ପେନାଲ୍ଟି କର୍ନର କନଭର୍ସନ ଭାରତ ପାଇଁ ଏବେ ମଧ୍ୟ ଚିନ୍ତାର କାରଣ ରହିଛି। ଗୋଲ କନଭର୍ସନ ଉପରେ ଆମକୁ କାମ କରିବାକୁ ପଡ଼ିବ ବୋଲି ମ୍ୟାଚ ପରେ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି। "ଆମେ ଅନେକଥର ପ୍ରତିପକ୍ଷ ସର୍କଲରେ ପ୍ରବେଶ କରିଥିବାରୁ ମୁଁ ବହୁତ ଖୁସି। ଆମେ ଗୋଲ ସ୍କୋରିଂ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଥିଲୁ। ମାତ୍ର ଠିକ୍ ସମୟରେ ତାହାର ସଦୁପଯୋଗ କରିପାରି ନ ଥିଲୁ। ଏହାକୁ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ" ବୋଲି ମାରିଜନେ କହିଛନ୍ତି। ମାଲେସିଆ ପରି ଏକ ରକ୍ଷଣାତ୍ମକ ଦଳ ବିପକ୍ଷରେ କିପରି ଖେଳିବାକୁ ହୁଏ ତାହା ଏହି ସିରିଜରୁ ଶିକ୍ଷା ମିଳିଛି। ଆମର ଅନେକ ଯୁବ ଖେଳାଳି ଏହି ସିରିଜରେ ଅନ୍ତର୍ଜାତୀୟ ଅଭିଜ୍ଞତା ମଧ୍ୟ ପାଇଛନ୍ତି। ଏହା ଆମକୁ ଭବିଷ୍ୟତରେ ଦଳ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ମାରିଜନେ ପ୍ରକାଶ କରିଛନ୍ତି।

# ପ୍ରଥମ ଦିନିକିଆରେ ଜିମ୍ବାୱେର ସହଜ ବିଜୟ

ହରାରେ, ୧୧।୪

ଭ୍ରମଣକାରୀ ୟୁଏଇ ବିପକ୍ଷରେ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଜିମ୍ବାୱେ ସହଜ ବିଜୟ ହାସଲ କରିଛି। ୟୁଏଇ ପକ୍ଷରୁ ଧାର୍ଯ୍ୟ ୧୧୧ ରନର ଛୋଟିଆ ଲକ୍ଷ୍ୟକୁ ଘରୋଇ ଜିମ୍ବାୱେ ୩ ଉଇକେଟ୍ ହରାଇ ହାସଲ କରିନେଇଥିଲା। ବିଜୟ ସହ ଜିମ୍ବାୱେ ୪ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ପ୍ରତିପକ୍ଷ ବୋଲରଙ୍କୁ ସାମ୍ନା କରି ନ ପାରି ନିୟମିତ ବ୍ୟବଧାନରେ ଉଇକେଟ୍ ହରାଇଥିଲା। ମଧ୍ୟକ୍ରମରେ ମହମ୍ମଦ ବୁଟା (୩୬ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ଫଳରେ ୟୁଏଇ ୪୪.୫ ଓଭରରେ ୧୧୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜିମ୍ବାୱେ ପକ୍ଷରୁ ୩ ଡାହାଣହାତୀ ଦ୍ରୁତ ବୋଲର ଟେଣ୍ଡାଇ ଚତରା (୧୦-୨-୨୫-୩), କାଏଲ ଜାର୍ଭିସ (୭.୫-୨-୧୧-୨) ଓ ଡୋନାଲ୍ଡ ତ୍ରିପାନୋ (୮-୩-୧୮-୨) ଚମତ୍କାର ବୋଲିଂ କରିଥିଲେ। ଅଫ୍‌ସ୍ପିନର ସିକନ୍ଦର ରାଜା ମଧ୍ୟ ନିଜ ୧୦ ଓଭର ସ୍ପେଲରେ ୨୧ ରନ ଦେଇ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବରେ ଛୋଟିଆ ଟାର୍ଗେଟ୍‌କୁ ପିଛା କରିଥିବା ଜିମ୍ବାୱେ ୨୩.୧ ଓଭରରେ ୩ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ କ୍ରେଗ୍ ଏର୍ଭିନ ୫୧, ଉଇକେଟ୍‌କିପର ରେଗିସ ଚକାବଭା ୩୮ ଓ ସୋଲୋମନ ମିର୍ ୧୧ ରନ କରି ଆଉଟ୍ ହୋଇଥିଲେ। ସିନ୍ ୱିଲିୟମ ୫ ଓ ଟିମିସେନ ମାରୁମା ୪ ରନରେ ଅପରାଜିତ ରହିଥିଲେ। ପ୍ରଭାବୀ ବୋଲିଂ ଲାଗି ଚତରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ସୋସିଆଲ ମିଡିଆର ଗୁରୁତ୍ୱ

ଗୌତମ ଗମ୍ଭୀର

ଏବେ ସୋସିଆଲ ମିଡିଆର ଜମାନା। କାରଣ ଏଥିରେ ବର୍ତ୍ତମାନ କେତେକ ଚର୍ଚ୍ଚିତ ଘଟଣା ଦେଖିବାକୁ ମିଳିଛି। ଖାସ୍ କରି ଇନ୍‌ଷ୍ଟାଗ୍ରାମରେ। ରୋହିତ ଶର୍ମାଙ୍କ ୩ ମାସର ଝିଅ ସାମିରାକୁ କେହି ଜଣେ ସ୍ପାନିସ୍ ଭାଷାରେ କିଛି କହୁଥିବାର ଇନ୍‌ଷ୍ଟାଗ୍ରାମ୍‌ରେ ଦେଖିବାକୁ ମିଳିଥିଲା। ଅବଶ୍ୟ ଏହା ରୋହିତ୍‌ଙ୍କୁ ବେଶ୍ ଖୁସି କରିଥିବ। ଏହାପରେ ମହେନ୍ଦ୍ର ସିଂ ଧୋନୀଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡଲ୍‌ରେ ଆଉ ଏକ ମଜାଦାର କଥା ଦେଖିବାକୁ ମିଳିଛି। ଧୋନୀ ବିମାନବନ୍ଦରର ସର୍ବସାଧାରଣ ସ୍ଥାନରେ ତଳେ ଶୋଇଥିବା ଦେଖିବାକୁ ମିଳିଛି। ଜଣେ ପୂର୍ବତନ ଭାରତୀୟ ଅଧିନାୟକ ତଳେ ଏପରି ଶୋଇରହିବା ଅନେକଙ୍କୁ ଚକିତ କରିଥିବ। ଏହାକୁ ଅବଶ୍ୟ ମୁଁ ପସନ୍ଦ କରୁଛି। ଖେଳାଳିମାନେ ଅଧିକରୁ ଅଧିକ ଲୋକପ୍ରିୟ ହେବାକୁ ଚାହୁଁଛନ୍ତି। ସେମାନେ ସେମାନଙ୍କର ପ୍ରଶଂସକଙ୍କ ସଂଖ୍ୟା ଆହୁରି ବଢାଇବାକୁ ଚାହୁଁଛନ୍ତି। କିଛି ବର୍ଷ ତଳେ ଏକ ଅସ୍ୱାଭାବିକ ଘଟଣା ମୁଁ ଅଙ୍ଗେ ନିଭାଇଥିଲି। ଜଣେ ଯୁବ ଖେଳାଳି ତାଙ୍କ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଟିମ୍ ଭିଡିଓରେ କାହିଁକି ସ୍ଥାନ ପାଇଲେନି ବୋଲି ଅଭିଯୋଗ କରିଥିଲେ। ଅପେକ୍ଷାକୃତ ଖରାପ ପ୍ରଦର୍ଶନ କରିଥିବା ଖେଳାଳିମାନେ ସ୍ଥାନ ପାଇଥିଲେ, ମୁଁ କାହିଁକି ନୁହଁ ବୋଲି ସେ ପ୍ରଶ୍ନ କରିଥିଲେ। ଏହା ମୋତେ ନିରାଶ କରିଥିଲା। ନିଜ ପ୍ରଦର୍ଶନ ଓ ସ୍ଥିରତାକୁ ନେଇ ଯୁବ ଖେଳାଳି ଜଣକ ପ୍ରୟାସ କରିବା ବଦଳରେ ଟିମ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡଲ୍‌ରେ କାହିଁକି ସ୍ଥାନ ପାଇଲେନି ବୋଲି ଚିନ୍ତିତ ଥିଲେ। କେବଳ ସେ ନୁହଁ, ଦୁଃଖର କଥା ଯେ ମାତ୍ର ଏକାଧିକ ଖେଳାଳିଙ୍କ ମନୋଭାବ ଏପରି ରହିଛି। ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ ଜାରି ରଖିଥିବା କେତେକ ଖେଳାଳି ମଧ୍ୟ ଏହି ପରି ଅନୁଭବ କରୁଛନ୍ତି। ସେଭଳି ଆଖିଦୃଶିଆ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚିତ ହେବା ଦ୍ୱାରା ଭଲ ବ୍ରାଣ୍ଡର ବିଜ୍ଞାପନ ମିଳିବାର ଯଥେଷ୍ଟ ସମ୍ଭାବନ ରହିଛି ଓ ପୁଣି ଏକ ଫ୍ୟାନ୍ ବେଶ୍ ସୃଷ୍ଟି ହେବା ସହ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିହେବ ବୋଲି କେତକେ ଭାବୁଛନ୍ତି। କ୍ରିକେଟରେ ଏବେ ସୋସିଆଲ ମିଡିଆର ଗୁରୁତ୍ୱ ବେଶ୍ ଦେଖିବାକୁ ମିଳୁଛି। ତେବେ ଏହା କେତେଦୂର ଠିକ୍ ତାହା କହିପାରିବିନି।

ଶୁକ୍ରବାର ଇଡେନ ଗାର୍ଡେନରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ସୋସିଆଲ ମିଡିଆ ଦୃଷ୍ଟିକୋଣରୁ ହୋଇଥିବା ମୁକାବିଲାରେ କୋଲକାତା ବିଜୟୀ ହେବ ବୋଲି କୁହାଯାଇପାରେ। ତେବେ ଇଡେନ ଗାର୍ଡେନରେ ଦିଲ୍ଲୀର ବୋଲିଂ ବେଶି ପ୍ରଭାବୀ ହେବ ବୋଲି ଭାବୁଛି। କାଗିସୋ ରାବାଡ଼ା ଇଡେନ୍‌ର ନୂଆ ପିଚ୍‌ରେ ଭଲ ବୋଲିଂ କରିବେ। ଟ୍ରେଣ୍ଟ ବୋଲ୍ଟ ମଧ୍ୟ ପଛରେ ପଡିବେ ନାହିଁ। ଏହି ମ୍ୟାଚରେ କେତୋଟି ମଜାଦାର ଶଟ୍ ଓ ମ୍ୟାଚ୍ ସରିବା ପରେ ବିଜୟ ଉତ୍ସବ ମନାଉଥିବାର ଭିଡିଓ ଦିଲ୍ଲୀ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଦେଖିବାକୁ ମୁଁ ବ୍ୟଗ୍ର ହୋଇ ରହିଛି। (ଗେମ୍ ପ୍ଲାନ୍)

SEAGRAM'S
ROYAL STAG
MEGA CRICKET · CRICKET GEAR

# ଭୁବନେଶ୍ୱରରେ ଏଆଇଏଫ୍‌ଏଫ୍ ଲିଗ୍ କମିଟି ବୈଠକ ଶନିବାର

ନୂଆଦିଲ୍ଲୀ, ୧୧।୪ (ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଲିଗ୍ କମିଟି ବୈଠକ ଶନିବାର ଭୁବନେଶ୍ୱରରେ ହେବ। ନିକଟରେ ହୋଇଥିବା ବୋନ୍ ଏଜ୍ ଡିଟରେମିନେଶନ ଟେଷ୍ଟରେ ବହୁ ସଂଖ୍ୟାରେ ଜୁନିୟର ଖେଳାଳି ବିଫଳ ହୋଇଛନ୍ତି, ଯାହାକି ଉଦ୍‌ବେଗଜନକ ବିଷୟ। ଏହି ସମସ୍ୟାର କିପରି ସମାଧାନ ହୋଇ ପାରିବ ସେ ନେଇ ବୈଠକରେ ଆଲୋଚନା ହେବ। ପୂର୍ବତନ ଆଇ-ଲିଗ୍ ଚାମ୍ପିୟନ ଆଇଜଲ ଏଫ୍‌ସି, ଶିଲଂ ଲାଜଂ ଏବଂ ନେରୋକା ଏଫ୍‌ସି ସମେତ ସମସ୍ତ ଉତ୍ତରପୂର୍ବ ଫୁଟ୍‌ବଲ କ୍ଲବଗୁଡ଼ିକର ବହୁ ସଂଖ୍ୟାରେ ଖେଳାଳି ଟି ଡବଲ୍ୟୁ ଥ୍ରି (ଟାନର ହ୍ୱାଇଟ୍ ହାଉସ୍ ଥ୍ରି) ବୋନ୍ ଏଜ୍ ଡିଟରେମିନେଶନ ଟେଷ୍ଟରେ ବିଫଳ ହେବାରୁ ଏଆଇଏଫ୍‌ଏଫ୍ ଏହି ଖେଳାଳିମାନଙ୍କୁ ତୁରନ୍ତ ୧୩ ବର୍ଷରୁ କମ୍ ଲିଗ୍‌ରେ ଅଂଶ ଗ୍ରହଣରୁ ବାରଣ କରିଛି। ପୂର୍ବତନ ଆଇ-ଲିଗ୍ ବିଜେତା ମିନର୍ଭା ପଞ୍ଜାବ ଏଫ୍‌ସିର ୧୩ ବର୍ଷରୁ କମ୍‌ଦଳର ଅଧିକାଂଶ ଖେଳାଳି ମଧ୍ୟ ଟେଷ୍ଟରେ ବିଫଳ ହୋଇଛନ୍ତି। ବୋନ୍ ଏଜ୍ ଡିଟରମିନେଶନ ଟେଷ୍ଟ ଦ୍ୱାରା ଶିଶୁର ଶାରୀରିକ ବୃଦ୍ଧି ଓ ବିକାଶ ସମ୍ପର୍କରେ ଆଗୁଆ ସୂଚନା ମିଳିଥାଏ।

ଭୁବନେଶ୍ୱରରେ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଚାଲିଛି। ଏହି ଅବସରରେ ଏଆଇଏଫ୍‌ଏଫ୍ ଲିଗ୍ କମିଟି ବୈଠକ ଡକାଯାଇଛି। ଟୁର୍ନାମେଣ୍ଟରେ ସେମାନଙ୍କ ମ୍ୟାଚ ଖେଳି ନ ଥିବା ଆଇ-ଲିଗ୍ ଦଳଗୁଡ଼ିକ ବିରୋଧରେ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ସୂଚନାଯୋଗ୍ୟ, ଆଇ-ଲିଗ୍ ଓ ଇଣ୍ଡିଆନ ସୁପର ଲିଗ୍‌ର ଶ୍ରେଷ୍ଠଦଳଗୁଡ଼ିକ ସୁପର ଲିଗ୍‌ରେ ଭାଗ ନେଇଥାନ୍ତି। କେତେକ ପ୍ରସଙ୍ଗ ନେଇ ଆକସ୍ମିକ ଭାବେ ୭ଟି କ୍ଲବ ସିଜନ ଶେଷ ଘରୋଇ ଟୁର୍ନାମେଣ୍ଟର ଓହରିଯାଇଥିଲେ। ଏଥିପାଇଁ ଏଆଇଏଫ୍‌ଏଫ୍‌କୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। କ୍ଲବଗୁଡ଼ିକ ହେଲେ ମୋହନ ବାଗାନ, ଇଷ୍ଟବେଙ୍ଗଲ, ଚର୍ଚ୍ଚିଲ ବ୍ରଦର୍ସ, ଆଇଜଲ ଏଫ୍‌ସି, ମିନର୍ଭା ଏଫ୍‌ସି ଏବଂ ନେରୋକା ଏଫ୍‌ସି। ସୁପର କପ୍ ଆଚରଣ ବିଧିର ଧାରା ୧୦.୪ ଅନୁସାରେ କ୍ଲବଗୁଡ଼ିକ କଠୋର ଦଣ୍ଡର ସମ୍ମୁଖୀନ ହୋଇପାରନ୍ତି। ଖବର ଅନୁସାରେ ମିନର୍ଭା ପଞ୍ଜାବ ଏଫ୍‌ସି ବିରୋଧରେ ଅଣାଯାଇଥିବା ମ୍ୟାଚ ଫିକ୍ସିଂ ଅଭିଯୋଗ ଆଲୋଚନାରେ ସ୍ଥାନ ପାଇବ।





## ସଂକ୍ଷେପରେ

### ବ୍ଲକ କଂଗ୍ରେସ ସଭାପତିଙ୍କ ଇସ୍ତଫା

ବଇଣ୍ଡା,୧୧।୪(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ କଂଗ୍ରେସ ସଭାପତି ଗୌରାଙ୍ଗ ଖୁଣ୍ଟିଆ ଗୁରୁବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ଜିଲା ସଭାପତିଙ୍କ ନିକଟକୁ ପଠାଇଛନ୍ତି। ଖୁଣ୍ଟିଆ କହିଛନ୍ତି, କିଛି ଦିନ ହେବ କଂଗ୍ରେସ ନେତାଙ୍କ ଆଚରଣରେ ସେ ଅସନ୍ତୁଷ୍ଟ ଥିଲେ। ତାଙ୍କୁ ପୂର୍ବତନ ଏମ୍‌ପି ତଥା ମନ୍ତ୍ରୀ ଅମର ପ୍ରଧାନ ବ୍ଲକ ସଭାପତି ଭାବେ ନିଯୁକ୍ତି କରାଇଥିଲେ। ହେଲେ ଚଳିତ ନିର୍ବାଚନରେ ତାଙ୍କୁ ଦଳ ପକ୍ଷରୁ ଟିକେଟ୍ ଦିଆଯାଇ ନ ଥିବା ଯୋଗୁ ସେ ଅସନ୍ତୋଷ ବ୍ୟକ୍ତ କରି ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

### ଉତ୍କଳ ସମ୍ମିଳନୀ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ଅନୁଗୋଳ ଅଫିସ, ୧୧।୪: ଅନୁଗୋଳ କାଣ୍ଡସର ଗ୍ରାମର କୁମ୍ଭାରସାହି ସ୍ଥିତ ମା’ ମଙ୍ଗଳା ପୂଜା ଅବସରରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ଶାଖା ପକ୍ଷରୁ ଏକ ମୁକ୍ତ ମଞ୍ଚ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଐତିହ୍ୟ, ପରମ୍ପରା, ମହାପୁରୁଷଙ୍କ ଜୀବନୀ, ନିଶାସେବନ, ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ଜନସଚେତନତା ସୃଷ୍ଟି କରିବା ପାଇଁ ଆଖପାଖ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି କୁଇଜ ପ୍ରତିଯୋଗିତା କରାଯାଇଥିଲା। କାଣ୍ଡସର ଗ୍ରାମ ସଭାପତି ଉଦୟନାଥ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀର ଜିଲା ସମ୍ପାଦକ ଇଂ. ଧନେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦୁର୍ଯ୍ୟୋଧନ ମୁଦୁଲି, ମାଧବ ମୁଦୁଲି, ଦୟାନିଧି ମୁଦୁଲି ଓ ଅଥାନି ବେହେରା ପ୍ରମୁଖ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଉତ୍କଳ ସମ୍ମିଳନୀ କୋଷାଧକ୍ଷ ଶ୍ରୀକାନ୍ତ କୁମାର ସାହୁଙ୍କ ସହ ଆଖପାଖ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ।

# ତାଳଚେରରେ ଭାଜପାର ରୋଡ୍ ଶୋ

ତାଳଚେର, ୧୧।୪(ନି.ପ୍ର.)



ଭାଜପା ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

ଭାଜପା ପକ୍ଷରୁ ଗୁରୁବାର ତାଳଚେରରେ ଏକ ରୋଡ୍ ଶୋ ଆୟୋଜନ କରାଯାଇଥିଲା। ଏଥିରେ ତାଳଚେର ବିଧାୟକ ପ୍ରାର୍ଥୀ କାଳନ୍ଦୀ ସାମଲ, ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ବିଜେଡି ଛାଡ଼ି ନିକଟରେ ପଦ୍ମ ଧରିଥିବା ପୂର୍ବତନ ବିଧାୟକ ରବି ନାରାୟଣ ପାଣି ପ୍ରମୁଖ ହଜାର ହଜାର ସମର୍ଥକଙ୍କ ଗହଣରେ ତାଳଚେର ଟାଉନ ଜଗନ୍ନାଥ ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଗୋପାଳପ୍ରସାଦସ୍ଥିତ ମା’ ହିଙ୍ଗୁଳା ମନ୍ଦିରଠାରେ ପହଞ୍ଚିଥିଲେ। ଏହାପରେ ୧୮ ନମ୍ବର ଜୋନ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ, କୁମୁଣ୍ଡା, କଳମଛୁଇଁ, ଗୋପାଳପ୍ରସାଦ, ଉଅଁରା, ବଡ଼ଯୋରଡା, କର୍ଣ୍ଣପୁର ଆଦି ପଞ୍ଚାୟତର ବହୁ ଗ୍ରାମ ବୁଲି ନିର୍ବାଚନ ପ୍ରଚାର କରିଥିଲେ। ସେହିପରି ଗାଁ ଗାଁରେ ବିଜୟ ସଂକଳ୍ପ ସଭାମାନ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାତ୍ର, ଅନୁପମା ପ୍ରଧାନ, ବୀରଞ୍ଚି ସାହୁ, ରାଜେନ୍ଦ୍ର ସିଂ, ନିରଞ୍ଜନ ପ୍ରଧାନ, ପ୍ରକାଶ ମହାରଣା, ଗଗନ ବିହାରୀ ସାହୁ, ପେସ୍କାର ଗଡ଼ନାୟକ, ଚୈତନ୍ୟ ପ୍ରଧାନ, ବିଜୟ ବିଶ୍ୱାଳ, ଅକ୍ରୁର ସାହୁ, ରଞ୍ଜନ ଆଚାର୍ଯ୍ୟ, ସୁକେଶିନୀ ବେହେରା, ବରୁଣ ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ।

# ଭୋଟ ମାଗିଲେ ଷ୍ଟାର ପ୍ରଚାରକ

ଅନୁଗୋଳ ଅଫିସ/ଛେଣ୍ଡିପଦା, ୧୧।୪(ସ୍ୱ.ପ୍ର.)




ସମାବେଶରେ ଯୋଗ ଦେଇଥିବା ଭାଜପା କର୍ମୀମାନେ।

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବଡକେରଜାଙ୍ଗ ମହୋତ୍ସବ ପଡିଆରେ ଗୁରୁବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ଷ୍ଟାର ପ୍ରଚାରକମାନେ ଯୋଗଦେଇ ଓଡ଼ିଶାର ବିକାଶ ପାଇଁ ଡବଲ ଇଞ୍ଜିନ କଥା ଉଠାଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ ଯୋଜନା ସମ୍ପର୍କରେ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।

ଅପରାହ୍ନରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ଦଳର ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଚଳଚ୍ଚିତ୍ର ତାରକା ତଥା ଭାଜପା ନେତା ଶ୍ରୀତମ ଦାଶ ଓ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କ ସ୍ତ୍ରୀ ଅରୁନ୍ଧତି ଦେବୀ ଯୋଗଦେଇ ଓଡ଼ିଶାରେ ସରକାର ପରିବର୍ତ୍ତନ କରିବା ସହିତ ଡବଲ ଇଞ୍ଜିନ ସରକାର ଗଠନ ହେବା ଦରକାର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା, ରାଜ୍ୟ ହରିଜନ ମୋର୍ଚ୍ଚା ସମ୍ପାଦକ ସଞ୍ଜୟ ନାଏକ, ଜିଲା କାର୍ଯ୍ୟକାରୀ ସଭ୍ୟ ଗୋବିନ୍ଦ ନାଏକ, ଜିଲା ସମ୍ପାଦକ ବିଜୟ କୁମାର ମାଝି, ଜିଲା ସାଧାରଣ ସମ୍ପାଦକ ଚୌଧୁରୀ ପ୍ରଧାନ, ଗତିକୃଷ୍ଣ ପ୍ରଧାନ, କୃଷକ ମୋର୍ଚ୍ଚା ମଣ୍ଡଳ ସଭାପତି ଗୌରାଙ୍ଗ ଚନ୍ଦ୍ର ନାୟକ, ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ଲୋକସଭା ବିସ୍ତାରକ ଗୋଦାବରୀଶ ପ୍ରଧାନଙ୍କ ସମେତ ହଜାର ହଜାର କର୍ମୀ ଯୋଗଦେଇଥିଲେ।






■ପରାବିଲ ସେବା ସମବାୟ ସମିତି ଘୋଟାଲା ଘଟଣା

# ଜାତୀୟ ମାନବାଧିକାର କମିଶନଙ୍କ ରିପୋର୍ଟ ତଲବ

ଅନୁଗୋଳ ଅଫିସ, ୧୧।୪

ଅନୁଗୋଳ ଜିଲା କଣିହାଁ ସ୍ଥିତ ପରାବିଲ ସେବା ସମବାୟ ସମିତି ବ୍ୟାଙ୍କ ଘୋଟାଲା ଘଟଣାରେ ତଦନ୍ତ ପାଇଁ ଗଢ଼ା ହୋଇଥିବା ଟିମ୍ ଅଦ୍ୟାବଧି କୌଣସି ରିପୋର୍ଟ ପ୍ରଦାନ କରିନାହିଁ। ଗ୍ରାମର ବହୁ ଲୋକଙ୍କ ନାମରେ ଋଣ ଉଠାଯାଇ ସମିତି ଅଧିକାରୀମାନେ ଟଙ୍କା ଆତ୍ମସାତ କରିଥିବା ଥାନାରେ ଅଭିଯୋଗ ହୋଇଥିଲେ ହେଁ ଏ ବାବଦରେ କୌଣସି ମାମଲା ରୁଜୁ ହୋଇ ନାହିଁ। ଏପରିକି ଜିଲା ପ୍ରଶାସନ ଓ ଏସ୍‌ପିଙ୍କ ପାଖରେ ଅଭିଯୋଗ ସତ୍ତ୍ୱେ ସମାଧାନର ବାଟ ବାହାରିପାରି ନାହିଁ। ତେଣୁ ଲୋକେ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନ ନଂ. ୧୧୩୪/୧୮/୧୬/୨୦୧୯ରେ ମାମଲା ରୁଜୁ କରିବା ସହ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

ଭଦ୍ରକ ଅଫିସ, ୧୧।୪

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ବନ୍ଧଗାଁ ଗ୍ରାମର ନିରଞ୍ଜନ ମହାପାତ୍ର ବିଦ୍ୟୁତ୍ ଆଘାତରେ ବୁଧବାର ରାତିରେ ପ୍ରାଣ ହରାଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।






# ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ




ପାଲଲହଡ଼ା, ୧୧।୪(ଡି.ଏନ.ଏ.)

ପାଲଲହଡ଼ା ବ୍ଲକ ସ୍ଥିତ ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ ମୁଖ୍ୟଅତିଥି, କିଶୋରନଗର ଡିଆଇଇଟିର ଟିଚର ଏଜୁକେଟର ଲକ୍ଷ୍ମଣ କୁମାର ସାହୁ ମୁଖ୍ୟବକ୍ତା, ବିଡିଓ ତ୍ରିବିକ୍ରମ କୁମୁରା, ପାଲଲହଡା ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରମାନେ ଦୃଢ ଇଚ୍ଛାଶକ୍ତି ରଖି କଠୋର ପରିଶ୍ରମ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ